R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୧୧୦
ତିଥି : ଦଶମୀ
୨୪ ଜାନୁଆରୀ ୨୦୨୫, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 110
24 Jan 2025, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ଟ୍ରମ୍ପଙ୍କ ଦ୍ୱିତୀୟ ପାଳିରେ ନାଗରିକତ୍ୱ ଲାଗି ଭାରତୀୟଙ୍କ ସଂଘର୍ଷ

## ଆଗୁଆ ପ୍ରସବ ଲାଗି ହସ୍ପିଟାଲରେ ଦମ୍ପତିଙ୍କ ଭିଡ



ୱାଶିଂଟନ, ୨୩।୧ : ଆମେରିକାର ନୂଆ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନୂଆ ଜନ୍ମ ଅଧିକାର ନାଗରିକତା ଆଇନକୁ ନେଇ ସେଠାରେ ଭାରତୀୟ ଦମ୍ପତିମାନେ ଆତଙ୍କିତ ହୋଇପଡ଼ିଛନ୍ତି । ସମୟ ପୂର୍ବରୁ ପ୍ରସବ ପାଇଁ ବିଭିନ୍ନ ହସ୍ପିଟାଲରେ ଭିଡ଼ ଜମାଇଛନ୍ତି । ଆମେରିକା ରାଷ୍ଟ୍ରପତି ନିର୍ଦ୍ଦେଶ ଦେଇଛନ୍ତି ଯେ ଜନ୍ମ ଅଧିକାର ନାଗରିକତା ଆଇନ ଯାହା ପୂର୍ବରୁ ଥିଲା ଫେବୃଆରୀ ୨୦ ପରେ ତାହା ଲାଗୁ ହେବ ନାହିଁ । ଆମେରିକାରେ ଜନ୍ମିତ ସମସ୍ତ ପିଲା ନାଗରିକ ଅଧିକାର ପାଇବେ ନାହିଁ । ଟ୍ରମ୍ପଙ୍କ ଏହି ଆଦେଶ ସ୍ୱାକ୍ଷର ହେବାର ୩୦ ଦିନ ପରେ କାର୍ଯ୍ୟକାରୀ ହେବ ।

ଫେବୃଆରୀ ୨୦ ପରେ ଜନ୍ମ ହେଉଥିବା ପିଲାମାନେ ଏବେ ଆରେମିକାରେ ଜନ୍ମ ଅଧିକାର ପାଇବେ ନାହିଁ । ଏହାକୁ ଦୃଷ୍ଟିରେ ରଖି ଆମେରିକାରେ ରହୁଥିବା ଅନ୍ୟ ଦେଶର ବାସିନ୍ଦାମାନେ ଏବେ ହସ୍ପିଟାଲରେ ଭିଡ଼ ଲଗାଇଛନ୍ତି । ଯେଉଁ ପିଲାମାନେ ଫେବୃଆରୀ ୧୯

### ଫେବୃଆରୀ ୨୦ ପରେ ଜନ୍ମିତ ବ୍ୟକ୍ତିଙ୍କୁ ମିଳିବନି ନାଗରିକତ୍ୱ

### ଟ୍ରମ୍ପଙ୍କ ନୂଆ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶର ପ୍ରତିଫଳନ

ମଧ୍ୟରେ ଜନ୍ମ ହେବେ ସେମାନଙ୍କୁ ଆମେରିକା ନାଗରିକତ୍ୱ ମିଳିବ । ଡାକ୍ତରଖାନା ବାହାରେ ଗର୍ଭବତୀଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି । ନିଉ-ଜର୍ସିର ଏକ ପ୍ରସବ କ୍ଲିନିକର ମୁଖ୍ୟ ଡ. ଏସ୍‌ଡି ରାମା କହିଛନ୍ତି ଯେ ୮ ଓ ୯ ମାସ ଧରି ଗର୍ଭବତୀ ହୋଇଥିବା ମହିଳାମାନେ ଅଧିକ ସଂଖ୍ୟାରେ ଆସୁଛନ୍ତି । ସେମାନଙ୍କ ମଧ୍ୟରେ ଅଧିକାଂଶ ଭାରତୀୟ ମହିଳା ରହିଛନ୍ତି । ଫେବୃଆରୀ ୨୦ ପୂର୍ବରୁ ପ୍ରସବ ପାଇଁ କହୁଛନ୍ତି । ସେହିଭଳି ଗ୍ରୀନକାର୍ଡ଼ଧାରୀଙ୍କର ଲମ୍ବା ଧାଡ଼ି ଲାଗିଛି । ଯେଉଁମାନେ ଆମେରିକାର ସ୍ଥାୟୀ ବାସିନ୍ଦା ୭ ମାସ ହୋଇଥିବା (୯ ପୃଷ୍ଠାରେ)

## ଅଜଣା ରୋଗରେ ଗଲାଣି ୧୭ ଜୀବନ

ନୂଆଦିଲ୍ଲୀ, ୨୩।୧ : ଜାମ୍ମୁ-କାଶ୍ମୀରର ରାଜୌରୀ ସହରରେ ଏକ ଅଜଣା ରୋଗ ବ୍ୟାପିଛି । କୌଣସି କାରଣ ନଥାଇ ୩ ପରିବାରର ୧୭ ଜଣଙ୍କର ମୃତ୍ୟୁ ହୋଇଗଲାଣି । ସ୍ଥାନୀୟ ଅଧିକାରୀମାନେ ଏହାର କାରଣ ଅନୁସନ୍ଧାନ କରିବାରେ ଲାଗିଛନ୍ତି । ମାତ୍ର ଏପର୍ଯ୍ୟନ୍ତ ମୃତ୍ୟୁର କାରଣ ଜଣାପଡୁ ନାହିଁ । ରାଜୌରୀ ସହର ନିକଟରେ (୯ ପୃଷ୍ଠାରେ)

SIKSHA 'O' ANUSANDHAN
SAAT-2025
Empowering students for a brighter future
CORE B.TECH PROGRAMMES IN COMPUTING
Computer Science and Engineering
Computer Science and Information Technology
APPROVAL & RECOGNITIONS
Approved by UGC and AICTE
Re-accredited by NAAC with A++ Grade
Granted with Category-1 Graded Autonomy by UGC
NBA Accredited Programmes
NIRF INDIA RANKINGS 2024
14th Best in University Category
26th Best in Engineering Category
INTERNATIONAL RANKINGS 2025
Ranked in QS World Rankings 2025
Ranked in Times World Rankings 2025
To apply for admission through SAAT, Please visit: www.soa.ac.in

## ପତ୍ନୀଙ୍କୁ ଖଣ୍ଡଖଣ୍ଡ କରି ପ୍ରେସରରେ ସିଝାଇଲା

ନୂଆଦିଲ୍ଲୀ, ୨୩।୧ : ହାଇଦ୍ରାବାଦରେ ଜଣେ ପୂର୍ବତନ ସୈନିକଙ୍କ ବର୍ବରୋଚିତ କାଣ୍ଡ ଏବେ ସାମ୍ନାକୁ ଆସିଛି । ନିଜ ପତ୍ନୀଙ୍କୁ ହତ୍ୟା କରିବା ସହ ତା'ର ଶରୀରକୁ ଖଣ୍ଡଖଣ୍ଡ କରି କାଟି ପ୍ରେସରକୁକରରେ ସିଝାଇ ବିଭିନ୍ନ ହ୍ରଦରେ ସମ୍ପୃକ୍ତ ସୈନିକ ଫୋପାଡ଼ିଛନ୍ତି । ମଣିଷରୂପୀ ଏହି ରାକ୍ଷସର କାର୍ଯ୍ୟ ଲୋମଟାଙ୍କୁରା ବୋଲି କୁହାଯାଉଛି ।

ଗୁରୁମୂର୍ତ୍ତି ନାମକ ଜଣେ ୪୫ ବର୍ଷୀୟ ପୂର୍ବତନ ସୈନିକ ଏଭଳି କାଣ୍ଡ ଭିଆଇଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି । ସମ୍ପୃକ୍ତ ବ୍ୟକ୍ତିଜଣଙ୍କ ଏବେ ଡିଆର୍‌ଡିଓରେ ସୁରକ୍ଷାକର୍ମୀ ଅଛନ୍ତି । ତାଙ୍କ ପତ୍ନୀ ୩୫ ବର୍ଷ ବୟସ୍କା ବେକାନ୍ତ ମାଧବୀଙ୍କୁ ସେ ଏଭଳି ନିର୍ମମ ଭାବେ ହତ୍ୟା କରିଛନ୍ତି । ଘଟଣାରୁ ପ୍ରକାଶ ଯେ ଗତ ୧୬ ତାରିଖରେ ମାଧବୀଙ୍କ ପରିବାର ପକ୍ଷରୁ ନିରୁଦ୍ଦିଷ୍ଟ ହେବାନେଇ ଥାନାରେ ଏତଲା ଦିଆଯାଇଥିଲା । ପରିବାରବର୍ଗ ଏଥିନେଇ ତାଙ୍କ ସ୍ୱାମୀଙ୍କୁ ସନ୍ଦେହ କରିଥିଲେ । ତେବେ ପୋଲିସ ଅଧିକାରୀମାନେ ଏହି ଅପରାଧର ତଦନ୍ତ କରୁଥିଲେ । ପୋଲିସ ଇନ୍ସପେକ୍ଟର ନାଗାରାଜୁଙ୍କ କହିବା ଅନୁଯାୟୀ (୯ ପୃଷ୍ଠାରେ)

### ନବ ଦାସ ହତ୍ୟା ମାମଲା

## ସରକାର ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ : ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୨୩।୧ (ସବ୍ୟୁ) : ନବ ଦାସ ହତ୍ୟାକାଣ୍ଡ ମାମଲାରେ ସରକାର ଶୀଘ୍ର ନିଷ୍ପତ୍ତି ନେବେ । ବିଭିନ୍ନ ତଥ୍ୟ ଗୋଟି ଗୋଟି କରି ସାମ୍ନାକୁ ଆସୁଛି । ଏଭଳି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।

ସେ କହିଛନ୍ତି, ପୂର୍ବ ସରକାର ସମୟରେ ଭୟର ବାତାବରଣ ଥିବାରୁ ଅନେକ ଲୋକ ମୁହଁ ଖୋଲୁନଥିଲେ । ଏପରିକି ନବ ଦାସଙ୍କ ପରିବାର ଲୋକ ମଧ୍ୟ ମୁହଁ ଖୋଲିବାକୁ ସାହାସ କରୁନଥିଲେ । ସେ ଭୟ ଏବେ ଦୂରେଇ ଯାଇଛି । ତେଣୁ ଅନେକ ତଥ୍ୟ ଧୀରେ ଧୀରେ ସାମ୍ନାକୁ ଆସିବା ଆରମ୍ଭ ହୋଇଛି । ଆଉ ସେହି ସବୁ ତଥ୍ୟକୁ ହୁଏତ ଆଗାମୀ ଦିନରେ ତଦନ୍ତ ପରିସରଭୁକ୍ତ କରାଯିବ । ସିବିଆଇ ତଦନ୍ତ କରିବାକୁ (୯ ପୃଷ୍ଠାରେ)

DSPL- 346

Pradhan Mantri Awaas Yojna-Gramin
ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା - ଗ୍ରାମୀଣ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପ୍ରଧାନମନ୍ତ୍ରୀ
ଆବାସ ଯୋଜନା (ଗ୍ରାମୀଣ) ରେ
ନୂତନ ହିତାଧିକାରୀ ଚୟନ ନିମନ୍ତେ ସର୍ଭେ

- ଆବାସ ପ୍ଲସ ମୋବାଇଲ ଆପ୍ (AwaasPlus2024 App) ଜରିଆରେ ସର୍ଭେ ।
- ପ୍ରଥମ ଥର ପାଇଁ ଆଶାୟୀ ପରିବାର ନିଜେ ନିଜର ସର୍ଭେ କରିବା ସହ ପୃଥକ୍ ଭାବେ ବାସ କରୁଥିବା ପରିବାର ମଧ୍ୟ ସର୍ଭେରେ ସାମିଲ ହୋଇପାରିବେ ।
- ଯୋଗ୍ୟତାର ମାନଦଣ୍ଡକୁ କୋହଳ କରାଯାଇ ଦୁଇ ଚକିଆ ଯାନ, ରେଫ୍ରିଜେରେଟର ଓ ଲ୍ୟାଣ୍ଡ ଲାଇନ ଫୋନ ଥିବା ପରିବାର ମଧ୍ୟ ସର୍ଭେ ତାଲିକାଭୁକ୍ତ ହୋଇପାରିବେ ।
- ଗୃହ ମଞ୍ଜୁର ପାଇଁ ପରିବାରର ମାସିକ ଆୟ ସୀମା ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ।

ପ୍ରତ୍ୟେକ ଯୋଗ୍ୟ ପରିବାରଙ୍କୁ ସର୍ଭେ ତାଲିକାଭୁକ୍ତ କରିବା ପାଇଁ ସରକାରଙ୍କୁ ସହଯୋଗ କରିବାକୁ ଅନୁରୋଧ ।

ପୂରଣ ହେବ ପକ୍କା ଘର ଆଶା, ବିକଶିତ ହେବ ଆମ ଓଡ଼ିଶା

OIPR: 19001/13/0009/2425

ସହାୟତା ପାଇଁ ଟୋଲ୍ ଫ୍ରି ନମ୍ବର ୦୬୭୪- ୬୧୭୭୭୭ ରେ ଯୋଗାଯୋଗ କରନ୍ତୁ ।
ବିସ୍ତୃତ ସୂଚନା https://pmayg.nic.in / https://www.rhodisha.gov.in ରେ ଉପଲବ୍ଧ ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

## ସୋସିଆଲ କୋଟ୍ସ



"ଭାରତର ସୁପରଷ୍ଟାର ତଥା ଫେଭ୍‌ରିଟ୍ ଷ୍ଟାରଙ୍କୁ ବଞ୍ଚାଇବା ପାଇଁ ସମ୍ପୃକ୍ତ ଅଟୋଚାଳକଙ୍କୁ ପୁରସ୍କାରର ଆବଶ୍ୟକତା ରହିଛି । ତାଙ୍କୁ ଅତିକମ୍‌ରେ ୧୧ଲକ୍ଷ ଟଙ୍କାର ପୁରସ୍କାର ଦେବା ଦରକାର ।

**ମିକା ସିଂ, ସିଙ୍ଗର**



"ମୁଁ ପରିବାରକୁ ଖୁବ ଭଲ ପାଇଥାଏ । ଜୀବନରେ ଯାହା କିଛି ବି କରିଛି ପରିବାର ପାଇଁ କରିଛି । ଆଗକୁ ମଧ୍ୟ ଏହି ଧାରା ବଜାୟ ରହିବ ।

**ଅଭିଷେକ ବଚ୍ଚନ, ଅଭିନେତା**



"ଫିଲ୍ମ ଫ୍ଲପ୍ ହେବା ପରେ ନିରାଶ ଥିଲି । ଇଣ୍ଡଷ୍ଟ୍ରୀ ଛାଡିବାକୁ ନିଷ୍ପତ୍ତି ନେଇଥିଲି । ହେଲେ ଜଞ୍ଜିର ଫିଲ୍ମ ମୋ ଭାଗ୍ୟ ବଦଳାଇଥିଲା ।

**ଅମିତାଭ ବଚ୍ଚନ, ଅଭିନେତା**

## ନୂଆ ବର୍ଷ, ନୂଆ ଯୋଜନା

**ଏହି ବର୍ଷ କିଛି ନୂଆ କରିବାକୁ ଚାହୁଁଥିଲେ ନିଜର କିଛି ବ୍ୟବହାରରେ ପରିବର୍ତ୍ତନ ଆଣନ୍ତୁ । ଯାହା ଆପଣଙ୍କୁ ଏକ ନୂଆ ଓ ମାର୍ଜିତ ଜୀବନ ପ୍ରଦାନ କରିବ । ତେଣୁ ନିଜର ନ୍ୟୁଇୟର ରିଜୋଲେସନରେ ଏଥର କିଛି ନୂଆ କଥାକୁ ସାମିଲ କରନ୍ତୁ ।**




**ଡେରି କରିବା ଅଭ୍ୟାସ ବଦଳାନ୍ତୁ–** ଯଦି ସବୁ ସ୍ଥାନରେ ଆପଣ ଡେରିରେ ପହଞ୍ଚିବାର ଅଭ୍ୟାସ ଅଛି, ତେବେ ତୁରନ୍ତ ଏହାକୁ ବଦଳାନ୍ତୁ । ଯଦି କାହାକୁ ଦେଖା ହେବାକୁ ଯାଉଛନ୍ତି ତେବେ ସଠିକ୍ ସମୟରେ ପହଞ୍ଚନ୍ତୁ । ସେହିଭଳି ନିଜର ସମସ୍ତ କାର୍ଯ୍ୟକୁ ସମୟରେ ସାରିବାକୁ ଚେଷ୍ଟା କରନ୍ତୁ । ଧୀରେଧୀରେ ଏହି ଅଭ୍ୟାସକୁ ବଦଳାଇବାକୁ ଚେଷ୍ଟା ଆରମ୍ଭ କରନ୍ତୁ, ନିଶ୍ଚେ ସଫଳ ହେବେ । ତେଣୁ ଚଳିତବର୍ଷ କିଭଳି କୌଣସି କାର୍ଯ୍ୟରେ ଆପଣ ବିଳମ୍ବ ହେବେ ନାହିଁ ସେ ନେଇ ଚେଷ୍ଟିତ ରୁହନ୍ତୁ ।

**ସମସ୍ତଙ୍କ କାର୍ଯ୍ୟରେ ସାମିଲ ହୁଅନ୍ତୁ–** ଅନେକ ସମୟରେ ଆମକୁ କୌଣସି ସ୍ଥାନକୁ ଯିବାପାଇଁ ନିମନ୍ତ୍ରଣ ଥାଏ ହେଲେ ଆମେ ସେଠାରେ ଯୋଗ ଦେଇ ନଥାଉ । ଆମେ ଏପରି ଭାବୁ କି ଆମର ଉପସ୍ଥିତି ତାଙ୍କୁ କିଛି ଫରକ ପକାଇବ ନାହିଁ । ହେଲେ ଏପରି ଭାବିବା ଭୁଲ, ଆପଣଙ୍କ ସ୍ୱଳ୍ପ ସମୟର ଉପସ୍ଥିତି ବି ତାଙ୍କୁ ଖୁସି ଦେଇଥାଏ । ଯାହା ଏକ ବଡ ଉପଲବ୍ଧି । ଅନ୍ୟକୁ ଖୁସି କରାଇବା ଜୀବନର ଏକ ଲକ୍ଷ ହେବା ଆବଶ୍ୟକ ।

**ଯୋଜନା ପ୍ରସ୍ତୁତ କରନ୍ତୁ–** ଚଳିତ ବର୍ଷ ସବୁ କାର୍ଯ୍ୟ ପାଇଁ ଯୋଜନା କରିବା ଶିଖନ୍ତୁ । ଆସନ୍ତା ଦିନ ପାଇଁ ପୂର୍ବ ଦିନଠାରୁ ଯୋଜନା ପ୍ରସ୍ତୁତ କରନ୍ତୁ । ଯେଉଁ ବି କାମ ଥାଉ ଏହାକୁ ବ୍ୟବସ୍ଥିତ ଢଙ୍ଗରେ କରିବା ଦ୍ୱାରା ଏହା ସୁରୁଖୁରୁରେ ହୋଇଥାଏ । ଘରେ ରହୁଥିଲେ ମଧ୍ୟ ଏଥିପାଇଁ ପୂର୍ବଦିନରୁ ପ୍ଲାନ୍ କରନ୍ତୁ । ଏକ ବ୍ୟବସ୍ଥିତ ଦିନ ମନକୁ ଶାନ୍ତ ରଖିଥାଏ ।

**ନିଜ ପାଇଁ ସମୟ କାଢନ୍ତୁ–** ସବୁଠାରୁ ଆବଶ୍ୟକ ହେଲା ନିଜ ପାଇଁ ସମୟ କାଢିବା । ଶାରିରୀକ, ମାନସିକ ସ୍ତରରେ ସୁସ୍ଥ ରହିବାକୁ ହେଲେ ନିଜ ପାଇଁ ସମୟ କାଢିବାର ଆବଶ୍ୟକ ହୋଇଥାଏ । ଠିକ୍ ସମୟରେ ଖାଦ୍ୟ ଖାଇବା, ବ୍ୟାୟାମ କରିବା, ସଠିକ୍ ସମୟରେ ଶୋଇ ଉଠିବା ଆଦି ଆମପାଇଁ ଖୁବ ଜରୁରୀ ହୋଇଥାଏ । ତେଣୁ ଏ ସମସ୍ତ କଥାକୁ ଧ୍ୟାନ ଦିଅନ୍ତୁ ଏବଂ ନିଜର ଯତ୍ନ ନିଅନ୍ତୁ ।

## ଏଲିଅନ୍ ସି ବଗ୍



ଭିଏତନାମରେ ବୈଜ୍ଞାନିକଙ୍କୁ ମିଳିଛି ଏକ ଏଲିଅନ୍ ଭଳି ସି ବଗ୍ ବା ସମୁଦ୍ରୀ ପୋକ । ଏହା ଦେଖିବାକୁ ଏକ ଏଲିଅନ ଭଳି ହୋଇଥିବାରୁ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ତେବେ ବୈଜ୍ଞାନିକମାନେ ଏହାର ନାମ ଷ୍ଟାରୱାର୍ ଫ୍ରାଞ୍ଚାଇଜ୍‌ର କ୍ୟାରେକ୍ଟର ଡାର୍ଥ ଭେଡର ନାମରେ ବିଥ୍ୟାନୋମୋସ ଭଦେରି ରଖିଛନ୍ତି । ଏହି ଜୀବର ଲମ୍ବ ୩୨.୫ ସିଏମ୍ ଥିବାବେଳେ ଓଜନ ଏକ କେଜିରୁ ଅଧିକ । ଭିଏତନାମର ବାସିନ୍ଦା ଏହାକୁ ବୋବିନ୍ ନାମରେ ଜାଣିଥିବା ବୈଜ୍ଞାନିକ ପ୍ରକାଶ କରିଛନ୍ତି । ଏହାର ମାଂସକୁ ଏଠିକାର ଲୋକ ଖାଇମଧ୍ୟ ଥାଆନ୍ତି । ଏହାକୁ ବରଫରେ ଷ୍ଟୋର କରି ରଖି ଏମାନେ ରାନ୍ଧି ଖାଆନ୍ତି । ତେବେ ଏହା ଆଉ କେଉଁ ସ୍ଥାନରେ ମିଳୁଛି ସେ ନେଇ କୌଣସି ସୂଚନା ବୈଜ୍ଞାନିକମାନେ ଦେଇ ନାହାନ୍ତି । ଭିଏତନାମରେ ଏହାର ମୂଲ୍ୟ ଢେର ଅଧିକ । ସେହିଭଳି ଲୋକଙ୍କର ଚାହିଦା ଅନୁସାରେ ଏଠାରେ ପ୍ରତିବର୍ଷ ମିଲିଅନ କୁଇଣ୍ଟାଲର ସି ବଗ୍‌ଙ୍କୁ ଶିକାର କରାଯାଇଥାଏ ।

## ଇତିହାସ

୧୮୨୬: ପ୍ରଥମ ଭାରତୀୟ ବାରିଷ୍ଟର ଜ୍ଞାନେନ୍ଦ୍ର ମୋହନ ଟାଗୋରଙ୍କ ଜନ୍ମ ।

୧୮୫୭– କୋଲକାତା ବିଶ୍ୱବିଦ୍ୟାଳୟର ସ୍ଥାପନା କରାଗଲା ।

୧୮୫୯–୨୩୦ ମିଟର ଗଭୀର ପୂଅକୁ ଖୋଳିବା ପରେ ପ୍ରଥମଥର ପାଇଁ କୂଅ ମଧ୍ୟରୁ ତେଲ ବାହାର କରାଗଲା ।

୧୯୫୦– ସମ୍ବିଧାନ ସଭାରେ ଡ. ରାଜେନ୍ଦ୍ର ପ୍ରସାଦଙ୍କୁ ଦେଶର ପ୍ରଥମ ରାଷ୍ଟ୍ରପତି ଭାବେ ଚୟନ କରାଗଲା ।

୧୯୫୦– ଜନ–ଗଣ–ମନକୁ ରାଷ୍ଟ୍ରୀୟ ସଙ୍ଗୀତ ରୂପେ ମାନ୍ୟତା ମିଳିଲା ।

୧୯୫୧– ପ୍ରେମ ମାଥୁର ଦେଶର ପ୍ରଥମ ମହିଳା ବାଣିଜ୍ୟିକ ପାଇଲଟ୍ ହେଲେ ।

୧୯୫୨– ମୁମ୍ବାଇରେ ପ୍ରଥମ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲର ଆୟୋଜନ କରାଗଲା ।

୧୯୬୫– ବ୍ରିଟେନର ପ୍ରଧାନମନ୍ତ୍ରୀ ୱିନଷ୍ଟନ ଚର୍ଚ୍ଚିଲଙ୍କ ପରଲୋକ ।

୨୦୦୦– ନିର୍ବାଚନରେ ଦଳିତଙ୍କ ଆକ୍ଷରଣକୁ ୧୦ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ।

୨୦୧୧– ଭାରତରତ୍ନ ସମ୍ମାନିତ ପ୍ରସିଦ୍ଧ ଶାସ୍ତ୍ରୀୟ ଗାୟକ ପଣ୍ଡିତ ଭୀମସେନ ଯୋଶୀଙ୍କ ଦେହାନ୍ତ ।

## ଲାଜ କରୁଥିଲେ ଶ୍ରୀଦେବୀ



ଦିବଙ୍ଗତ ଶ୍ରୀଦେବୀ ବଲିଉଡର ଜଣେ ଏଭଳି ଅଭିନେତ୍ରୀ ଥିଲେ ଯାହାର ଫ୍ୟାନ୍ ଆଜି ବି ରହିଛନ୍ତି । ତାଙ୍କ ମୃତ୍ୟୁର ଏତେ ଦିନ ପରେ ବି ତାଙ୍କ ଫିଲ୍ମ ଦେଖିବାକୁ ଆଜି ବି ଲୋକ ପସନ୍ଦ କରନ୍ତି । ତେବେ ନିକଟରେ ତାଙ୍କ ସାନଝିଅ ଖୁସି କପୁର ଶ୍ରୀଦେବୀଙ୍କୁ ନେଇ କିଛି ମଜାଦାର କଥା ଗଣମାଧ୍ୟମରେ ପ୍ରକାଶ କରିଛନ୍ତି । ଖୁସିଙ୍କ ସୂଚନା ଅନୁସାରେ ଶ୍ରୀଦେବୀ କେବେ ବି ତାଙ୍କ ଫିଲ୍ମ ନିଜ ପିଲାଙ୍କୁ ଦେଖିବାକୁ ଦେଉନଥିଲେ । ସେ ବହୁତ ଲାଜକୁଳୀ ଥିଲେ ତେଣୁ ତାଙ୍କ ଆଗରେ ତାଙ୍କ ଫିଲ୍ମ ଦେଖିବା ସେମାନଙ୍କ ପାଇଁ କଷ୍ଟକର ଥିଲା । ତେଣୁ ଖୁସି ଓ ଜାହ୍ନବୀ ଲୁଚି ଲୁଚି ତାଙ୍କ ଫିଲ୍ମ ଦେଖୁଥିଲେ ବୋଲି ଖୁସି ପ୍ରକାଶ କରିଛନ୍ତି । ତେବେ ଶ୍ରୀଦେବୀଙ୍କ ଫିଲ୍ମରୁ ସେ ଅନେକ କିଛି ଶିଖିଛନ୍ତି । ସେହିଭଳି ପିଲାଦିନୁ ଖୁସିଙ୍କର ଅନେକ ସମୟ ଫିଲ୍ମ ସେଟ୍‌ରେ କଟୁଥିଲା ଯାହା ତାଙ୍କୁ ନିଜ କ୍ୟାରିୟରରେ ଅନେକ ସହାୟତା ହେବ ବୋଲି ଖୁସି କହିଛନ୍ତି ।

## ପୁରୁଣା ସ୍ମୃତି ସହ ଯୋଡେ ଦୁଃଖ ସଙ୍ଗୀତ

ସାଧାରଣତଃ ସ୍ୟାଡ୍ ମ୍ୟୁଜିକ ବା ଦୁଃଖ ସଙ୍ଗୀତ ଅଧିକ ଦୁଃଖୀ କରିଦେଇଥାଏ ବୋଲି ସମସ୍ତଙ୍କର ଚିନ୍ତାଧାରା ରହିଛି । ହେଲେ ବର୍ତ୍ତମାନ ଏକ ଗବେଷଣା ଅନୁସାରେ ସ୍ୟାଡ୍ ମ୍ୟୁଜିକ ଆମ ଜୀବନର ଖୁସି ମୁହୂର୍ତ୍ତସହ ଆମକୁ ଯୋଡିଥାଏ । ସ୍ୟାଡ ମ୍ୟୁଜିକ୍ ଆମକୁ ଜୀବନର ଅନେକ ପୁରୁଣା ସ୍ମୃତିକୁ ମନେ ପକାଇଦେଇଥାଏ । ଏହି ବିଷୟ ବସ୍ତୁ ଉପରେ ଗେବଷକମାନେ ଅନେକ ଦିନ ଧରି ରିସର୍ଚ୍ଚ କରିବା ପରେ ଏହା ସୂଚନା ଦେଇଛନ୍ତି । ଏହି ଗବେଷଣାରେ ସେମାନେ ଅନେକଲୋକଙ୍କୁ ସାମିଲ କରିଥିଲେ । ଏଥିରୁ ଜଣା ପଡିଥିଲା କି ସ୍ୟାଡ୍ ମ୍ୟୁଜିକ ଆମକ ଦୁଃଖୀ କରିନଥାଏ ବରଂ ପୁରୁଣା ସ୍ମୃତିକୁ ମନେ ପକାଇବାରେ ସହାୟତା କରିଥାଏ । ଗବେଷଣା ଅନୁସାରେ ସ୍ୟାଡ୍ ମ୍ୟୁଜିକ୍ ଶୁଣିବା ଫଳରେ ଆମ ଶରୀରରେ ପ୍ରୋଲୋକ୍ଟିନ ହର୍ମୋନ ରିଲିଜ୍ ହୋଇଥାଏ, ଯାହା ଆମକୁ ମାନସିକ ଅବସାଦ ସମୟରେ ଶାନ୍ତି ପ୍ରଦାନ କରିଥାଏ ।



## ପଥର ଖାଇ ୩୦ ବର୍ଷ



ବିଭିନ୍ନ ସମୟରେ ଏଭଳି ଘଟଣା ସାମନାକୁ ଆସିଥାଏ, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାଏ । ସେହିଭଳି ଏକ ଘଟଣା ସମ୍ପର୍କରେ ବର୍ତ୍ତମାନ ଗଣ ମାଧ୍ୟମରେ ଚର୍ଚ୍ଚା ବଢିଛି । ଛତିଶଗଡର ଜଣେ ମହିଳା ପାଖାପାଖି ୩୦ ବର୍ଷ ହେବ କେବଳ ପଥର ଗୋଡି ଖାଇ ବଞ୍ଚିଛନ୍ତି । ସେ ପ୍ରତିଦିନ କାକୁଡି ଗାଜର ଭଳି ଛୋଟଛୋଟ ପଥରକୁ ଚୋବାଉଥିବାର ଭିଡିଓ ଭାଇରାଲ ହେଉଛି । ଏହା ତାଙ୍କର ବର୍ତ୍ତମାନ ଏକ ଅଭ୍ୟାସରେ ପରିଣତ ହୋଇଛି, ଯାହାକୁ ସେ ଛାଡିବା ତାଙ୍କ ପାଇଁ ମୁସକିଲ୍ ପାଲଟିଛି । ଏଗୁଡିକର ବାସ୍ନା ତାଙ୍କୁ ଭଲ ଲାଗିଥାଏ ତେଣୁ ସେମାନେ ଏହାକୁ ଖାଇବା ଆରମ୍ଭ କରିଥିଲେ । ଏହା ପରେ ତାଙ୍କର ଏକ ଅଭ୍ୟାସରେ ପରିଣତ ହୋଇଥିଲା । ତେବେ ଇଟା ପଥର ଖାଇବା ଦ୍ୱାରା ଏପର୍ଯ୍ୟନ୍ତ ତାଙ୍କର କୌଣସି ପେଟ ସମସ୍ୟା ଦେଖାଯାଇ ନଥିବା ତାଙ୍କ ପରିବାର ସଦସ୍ୟ ପ୍ରକାଶ କରିଛନ୍ତି ।

## ସାଲଭାସନ

**ଏହି ଯୋଗଟିକୁ କରିବା ପାଇଁ ସର୍ବପ୍ରଥମେ ଯୋଗମ୍ୟାଟ୍ ଉପରେ ପେଟ ତଳକୁ କରି ଶୋଇପଡ଼ନ୍ତୁ । ଏହାପରେ ଗୋଡ଼ ଓ ହାତ ଦୁଇଟିକୁ ଫଟୋ ଭଳି ପଛୁଆ ଧୀରେ ଧୀରେ ପାରୁ ପର୍ଯ୍ୟନ୍ତ ଉପରକୁ ଟେକନ୍ତୁ । ଏହି ସମୟରେ ଯେଭଳି ଆପଣଙ୍କର ଆଣ୍ଠୁ ଠାରୁ ଗୋଡ଼ ପର୍ଯ୍ୟନ୍ତ ସମସ୍ତ ଅଙ୍ଗ ସିଧା ରହିଥିବ ।**

### ଉପକାର

- ହାତ ଓ ଗୋଡ଼କୁ ମଜଭୁତ କରିବ ।
- ସାଇଟିକା ଲକ୍ଷଣରୁ ମୁକ୍ତି ଦେବ ।
- ଆଭ୍ୟନ୍ତରୀଣ ଅଙ୍ଗପ୍ରତ୍ୟଙ୍ଗ ସହିତ ପିଠି ମାଂସପେଶୀକୁ ଶକ୍ତ କରିବ ।
- ଜଙ୍ଘ, କାନ୍ଧ, ପେଟକୁ ପ୍ରସାରିତ କରିବ ।
- ଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ଦେବ ।



## ଅଖରୋଟ ମଟନ୍

**ସାମଗ୍ରୀ–** ୪୦୦ ଗ୍ରାମ ମଟନ, ଏକ କପ୍ ପିଆଜ, ଏକ କପ୍ ଟମାଟୋ, ଅଧା କପ୍ ଅଖରୋଟ୍, ଅଧା କପ୍ ନଡିଆ କୋରା, ୨ଟି କଞ୍ଚା ଲଙ୍କା, ଏକ ଚାମଚ ଅଦା ରସୁଣ ପେଷ୍ଟ, ୨ ଚାମଚ ଧନିଆ ପାଉଡର, ୨ଚାମଚ ଲଙ୍କା ଗୁଣ୍ଡ, ୨ ଚାମଚ ଗରମ ମସଲା, ଲୁଣ ସ୍ୱାଦ ଅନୁସାରେ ।

**ପ୍ରଣାଳୀ–** ପ୍ରଥମେ ପିଆଜ, ଟମାଟୋ, କଞ୍ଚାଲଙ୍କା ଓ ଅଖରୋଟକୁ କାଟି ନିଅନ୍ତୁ । ମିଡିଅମ୍ ଆଞ୍ଚରେ ପ୍ରେସର୍ କୁକରରେ ତେଲ ପକାଇ ଗରମ କରନ୍ତୁ । ତେଲ ଗରମ ହେବା ପରେ ଏଥିରେ ପିଆଜ ପକାଇ ହାଲୁକା ବ୍ରାଉନ୍ ହେବା ଯାଏଁ ଭାଜନ୍ତୁ । ପିଆଜ ଭାଜି ହେବା ପରେ ଅଦା ରସୁଣ ପେଷ୍ଟ ପକାଇ ଭାଜନ୍ତୁ । ପରେ ଏଥିରେ ଟମାଟ ପକାଇ ନରମ ହେବା ଯାଏଁ ରାନ୍ଧନ୍ତୁ । ଏହାପରେ ଏଥିରେ ସମସ୍ତ ଗୁଣ୍ଡ ମସଲା ଓ ଅଖରୋଟ ପକାଇ କିଛି ସମୟ ଯାଏଁ ଭାଜନ୍ତୁ । ବର୍ତ୍ତମାନ କୁକରରେ ମଟନ୍ ଓ ଅଳ୍ପ ପାଣି ଦେଇ ୪ରୁ ୫ଟି ସିଟି ଦିଅନ୍ତୁ । ଅନ୍ୟପଟେ ପ୍ୟାନ୍ ବସାଇ ଏଥିରେ ନଡିଆ କୋରା ପକାଇ ବ୍ରାଉନ୍ ହେବା ଯାଏଁ ଭାଜନ୍ତୁ । ଏହାକୁ ଥଣ୍ଡା କରି ଗୁଣ୍ଡ କରିନିଅନ୍ତୁ । ଏହାକୁ ମଟନ୍‌ରେ ମିଶାଇ ପୁଣି ୧୦ ରୁ ୧୫ ମିନିଟ୍ ଯାଏଁ ରାନ୍ଧନ୍ତୁ । ପରେ ଆଞ୍ଚ ବନ୍ଦ କରିନିଅନ୍ତୁ । ପ୍ରସ୍ତୁତ ହୋଇଗଲା ଅଖରୋଟ ମଟନ୍ ।







ବାରବାଟୀ ଦୁର୍ଗ ସତ୍ୟବ୍ରତ ଷ୍ଟାଡିୟମ ଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ ତମ ଜୟନ୍ତୀ ଅବସରରେ ଆୟୋଜିତ ପରାକ୍ରମ ଦିବସ ପାଳନ କାର୍ଯ୍ୟକ୍ରମ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

### କଟକରେ ନେତାଜୀ ଜୟନ୍ତୀ ଓ ପରାକ୍ରମ ଦିବସ

# ନେତାଜୀଙ୍କ ବିରତ୍ୱ ଓ ଯୁଦ୍ଧ କୌଶଳ ଦେଶ ସ୍ୱାଧିନତାର ମୁଖ୍ୟ କାରଣ : ମୁଖ୍ୟମନ୍ତ୍ରୀ

କଟକ,(ସବ୍ୟୁ): ନେତାଜୀ ଥିଲେ ଅଦମ୍ୟ ସାହସର ମୂର୍ତ୍ତିମନ୍ତ ପ୍ରତୀକ । ତାଙ୍କ ଜନ୍ମର ୧୦୦ ବର୍ଷ ପରେ ମଧ୍ୟ ଯେତେବେଳେ ସଂଗ୍ରାମ ଓ ଦେଶାତ୍ମବୋଧର ଆଲୋଚନା ହୁଏ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନାମ ସର୍ବାଗ୍ରେ ରହିଥାଏ । ବ୍ରିଟିଶ ଶାସନ ବିରୋଧରେ ନେତାଜୀଙ୍କ ବୀରତ୍ୱ ଓ ଯୁଦ୍ଧ କୌଶଳ ଦେଶର ସ୍ୱାଧୀନତା ପାଇଁ ଏକ ମୁଖ୍ୟ କାରଣ ଥିଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କଟକ ଠାରେ ପରାକ୍ରମ ଦିବସ ପାଳନ ଅବସରରେ କହିଛନ୍ତି । ମୁଖ୍ୟମନ୍ତ୍ରୀ ପ୍ରଥମେ ଓଡ଼ିଆ ବଜାରସ୍ଥିତ ନେତାଜୀ ସଂଗ୍ରହାଳୟ ପରିଦର୍ଶନ କରି ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ କରିବା ପରେ ସେଠାରେ ଥିବା ସମସ୍ତ ଗ୍ୟାଲେରୀ ଓ ଚିତ୍ରକଳା ପ୍ରଦର୍ଶନୀ ବୁଲି ଦେଖିଥିଲେ । ଏହା ପରେ ବାରବାଟୀ ଦୁର୍ଗର ସତ୍ୟବ୍ରତ ଷ୍ଟାଡିୟମ ଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଆୟୋଜିତ ପରାକ୍ରମ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ଏହି ବୀର ଜନନାୟକଙ୍କୁ ସମ୍ମାନ ଅର୍ପଣ କରିବା ପାଇଁ ତାଙ୍କ ଜନ୍ମ ଦିବସକୁ ପରାକ୍ରମ ଦିବସ ଭାବେ ପାଳନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୧ ଜାନୁଆରୀ ୧୯ ତାରିଖରୁ ଘୋଷଣା କରିଛନ୍ତି । ଓଡିଶାର ଏହି ବୀର ସନ୍ତାନଙ୍କ ଜନ୍ମ ସହରରେ ତାଙ୍କ ଜନ୍ମ ଦିବସକୁ ପାଳନ କରିବା ଆମ ପାଇଁ ବଡ ସୌଭାଗ୍ୟର ଅବସର । ନେତାଜୀଙ୍କ ସଶସ୍ତ୍ର ସଂଗ୍ରାମ ହୋଇନଥିଲେ, ହୁଏତ ଆହୁରି କିଛି ବର୍ଷ ବ୍ରିଟିଶ ସରକାର ଭାରତରେ ଶାସନ କରିପାରିଥାନ୍ତେ ବୋଲି ସେ ମତବ୍ୟକ୍ତ କରିଥିଲେ ।



ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଲେ ଯେ, ନେତାଜୀ ଆମ ଇତିହାସ ପୃଷ୍ଠାର ଏଭଳି ଜଣେ ନାୟକ ଥିଲେ ଯାହାଙ୍କ ଜୀବନୀ ଓ ସଂଘର୍ଷର କାହାଣୀ ପଢିଲେ ଦେହରେ ରୋମାଞ୍ଚ ଭରିବା ସହିତ ଆଖିରେ ଦୁଇ ଠୋପା ଲୁହ ମଧ୍ୟ ଜକେଇ ଆସେ । ଉଭୟ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଗଭୀର ପ୍ରଭାବ ଥିଲା । ଏକ ମୁକ୍ତ ଭାରତ ପ୍ରତି ତାଙ୍କର ପ୍ରତିବଦ୍ଧତା, ଦୃଷ୍ଟିକୋଣ ଏବଂ ନିର୍ଭିକ ନେତୃତ୍ୱ ସମସ୍ତଙ୍କ ପାଇଁ ପ୍ରେରଣା ହୋଇ ରହିଛି ଓ ରହିଥିବ ଛ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନ ଓ କଟକ ସହିତ ତାଙ୍କ ସମ୍ପର୍କ ବିଷୟରେ ଆଗାମୀ ପୀଢ଼ି ଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି । ଏଭଳି ଜଣେ ଦେଶଭକ୍ତ ଓ ସଂଗ୍ରାମୀଙ୍କ ବିଷୟରେ ଆମ ଯୁବପିଢି ବିସ୍ତୃତ ଭାବେ ପଢିବା ଆବଶ୍ୟକ ବୋଲି ସେ କହିଥିଲେ । ଏହି ଅବସରରେ ଉପସ୍ଥିତ ଆଇ.ଏନ.ଏ ଭେଟେରାନ ଲେଫ୍ଟନାଣ୍ଟ ଆର୍. ମାଧବନ ଉପସ୍ଥିତ ପିଲାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଓ ଓଡିଶା ସରକାରଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ଏକ ଭିଡିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା । କେନ୍ଦ୍ର ସଂସ୍କୃତି ବିଭାଗ ପକ୍ଷରୁ ସତ୍ୟବ୍ରତ ଷ୍ଟାଡିୟମ ଠାରେ ନେତାଜୀଙ୍କ ଜୀବନୀ ସମ୍ବର୍ଦ୍ଧିତ ଏକ ଫଟୋଚିତ୍ର ପ୍ରଦର୍ଶନୀ କରାଯାଇଥିଲା । ଏଥିରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ଭର୍ତ୍ତୃହରି ମହତାବ, ପୂର୍ବତନ କେନ୍ଦ୍ରମନ୍ତ୍ରୀ କେ.ପି ସିଂହଦେଓ, କେନ୍ଦ୍ର ସଂସ୍କୃତି ସଚିବ ଅରୁଣିଶ ଚାଓ୍ୱଲା ପ୍ରମୁଖ ଉପସ୍ଥିତ ଥିଲେ । ଆଇ.ଏନ୍.ଏ ଟ୍ରଷ୍ଟର ଅଧକ୍ଷ ବ୍ରିଗେଡିଅର ଆର.ଏସ୍ ଚିକାରା ସ୍ୱାଗତ ଭାଷଣ ଦେଇଥିଲେ । ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ମହାନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ ।

### ହାଇକୋର୍ଟରେ କର୍ମଚାରୀଙ୍କୁ ବାଧ୍ୟତାମୂଳକ ଅବସର ପ୍ରସଙ୍ଗ

# ଜବାବ ଦାଖଲ କଲାନି ଓଟିଡିସି ,୫ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ

କଟକ,(ସବ୍ୟୁ): ଓଟିଡିସି କର୍ମଚାରୀଙ୍କୁ ବାଧ୍ୟତାମୂଳକ ଅବସର ଦେବା ଘଟଣାରେ ଅଦାଲତଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଓଟିଡିସି କର୍ତ୍ତୃପକ୍ଷ ଜବାବ ଦାଖଲ ନକରିବାରୁ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି । ଓଟିଡିସି କର୍ତ୍ତୃପକ୍ଷ ଜବାବ ଦାଖଲ ଲାଗି ଅଦାଲତଙ୍କଠାରୁ ଗୋଟେ ସପ୍ତାହ ସମୟ ଲୋଡ଼ିଥିଲେଛ ଅଦାଲତ ଏଥିପାଇଁ ଅନୁମତି ଦେବାସହ ଓଟିଡିସିକୁ ଜରିମାନା ସ୍ୱରୂପ ୫ହଜାର ଟଙ୍କା ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଏହି ଅର୍ଥକୁ ଆବେଦନକାରୀଙ୍କୁ ପ୍ରଦାନ କରାଯିବଛ ଧାର୍ଯ୍ୟ ସମୟ ମଧ୍ୟରେ ଯଦି ଏହି ଜରିମାନା ପ୍ରଦାନ କରାନଯାଏ ତାହେଲେ ଓଟିଡିସି କର୍ତ୍ତୃପକ୍ଷଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ କରାଯିବ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ଅସୀମାମିତ୍ର ସାହୁଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ପରିପ୍ରେକ୍ଷୀରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଏହି ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ଶୁଣାଣି ଫେବ୍ରୁଆରୀ ୧୪କୁ ଧାର୍ଯ୍ୟ କରାଯାଇଛି । ମାମଲାରୁ ଜଣାଯାଇଛି ଯେ, ଆବେଦନକାରୀ ଶ୍ରୀ ସାହୁ ଓଟିଡିସିରେ ଲିଗାଲ ଆସିଷ୍ଟାଣ୍ଡ ପଦରେ ନିଯୁକ୍ତି ପାଇଥିଲେ । ୨୦୧୭ ନଭେମ୍ବର ପହିଲାରେ ତାଙ୍କୁ ଓଟିଡିସି ମ୍ୟାନେଜର ପଦକୁ ପଦୋନ୍ନତି ମିଳିଥିଲା । କିନ୍ତୁ ତାଙ୍କୁ ମ୍ୟାନେଜର ପଦ ଆଧାରରେ ଦରମା ଦିଆଯିବା ପରିବର୍ତ୍ତେ ପୂର୍ବଭଳି ଦରମା ଦିଆଯାଇଥିଲା । ଏନେଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଅଦାଲତରେ ମାମଲା ବିଚାରଧୀନ ଥିଲାବେଳେ ଓଟିଡିସି କର୍ତ୍ତୃପକ୍ଷ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ କାର୍ଯ୍ୟରୁ ନିଲମ୍ବନ କରିଥିଲେ । ଏହି ଆଦେଶ ବିରୋଧରେ ସେ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ । ଅଦାଲତ ଓଟିଡିସିର ଏହି ଆଦେଶ ଉପରେ ରୋକ୍ ଲଗାଇଥିଲେ । କିନ୍ତୁ ଏହାସତ୍ତ୍ୱେ ତାଙ୍କୁ ବାଧ୍ୟତାମୂଳକ ଭାବେ କାର୍ଯ୍ୟରୁ ଅବସର ନେବାଲାଗି ଘୋଷଣା କରାଯାଇଥିଲା । ଏହି ପଦକ୍ଷେପ ସଂକ୍ରାନ୍ତରେ ସେ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କିନ୍ତୁ ଅଦାଲତଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଓଟିଡିସି କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନେବାରୁ ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି ।



ଓଡିଶା ରାଜ୍ୟପାଳ ହରି ବାବୁ କମ୍ଭମ୍ ପଟି ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ତାଙ୍କ ବାସଭବନରେ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି ।

## ମା ସର୍ବମଙ୍ଗଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠିତ

ପୁରୀ : ପୁରୀ ସହରର ମାଟିତୋଟା ଅଞ୍ଚଳର ସୁଜାତା ନଗର ଫେଜ ୨ରେ ମା ସର୍ବମାଙ୍ଗଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠିତ ହୋଇଛି । ଗତ ରବିବାର ତଥା ୧୯ରୁ ମା ସର୍ବମାଙ୍ଗଳାଙ୍କ ପୂଜା ଅରଚନା ଆରମ୍ଭ ହୋଇଥିଲା । ପ୍ରଥମ ଦିନ ଅଙ୍କୁରା ରୋପଣ ସହ ଗର୍ଭାଧାନ ହୋଇଥିଲା । ପରେ ସନ୍ଧ୍ୟାରେ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ସୋମବାର ୨୦ ତାରିଖ ଦିନ ଜଳଯାତ୍ରା, ସୁର୍ଯ୍ୟ ପୂଜା, ଗୋ ପୂଜା ସହ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା । ମଙ୍ଗଳବାର ଦିନ ମା ସର୍ବମାଙ୍ଗଳାଙ୍କ ଶାଳା ପ୍ରବେଶ, ପଞ୍ଚକର୍ମ, ଅଙ୍କୁର ଉଥାପନ, ଦେବତା ସ୍ନାନ ସହ ରାଧାକୃଷ୍ଣଙ୍କ ସହସ୍ର ନାମରେ ହୋମ ହୋଇଥିଲା । ତେବେ ବୁଧବାର ଦିନ ମା'ଙ୍କର କନକ ଦେବୀ ବିଜେ, ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା । ମା'ଙ୍କର କନକ ଦେବୀ ବିଜେ ପରେ ସାହି ପରିକ୍ରମା କରିଥିଲେ । ସନ୍ଧ୍ୟାରେ ମନ୍ଦିର ପ୍ରାଙ୍ଗଣରେ ରାମ ଲୀଳା ପରିବେଷଣ ହୋଇଥିଲା ।

### କମିଶନରେଟ ପୋଲିସର ଚଢ଼ାଉ

# ୪୬କେଜି ଗଞ୍ଜେଇ, ବ୍ରାଉନସୁଗର ଜବତ : ୯ ଗିରଫ

ଭୁବନେଶ୍ୱର, (ସବ୍ୟୁ) : କମିଶନରେଟ୍ ପୋଲିସ ବେଆଇନ ନିଶା କାରବାରକୁ ଗୁରୁତ୍ୱ ଦେଇ ସହରର ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି । ଦୁଇଟି ଥାନାର ଦୁଇଟି ମାମଲାରେ ୪୨କେଜି ଗଞ୍ଜେଇ, ୨୬୦ଗ୍ରାମ୍ ବ୍ରାଉନସୁଗର ଜବତ କରାଯିବା ସହ ୯ଜଣଙ୍କୁ ଗିରଫ କରାଯାଇଛି । ଗିରଫ ୯ଜଣ ନିଶା କାରବାରରେ ବ୍ୟବହାର କରୁଥିବା କାର୍, ୪ ବାଇକ ଜବତ କରାଯିବା ସହ ନଗଦ ୪୨ ହଜାର ଟଙ୍କା ଜବତ ହୋଇଥିବା ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି ।

ମୈତ୍ରିବିହାର ଥାନା ପୋଲିସ ଶିକ୍ଷାନୁଷ୍ଠାନ ଠାରୁ ଅଳ୍ପ ଦୂରରେ ଥିବା ହାତୀଆଗୁଣି ଛକରେ ଚଢାଉ କରି ୪୨କେଜି ଗଞ୍ଜେଇ ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଛି । ଗିରଫ ୫ଜଣ ବ୍ୟବହାର କରୁଥିବା ତିନୋଟି ମୋଟରସାଇକେଲ ଓ ଗୋଟିଏ ସ୍କୁଟର ଜବତ ହୋଇଛି । ସେମାନଙ୍କ ନିକଟରୁ ନଗଦ ୨୦ ହଜାର ଟଙ୍କା ମିଳିଥିବା ପୋଲିସ ସୂଚନା ଦେଇଛି । ଡିସିପି ପିନାକ ମିଶ୍ରଙ୍କ କହିବାନୁଯାୟୀ ଗଞ୍ଜେଇ ଧରି ଏମାନେ ଗ୍ରାହକଙ୍କୁ ଅପେକ୍ଷା କରିଥିବା ବେଳେ ଖବର ପାଇ ଚଢାଉ କରାଯାଇଥିଲା । ଗିରଫ ୫ଜଣ ହେଲେ ଦିଲ୍ଲୀପ କୁମାର ବରାଳ (୪୫), ଜିତେନ୍ଦ୍ର ପ୍ରଧାନ (୨୪), ପ୍ରକାଶ ଖଟୁଆ (୩୨), ରବୀନ୍ଦ୍ର ସାହୁ (୨୪), ନିଖିଳେଶ ପଣ୍ଡା (୩୬) । ଏହି ୫ଜଣଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି । କାର୍‌ରେ ବାଲେଶ୍ୱରରୁ ଭୁବନେଶ୍ୱର ଗଞ୍ଜେଇ ଆଣି ଆସୁଥିବା ୪ଜଣଙ୍କ ସମ୍ପର୍କରେ ସ୍ପେଶାଲ ସ୍କ୍ୱାର୍ଡ ଖବର ପାଇବା ପରେ ବାଲିଅନ୍ତା ପୋଲିସ ସହାୟତାରେ ବାଲିଅନ୍ତା ପୋଲ



ନିକଟରେ ଚଢାଉ କରାଯାଇଥିଲା । କାର୍ ଯାଞ୍ଚ କରିବା ବେଳେ ସେଥିରୁ ୨୬୦ଗ୍ରାମ୍ ବ୍ରାଉନସୁଗର ମିଳିଥିଲା । ଯାହାର ମୂଲ୍ୟ ୨୬ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି । ସେମାନଙ୍କ ନିକଟରୁ ୨୨ ହଜାର ଟଙ୍କା ମଧ୍ୟ ଜବତ ହୋଇଛି । ଗିରଫ ୪ଜଣ ହେଲେ ସରୋଜ କୁମାର ରାଉତ (୨୩), ମନୋଜ କୁମାର ମଲ୍ଲିକ (୩୫), ବିଜୟ କୁମାର ମଣ୍ଡଳ (୩୬), ସୁବାସ ସ୍ୱାଇଁ (୨୮) । ସୁବାସ ନାଁରେ ପୂର୍ବରୁ ଖଣ୍ଡଗିରି ଥାନାରେ ମାମଲା ଥିଲାବେଳେ ବିଜୟ ନାଁରେ ନୂଆପଲ୍ଲୀ ଓ ମୈତ୍ରୀବିହାର ଥାନାରେ ପୂର୍ବରୁ ମାମଲା ଥିବା ପୋଲିସ ସୂଚନା ଦେଇଛି । ନିଶା କେଉଁଠୁ ଆଣୁଛନ୍ତି ଓ କେଉଁମାନଙ୍କୁ ଦେଉଛନ୍ତି ସେ ସମ୍ପର୍କରେ ଜାଣିବା ପାଇଁ ତଦନ୍ତ ଜାରି ରହିଛି । ଗିରଫ ୪ଜଣଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି । ଦୁଇଟି ମାମଲାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ବ୍ରାଉନସୁଗର କାରବାରରେ ସୁବାସ, ବିଜୟ ଗିରଫ ହୋଇ ଜେଲ୍ ଯିବା ପରେ ଜାମିନରେ ଆସି ପୁଣି ସେହି ବେପାର କରୁଛନ୍ତି ।



# କିଟ୍‌ରେ ବ୍ଲୁ ଇକୋନୋମି ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ




ଭୁବନେଶ୍ୱର, (ସବ୍ୟୁ): 'ଏମ୍ପାୱାରିଂ ସଷ୍ଟେନେବଲ୍ ଗ୍ରୋଥ ଥ୍ରୁ ମେରାଇନ୍ ଇକୋସିଷ୍ଟମ୍' ବିଷୟବସ୍ତୁକୁ ନେଇ କିଟ୍ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ 'ବ୍ଲୁ ଇକୋନୋମି' ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ଭାରତର ସରକାରଙ୍କ ପ୍ରମୁଖ ବିଜ୍ଞାନ ପରାମର୍ଶଦାତା କାର୍ଯ୍ୟାଳୟ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସେସ୍, ଆଇଆଇଟି ରୋପର, ବାୟୋଟେକ୍ନୋଲୋଜି ରିସର୍ଚ୍ଚ ଆଣ୍ଡ ଇନୋଭେସନ୍ କାଉନ୍‌ସିଲ୍, ବିଜ୍ଞାନ ଭାରତୀ, କିଟ୍ ବିଶ୍ୱବିଦ୍ୟାଳୟ, କିଟ୍ ସ୍କୁଲ୍ ଅଫ୍ ବାୟୋଟେକ୍ନୋଲୋଜି, ଭୁବନେଶ୍ୱର ସିଟି ନଲେଜ୍ ଇନୋଭେସନ୍ କ୍ଲଷ୍ଟର ଫାଉଣ୍ଡେସନ୍ (ବିସିକେଆଇସି)ର ମିଳିତ ଆନୁକୂଲ୍ୟରେ ୨୩ ଓ ୨୪ ତାରିଖ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଇତିହାସ ଉପରେ ଆଲୋକପାତ କରି, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଭାରତର ସାମୁଦ୍ରିକ ଅର୍ଥନୈତିକ ଦୃଷ୍ଟିକୋଣରେ ରାଜ୍ୟର ରଣନୀତି ଉପରେ ଆଲୋକପାତ କରିଥିଲେ । ସେ କହିଲେ, ଓଡ଼ିଶାର ବିସ୍ତୃତ ଉପକୂଳ ଥିବାରୁ ଭାରତର ସାମୁଦ୍ରିକ ଅର୍ଥନୀତିକୁ ଆଗକୁ ବାଢ଼ିବାରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ । ଏହା ସହିତ ରାଜ୍ୟରେ ସାମୁଦ୍ରିକ ପର୍ଯ୍ୟଟନ ବିକାଶ ଦିଗରେ ଯଥେଷ୍ଟ ସମ୍ଭାବନା ରହିଥିବା ଶ୍ରୀମତୀ ପରିଡ଼ା କହିଥିଲେ ।

ଭାରତ ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ ସଚିବ ଡ ରାଜେଶ ଗୋଖଲେ ବିକଶିତ ଭାରତ ପାଇଁ ବାୟୋ-ଇନୋଭେସନ୍ ଉପରେ ଗୁରୁତ୍ୱାରୋପ କରି କହିଲେ, ସାମୁଦ୍ରିକ ସଂପଦର ଉପଯୋଗ ଯୋଗୁଁ ଆର୍ଥିକ କ୍ଷେତ୍ରରେ ଯଥେଷ୍ଟ ସହାୟକ ହୋଇପାରିବ । ଭାରତ ସରକାରଙ୍କ ସାଇଣ୍ଟିଫିକ୍ ସଚିବ ଡ. ପରମିନ୍ଦର ମୈନି ଏବଂ ବ୍ରିକ-ଆଇଏଲଏସର ନିର୍ଦ୍ଦେଶକ ଡ ଦେବାଶିଷ ଦାଶ ଏବଂ କିଟ୍ର ଗବେଷଣା ଓ ସର୍ଜନା ମହାନିର୍ଦ୍ଦେଶକ ପ୍ରଫେସର ମୃତ୍ୟୁଞ୍ଜୟ ସୁଆର ମଧ୍ୟ ସାମୁଦ୍ରିକ ଅର୍ଥନୀତି ସୁଯୋଗ ଉପରେ ସେମାନଙ୍କର ମତ ରଖିଥିଲେ ।

କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉନ୍ନତ ଜୀବିକା ଏବଂ ନିଯୁକ୍ତି ସୃଷ୍ଟି ଦିଗରେ ସାମୁଦ୍ରିକ ଅର୍ଥନୀତିର ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ । ବ୍ଲୁ-ଇକୋନୋମୀରେ ମତ୍ସ୍ୟଚାଷ, ଜଳକୃଷି ଏବଂ ପର୍ଯ୍ୟଟନ ସମେତ ବିଭିନ୍ନ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ । ଏହି ସମ୍ମିଳନୀ ସାମୁଦ୍ରିକ ସଂପଦକୁ ସ୍ଥାୟୀ ଭାବରେ ବ୍ୟବହାର କରି ଭାରତର ନିଜସ୍ୱ ଅଭିବୃଦ୍ଧି ମଡେଲକୁ ଗଠନ କରିବା ଉପରେ ଶ୍ରୀ ସାମନ୍ତ ଗୁରୁତ୍ୱାରୋପ କରିଥିଲେ । ସାମୁଦ୍ରିକ ସମ୍ବଳର ଅର୍ଥନୈତିକ ସୁବିନିଯୋଗ ଦିଗରେ ଅଧିକ ଗବେଷଣା କରାଯିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ବିଶ୍ୱର ବିଭିନ୍ନ ସ୍ଥାନରୁ ନୀତି ନିର୍ଦ୍ଧାରକ, ଗବେଷକ ଏବଂ ଛାତ୍ରଛାତ୍ରୀଙ୍କ ସମେତ ୮୦୦ ରୁ ଅଧିକ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

### କଟକ ବାରବାଟୀରେ ଭାରତ-ଇଂଲଣ୍ଡ କ୍ରିକେଟ୍ ମ୍ୟାଚ୍

# ଡିଜିଟାଲ୍ ପେମେଣ୍ଟ ଦ୍ୱାରା ମ୍ୟାଚର ଟିକେଟ୍ କିଣିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର (ସବ୍ୟୁ): ଆସନ୍ତା ଫେବୃଆରୀ ୯ ତାରିଖରେ କଟକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଏକ ଦିବସୀୟ କ୍ରିକେଟ୍ ମ୍ୟାଚ ଅନୁଷ୍ଠିତ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଆଜି ସମ୍ବଲପୁର ଠାରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ)ର ସଦସ୍ୟମାନଙ୍କୁ ଭେଟିବା ଅବସରରେ ସେମାନଙ୍କ ଠାରୁ ଡିଜିଟାଲ ପେମେଣ୍ଟ ମାଧ୍ୟମରେ ଉକ୍ତ ମ୍ୟାଚର ଟିକେଟ୍ କିଣିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏ ସମ୍ପର୍କରେ ଶ୍ରୀ ପ୍ରଧାନ କହିଛନ୍ତି ଯେ କଟକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଏକ ଦିବସୀୟ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ ଅନୁଷ୍ଠିତ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଆଜି ସମ୍ବଲପୁର ଠାରେ ଓଡ଼ିଶା କ୍ରିକେଟ୍ ଆସୋସିଏସନର ସଦସ୍ୟମାନଙ୍କୁ ଭେଟିଲି । ଓଡ଼ିଶାରେ କ୍ରିକେଟ୍ ଖେଳକୁ ନେଇ ଆବାଳବୃଦ୍ଧବନିତାଙ୍କ ମଧ୍ୟରେ ବହୁତ ଉତ୍ସାହ ଅଛି । ଓଡ଼ିଶାରେ କ୍ରିକେଟ୍ ଖେଳକୁ ପ୍ରୋତ୍ସାହନ ଦେବା ଉପରେ ଆଲୋଚନା ହୋଇଥିଲା । ଶ୍ରୀ ପ୍ରଧାନ ଡିଜିଟାଲ ପେମେଣ୍ଟ କରି ଉକ୍ତ ମ୍ୟାଚ ପାଇଁ ଟିକେଟ୍ କିଣି ଖୁସି ପ୍ରକାଶ କରିଥିଲେ । ଓଡ଼ିଶା କ୍ରିକେଟ୍ ଆସୋସିଏସନର ସମ୍ପାଦକ ସଞ୍ଜୟ ବେହେରା, ଅନୁଗୋଳ ବିଧାୟକ ତଥା ଆପେକ୍ସ କାଉନ୍ସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଅଲିମ୍ପିକ ଆସୋସିଏସନର ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ ଓ ଅନ୍ୟାନ୍ୟ ସଦସ୍ୟମାନେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଥିଲେ ।

### ଝାରସୁଗୁଡ଼ା ଜିଲ୍ଲା ପ୍ରେସ କ୍ଲବର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନରେ କେନ୍ଦ୍ରମନ୍ତ୍ରୀ

# ଝାରସୁଗୁଡ଼ାକୁ ଆହୁରି ସୁସମୃଦ୍ଧ କରିବା ପାଇଁ ସହଯୋଗର ଦାୟିତ୍ୱ ନେବା : ଧର୍ମେନ୍ଦ୍ର



ଭୁବନେଶ୍ୱର (ସବ୍ୟୁ): ଝାରସୁଗୁଡ଼ା, ଜିଲ୍ଲା ପ୍ରେସ କ୍ଲବର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନରେ ଯୋଗଦେବା ଅବସରରେ ଝାରସୁଗୁଡ଼ାକୁ ଆହୁରି ସୁସମୃଦ୍ଧ କରିବା ଦିଗରେ ସହଯୋଗୀର ଦାୟିତ୍ୱ ନେବାକୁ ସାମ୍ବାଦିକମାନଙ୍କୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଜ୍ୟର ସାମାଜିକ, ରାଜନୈତିକ, ଅର୍ଥନୈତିକ ଓ ସାଂସ୍କୃତିକ ଜଗତରେ ଝାରସୁଗୁଡ଼ା ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । ଝାରସୁଗୁଡ଼ାର ବିକାଶ କ୍ରମାଗତ ଭାବରେ ବୃଦ୍ଧି ହେଉଛି । ଝାରସୁଗୁଡ଼ା ଜିଲ୍ଲା ବହୁତ କମ ଅବଧିରେ ବିକଶିତ ହୋଇ ବିଶ୍ୱ ମାନଚିତ୍ରକୁ ଆସିଛି । ଅଗ୍ରଣୀ ଶିଳ୍ପାଞ୍ଚଳ ଭାବରେ ଝାରସୁଗୁଡ଼ାର ପରିଚୟ ରହିଛି । ଝାରସୁଗୁଡ଼ାର ସମ୍ଭାବନାକୁ ଉପଯୋଗ କରିବା ପାଇଁ ଜିଲ୍ଲାକୁ ଆହୁରି ଅନ୍ୱେଷଣ କରିବା ଦରକାର । ଏଠାରେ ଶିଳ୍ପ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ପାଇଁ ବିଭିନ୍ନ ଯୋଜନା ହେଉଛି । ହୀରାକୁଦ ପାର୍ଶ୍ୱବର୍ତ୍ତୀ ଜିଲ୍ଲା ସମ୍ବଲପୁର, ଝାରସୁଗୁଡ଼ା ଏବଂ ଦେବଗଡ଼ ଜିଲ୍ଲାକୁ ପର୍ଯ୍ୟଟନର ପେଣ୍ଠସ୍ଥଳୀ କରିବା ଆମର ଲକ୍ଷ୍ୟ ରହିଛି । ସେ କହିଛନ୍ତି ପ୍ରଜାତନ୍ତ୍ରରେ ସମାଜକୁ ଠିକ୍ ଭାବେ ଚଲାଇବା ପାଇଁ ସାମ୍ବାଦିକମାନଙ୍କ ଦାୟିତ୍ୱ ଅଧିକ । ଶିଳ୍ପସମୃଦ୍ଧ ଏହି ଝାରସୁଗୁଡ଼ା ଜିଲ୍ଲାକୁ ଆହୁରି ବିକଶିତ କରିବା ପାଇଁ ଜିଲ୍ଲାସ୍ତରର ସାମ୍ବାଦିକ ବନ୍ଧୁମାନଙ୍କ ବଡ ଦାୟିତ୍ୱ ରହିଛି ।

### ସମ୍ପ୍ରସାରିତ ହେବ ଭୁବନେଶ୍ୱର

# ନୂଆ ମଡେଲରେ ହେବ ସହର

ଭୁବନେଶ୍ୱର(ସବ୍ୟୁ): ସମ୍ପ୍ରସାରିତ ହେବ ରାଜଧାନୀ ଭୁବନେଶ୍ୱର । ରାଜଧାନୀର ହେବ ନବକଳେବର । ନୂଆ ମଡେଲରେ ତିଆରି ହେବ ନୂଆ ସହର । ଏନେଇ ସୂଚନା ଦେଇଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ମହାପାତ୍ର । ଭୁବନେଶ୍ୱରରେ ନୂଆ ସହର ପାଇଁ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଏମଓୟୁ ସ୍ୱାକ୍ଷରିତ ହୋଇଥିବା ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି ।

ମନ୍ତ୍ରୀ କହିଛନ୍ତି, ଭୁବନେଶ୍ୱର ସମେତ ଯେଉଁ ସବୁ କର୍ପୋରେସନ ଅଛି । ସବୁ କର୍ପୋରେସନ ଆମେ ସହର ବଢ଼ାଇବାକୁ ବିଭିନ୍ନ ପ୍ରକାର ଯୋଜନା କରୁଛୁ । ମୁଖ୍ୟତଃ ଅଧିକରୁ ଅଧିକ ସହରକୁ ଏବେ ଟାଉନ ପ୍ଲାନିଂ (ଟିପି) ସ୍କିମରେ ସାମିଲ ପାଇଁ ଯୋଜନା ରହିଛି । ସହର ବଢ଼ାଇବାକୁ ଚେଷ୍ଟା କରାଯାଉଛି । ସହର ବଢ଼ିବା ଦ୍ୱାରା ଟ୍ରାଫିକ୍ ସମସ୍ୟା ମଧ୍ୟ ଦୂର ହେବ । ସେହିପରି ସହର ବଢ଼ିବା ଦ୍ୱାରା କମ୍ ଦାମରେ ମଧ୍ୟ ଘର ମିଳିପାରିବ ବୋଲି ସେ କହିଛନ୍ତି । ଗତ ୧୭ରେ ଓଡ଼ିଶା ଗସ୍ତରେ ଆସିଥିଲେ ସିଙ୍ଗାପୁର ରାଷ୍ଟ୍ରପତି । ସିଙ୍ଗାପୁରର ବୈଷୟିକ ସହାୟତାରେ ଓଡ଼ିଶାରେ ଗଢ଼ି ଉଠିବ ନୂଆ ସହର ।

ସେହିପରି ଭୁବନେଶ୍ୱର-ପୁରୀ-କଟକକୁ ନେଇ ହେବାକୁ ଥିବା ଟ୍ରାଇ ସିଟିକୁ ନେଇ ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି ମନ୍ତ୍ରୀ । ସେ କହିଛନ୍ତି, ପୁରୀ ହେଉଛି ଆମ ସମସ୍ତଙ୍କ ପରିଚୟ । ପୁରୀକୁ ଏକ ଅନ୍ତର୍ଜାତୀୟ ସହର କରିବାକୁ ରାଜ୍ୟ ସରକାର ଯୋଜନା ରଖିଛନ୍ତି । ରିଙ୍ଗ ରୋଡ୍ ସହ ସମସ୍ତ ରାସ୍ତାର ପ୍ରଶସ୍ତୀକରଣ କରାଯିବା ଯୋଜନା ରହିଛି । ଖୁବଶୀଘ୍ର ମେଟ୍ରୋ କାମ ଆରମ୍ଭ ହେବ । ଏ ଦିଗରେ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିବେ । ତାପରେ କାମ ଆରମ୍ଭ ହେବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

# ବାଚସ୍ପତି ପଦମର୍ଯ୍ୟାଦା ରଖୁନାହାନ୍ତି : ପ୍ରମିଳା

ଭୁବନେଶ୍ୱର, (ସବ୍ୟୁ) ବିରୋଧୀ ବିଶୃଙ୍ଖଳିତ ଆଚରଣ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କ ମନ୍ତବ୍ୟ ଉପରେ ବିଜୁଜନତା ଦଳ କଡା ପ୍ରତିକ୍ରିୟା ରଖିଛି । ଶଙ୍ଖଭବନରେ ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବାଚସ୍ପତି ତଥା ବିଜୁଜନତା ଦଳର ମୁଖ୍ୟସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ ବର୍ତ୍ତମାନର ବାଚସ୍ପତି ପଦ ମର୍ଯ୍ୟାଦା ରଖୁନାହାନ୍ତି । ବାଚସ୍ପତି ପଦର ଗାରିମାରହିଛି । ଏହି ପଦରେ ବସିଥିବା ବ୍ୟକ୍ତି କୌଣସି ଦଳର ପ୍ରତିନିଧିତ୍ୱ କରନ୍ତି ନାହିଁ । କିନ୍ତୁ ତାଙ୍କର ଏହି ମନ୍ତବ୍ୟ ବିଜେପି ଦଳର ମନ୍ତବ୍ୟ ପରିମନେ ହେଉଛି । ତାଙ୍କ ମନ୍ତବ୍ୟରେ ସେ ବିରୋଧୀ ଦଳକୁ ଧମକ ଦେବା ପରିମନେ ହେଉଛି । ତାଙ୍କ ଧମକ ବିରୋଧୀ ଦଳ ଉପରେ ପ୍ରଭାବ ପଡିବ ନାହିଁ ଓଲଟା ବିରୋଧୀ ଦଳରସ୍ୱର ଅଧିକ ଶାଣିତହେବ । ସାମ୍ବାଦିକମାନଙ୍କୁ ଅନୁରୋଧ, ସେ କେଉଁ ଦଳର ବୋଲି ବାଚସ୍ପତିଙ୍କୁ ପଚାରନ୍ତୁ । ବାଚସ୍ପତି ନିଜେ ସ୍ପଷ୍ଟ କରନ୍ତୁ ସେ କେଉଁ ଦଳର । ଆମେ ଦେଖିଥିଲୁ, ସେବିଜେପି ଅଫିସରେ ହେଉଥିବା ଏକ ଦଳୀୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ମୁଁ ଦୀର୍ଘ ନଅ ମାସ ବାଚସ୍ପତି ଭାବେ ଦାୟିତ୍ୱ ତୁଲାଇ ଥିବାବେଳେ ଶଙ୍ଖଭବନ କି ନବୀନ ନିବାସ ଯାଇ ନାହିଁ ବୋଲି ଶ୍ରୀମତୀ ମଲ୍ଲିକ କହିଥିଲେ ।

ରାଜ୍ୟର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ନିକଟରେ ୧୫୭ ଜଣ ପୁରୁଷ ସୁଭଦ୍ରା ଯୋଜନାରେ ଆବେଦନ କରିଥିଲେ ବୋଲି ଦେଇଥିବା ମନ୍ତବ୍ୟ ଉପରେ ଶ୍ରୀମତୀ ମଲ୍ଲିକ କଡା ପ୍ରତିକ୍ରିୟା ଦେଇଥିଲେ । ଏଥିରୁ ସ୍ପଷ୍ଟ ହେଉଛି ଯେ ରାଜ୍ୟ ସରକାରଙ୍କ ସିଷ୍ଟମ ଠିକ କାମ କରୁନାହିଁ । ଆଧାର କାର୍ଡକୁ ଲିଙ୍କ କରାଯାଇ ଆବେଦନ କରାଯାଉଥିବାବେଳେ ଏଭଳି ତ୍ରୁଟି କିପରି ସମ୍ଭବ ହେଉଛି ବୋଲିସେ ପ୍ରଶ୍ନ କରିଥିଲେ । ଆମେ ଜାଣିବାରେ, ଅନ୍ୟୁନ୍ୟ ୫ ହଜାର ପୁରୁଷ ବିଜେପି କର୍ମୀ ସୁଭଦ୍ରା ଯୋଜନାରେ, ସରକାରଙ୍କ ଜାଣତରେ ଆବେଦନ କରିଛନ୍ତି । ତଦନ୍ତ ହେଲେ, ଏହା ଧରାପଡିବ ବୋଲି ଶ୍ରୀମତୀ ମଲ୍ଲିକ କହିଥିଲେ ।

# ପ୍ରବାସୀ ଓଡ଼ିଆଙ୍କ ପୁଷପୁନି ଭେଟଘାଟ



ଭୁବନେଶ୍ୱର (ସବ୍ୟୁ): ମହାରାଷ୍ଟ୍ର ପୁନା ସହର ରେ ବସବାସ କରୁଥିବା ପ୍ରବାସୀ ଓଡିଆମାନଙ୍କ ପଞ୍ଜୀକୃତ ଭେଟଘାଟ କଲ୍‌ଚରାଲ ଏସୋସିଏସନ୍ (ବି ସି ଏ )ତରଫରୁ ଗୁରୁବାର ପୁନେ ର ଜୁନିଅର ଷ୍ଟାଫ କ୍ଲବ୍, ଖଡକି ଠାରେ ପୁଷପୁନି ଭେଟଘାଟ ପାଳନ ହୋଇଯାଇଛି । ଏହି ଉତ୍ସବରେ ୩୦୦ ରୁ ଉର୍ଦ୍ଧ୍ୱ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଯୋଗ ଦେଇଥିଲେ । ନାଚ ଗୀତର ବେଶ୍ ଆସର ଜମିବା ସାଙ୍ଗକୁ ପଶ୍ଚିମ ଓଡ଼ିଶାର ସୁସ୍ୱାଦୁ ଖାଦ୍ୟ ଭାତ, ଡାଲି, ଛତୁ ବେସର, ଘାଣ୍ଟ ତରକାରି, ରସଗୋଲା ଓଡ଼ିଶା ରୋଷୋୟୀୟା ସୁଜିତ ହୋତା ଙ୍କ ଦୂଆରା ପ୍ରସ୍ତୁତି କରାଯାଇ ଥିଲା । ସଂଘର ସଭାପତି ହେମ ସାଗର ସାହୁ ଙ୍କ ଅଧକ୍ଷତା କରିଥିଲେ । ପ୍ରାରମ୍ଭ ରେ ସଭ୍ୟା ରାଜଶ୍ରୀ ହୋତା ଭଜନ ଗାନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରି ଥିଲେ । ଏହାପରେ ବିସିଏ ସଦସ୍ୟଙ୍କ ଦ୍ୱାରା ସମ୍ବଲପୁରୀ ନାଚ,ଗୀତ ପରିବେଷଣ କରାଯାଇଥିଲା । ଭେଟଘାଟ କଲ୍‌ଚରାଲ ଏସୋସିଏସନ୍ (ବିସିଏ ) ପଶ୍ଚିମ ଓଡ଼ିଶା ର କଳା ଓ ସଂସ୍କୃତିକୁ ବିଚ୍ଛିନ୍ନାଞ୍ଚଳରେ ପ୍ରଚାର ପ୍ରସାର କରିବା ସହ ସବୁବେଳେ ପଶ୍ଚିମ ଓଡ଼ିଆ ର ଏକତା କୁ ବାଜୟୀ ରଖିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରି ଆସୁଛି ବୋଲି ଉପସ୍ଥିତ ଅନେକ ସଭ୍ୟ ମାନେ ମତବ୍ୟକ୍ତ କରିଥିଲେ ।

ପ୍ରବସେ ରହି ଆମ ଓଡ଼ିଆ ଭାଇ ମାନଙ୍କ ପାଇଁ ଆଗକୁ କଛି ଭଲ କାମ କରିବାକୁ ସଂଘ ଆଲୋଚନା କରିଥିଲା । ଭେଟଘାଟ କଲ୍‌ଚରାଲ ଏସୋସିଏସନ୍ ପାଇଁ ସବୁବଳେ ସୁନାମ ଧନ୍ୟ କାମ କରିବା ପାଇଁ ସଂଘ ପକ୍ଷରୁ ଅନୁପ ମିଶ୍ର ଉପଦେଶ ଦେଇ ଥିବା ବେଳେ, ଶେଷରେ ,ମନସ୍ୱିନୀ ମିଶ୍ର, ଦିବ୍ୟକିଶୋର୍ ବକ୍ସି ଓ ସଞ୍ଜୟ ମହାନ୍ତି ଉପସ୍ଥିତ ସମସ୍ତ ଦର୍ଶକ ଙ୍କୁ ଧନ୍ୟବାଦ ଜଣେଇ ଥିଲେ ।

### ନେତାଜୀ ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

# ଦୁଇ ମହାପୁରୁଷଙ୍କ ଦେଶପ୍ରେମ, ଅସୀମ ପରାକ୍ରମ ଅତୁଳନୀୟ

ଭୁବନେଶ୍ୱର, (ସବ୍ୟୁ): ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସଶସ୍ତ୍ର ସଂଗ୍ରାମ ବଳରେ ଭାରତକୁ ସ୍ୱାଧୀନତା ପ୍ରଦାନ କରିବା ପାଇଁ ସୁଚିନ୍ତିତ ସଂଗ୍ରାମ କରିଥିବାବେଳେ ବୀର ସୁରେନ୍ଦ୍ର ସାଏ ଇଂରେଜମାନଙ୍କୁ ବିରୋଧ କରି ଅସୀମ ପରାକ୍ରମ ଓ ଅସାଧାରଣ ରଣକୌଶଳ ମାଧ୍ୟମରେ ବ୍ରିଟିଶ ଶାସକ ଓ ସେନାବାହିନୀକୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲେ । ନେତାଜୀଙ୍କର ଆହ୍ୱାନ ଥିଲା 'ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି' । ସେହିପରି ବୀର ସୁରେନ୍ଦ୍ର ସାଏ ଜୀବନର ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ବଶ୍ୟତା ସ୍ୱୀକାର ନକରି ଇଂଗ୍ରେଜ ଶାସନକୁ ମୁହଁତୋଡ଼ ଜବାବ୍ ଦେଇଥିଲେ ବୋଲି ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ମହାନ ବିପ୍ଲବୀ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଅତିଥିମାନେ ଉଲ୍ଲେଖ କରିଛନ୍ତି । ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ



ଅତିଥି ଭାବେ ଯୋଗଦେଇ ଦୁଇ ମହାପୁରୁଷଙ୍କ ଜୀବନାଦର୍ଶ ସଂପର୍କରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ଗୋଟିଏ ଦିନରେ ଦୁଇ ମହାନାୟକ ଜନ୍ମ ନେବା ଏକ ବିରଳ ସଂଯୋଗ ଥିଲା । ୧୮୫୭ ମସିହାକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଅବିହିତ କରାଯାଉଥିବାବେଳେ ତା'ର ୩୦ ବର୍ଷ ପୂର୍ବରୁ ସ୍ୱାଧୀନତା ଆନ୍ଦୋଳନର ମୂଳଦୁଆ ପଡିଥିଲା ଓଡ଼ିଶାରେ । ବ୍ରିଟିଶ ଶାସନ ବିରୁଦ୍ଧରେ ସେହି ମହାସଂଗ୍ରାମର କର୍ଣ୍ଣଧାର ଥିଲେ ବୀର ସୁରେନ୍ଦ୍ର ସାଏ । ସେହିପରି ବ୍ରିଟିଶ ଶାସନର ଅନ୍ୟାୟ, ଅତ୍ୟାଚାର, ଶୋଷଣ ବିରୁଦ୍ଧରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ନିଜର ବ୍ୟକ୍ତିଗତ ସୁଖଶାନ୍ତିକୁ ଜଳାଞ୍ଜଳି ଦେଇ ଜୀବନର ୨୩ ବର୍ଷର କର୍ମମୟ ଜୀବନକୁ ଦେଶମାତୃକାର ସେବାରେ ସମର୍ପଣ କରିଥିଲେ । ଦୁଇ ବୀର ସଂଗ୍ରାମୀ ଦେଶର ସ୍ୱାଧୀନତା ପାଇଁ ଯେଉଁ ବଳିଷ୍ଠ ନେତୃତ୍ୱ ଓ ଉଚ୍ଚ ଆଦର୍ଶ, ସାଂଗଠନିକ କ୍ଷମତା ଓ ଅବଦମିତ ଦେଶପ୍ରେମ ଓ ତ୍ୟାଗ ଦେଇ ଯାଇଛନ୍ତି ତାହା ଚିରସ୍ମରଣୀୟ ହୋଇରହିବ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ସାହିତ୍ୟିକ ନିରଞ୍ଜନ ସାହୁ ଯୋଗଦେଇ ଉଭୟ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଦେଶପ୍ରେମ ଓ ଅସୀମ ପରାକ୍ରମ ସଂପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଶ୍ୟାମ ପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନର ସମ୍ପାଦକ ଡା. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଯୋଗ ଦେଇଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ସଡ଼କ ସୁରକ୍ଷା : ସାଇଲେନ୍ସର ପରେ ହର୍ଣ୍ଣ

ଭୁବନେଶ୍ୱର, (ସବ୍ୟୁ) : ସଡକ ସୁରକ୍ଷା ମାସ ଚାଲିଥିବା ବେଳେ କମିଶନରେଟ୍ ପୋଲିସ ସଡ଼କ ସୁରକ୍ଷାକୁ ଗୁରୁତ୍ୱ ଦେଇ ବ୍ୟାପକ ଯାଞ୍ଚ କରୁଛି । ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂଙ୍କ କହିବାନୁଯାୟୀ ତିନୋଟି ଦିଗ ଉପରେ କମିଶନରେଟ୍ ପୋଲିସ ଗୁରୁତ୍ୱାରୋପ କରୁଛି । ସଡ଼କ ସୁରକ୍ଷା, ନିଶା କାରବାର ଓ ଷ୍ଟ୍ରିଟ୍ କ୍ରାଇମ୍ । ସେଥିପାଇଁ ତିନିଦିନ ହେବ ବ୍ୟାପକ ଚେକିଂ ଚାଲିଛି ।

ବିକଟାଳ ଶବ୍ଦ କରୁଥିବା ବାଇକ୍ ସାଇଲେନ୍ସର ପରେ ବିକଟାଳ ହର୍ଣ୍ଣକୁ ନେଇ ଗୁରୁବାର ଚେକିଂ ଦୈତନଗରୀର ୫ଟି ସ୍ଥାନରେ ଅନୁଷ୍ଠିତ ହୋଇଥିଲା । ବିକଟାଳ ଶବ୍ଦ କରୁଥିବା ଶତାଧିକ ସାଇଲେନ୍ସର ପୋଲିସ ଖୋଲି ଜବତ କରିଥିବା ବେଳେ ଗୁରୁବାର ଶତାଧିକ ହର୍ଣ୍ଣ ଗାଡିରୁ ପୋଲିସ ଖୋଲିଦେବା ସହ ଜରିମାନା ଆଦାୟ କରିଛି । ବାଣୀବିହାର ଛକରେ ଟ୍ରାଫିକ୍ ଡିସିପି ତପନ ମହାନ୍ତିଙ୍କ ଉପସ୍ଥିତିରେ ବସ୍ ଯାଞ୍ଚ କରାଯାଇ ହର୍ଣ୍ଣ ଖୋଲାଯାଉଥିଲା । ଗାଡିରେ କମ୍ପାନୀ ଦେଇଥିବା ହର୍ଣ୍ଣ ବ୍ୟତୀତ କେହି ମଲ୍ଟିଫାଏଡ୍ ହର୍ଣ୍ଣ ଲଗାଇ ପାରିବେ ନାହିଁ । ସାଇଲେନ୍ସର ପାଇଁ ଯେଉଁ ନିୟମ, ବାଇକ୍ ପାଇଁ ମଧ୍ୟ ସେହି ନିୟମ ଲାଗୁ କରାଯାଇଛି ।

କେବଳ ସାଇଲେନ୍ସର ହର୍ଣ୍ଣ ନୁହେଁ ଗାଡିର ଇନ୍‌ସ୍ୟୁରାନ୍ସ, ଡିଏଲ୍, ହେଲ୍‌ମେଟ୍ ଓ ସ୍ପିଡ୍ ଉପରେ ମଧ୍ୟ ଗୁରୁତ୍ୱାରୋପ କରୁଛି ପୋଲିସ । ଏହି ପ୍ରକ୍ରିୟା ଆଗକୁ ଜାରି ରହିବ । 'ସଡ଼କ ସୁରକ୍ଷା- ଜୀବନ ରକ୍ଷା' ସ୍ଲୋଗାନକୁ କମିଶନରେଟ୍ ପୋଲିସ ଗୁରୁତ୍ୱାରୋପ କରି ଗାଡି ମୋଟର ବ୍ୟାପକ ଚେକିଂ କରୁଛି ।

# ନବୋଦୟ ଉନ୍ନୟନ ପରିଷଦ ପକ୍ଷରୁ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

ଭୁବନେଶ୍ୱର, (ସବ୍ୟୁ) : ନବୋଦୟ ଉନ୍ନୟନ ପରିଷଦ ପକ୍ଷରୁ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ପରିଷଦର କର୍ମକର୍ତ୍ତାମାନେ ଯୋଗଦେଇ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରିଷଦର ସମ୍ପାଦକ କୈଳାସ ଚନ୍ଦ୍ର ମିଶ୍ର ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଆଦର୍ଶ ଓ ଦେଶପ୍ରେମରେ ଆକୃଷ୍ଟ ହୋଇ କାର୍ଯ୍ୟ କରିବାକୁ ଉପସ୍ଥିତ ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ । ଏ ଅବସରରେ ଅଧିବକ୍ତା ଅରବିନ୍ଦ ମହାରଣା ବୀର ସୁରେନ୍ଦ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେବା ସହିତ ଭୁବନେଶ୍ୱର ସ୍ଥିତ ବୀର ସୁରେନ୍ଦ୍ର ସାଏ ନଗରରେ ଥିବା ପ୍ରତିମୂର୍ତ୍ତିର ସୁରକ୍ଷା ନିମନ୍ତେ ମହାନଗର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରେ ପରିଷଦର କର୍ମକର୍ତ୍ତା ଡଃ ନାରାୟଣ ଚନ୍ଦ୍ର ପତି, ଡଃ ବିଜୟା ପତି, ହରିବନ୍ଧୁ ଘଡେଇ, ପ୍ରଫୁଲ୍ଲ ମହାପାତ୍ର, ଅକ୍ଷୟ କୁମାର ସାମଲ, ସୁରେନ୍ଦ୍ର ବିଷୋୟୀ, ସମରେନ୍ଦ୍ର ଜେନା, ଦେବବ୍ରତ ମିଶ୍ର, ବିଭୁପ୍ରସାଦ ପୃଷ୍ଟି ପ୍ରମୁଖ



ସତ୍ୟବ୍ରତ ମିଶ୍ର, ବିପ୍ରଚରଣ ନାୟକ, ସୁଧାକର ମିଶ୍ର, ଇଂ ମନ୍ମଥ ପୃଷ୍ଟି, ଇଂ ଆଦିତ୍ୟ ପ୍ରକାଶ ଦାଶ, ପ୍ରଦୀପ୍ତ କୁମାର ମହାରଣା, ମନୋରଞ୍ଜନ ପରିଡା, ଉଦବୋଧନ ଦେଇ ବୀର ସୁରେନ୍ଦ୍ରଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ । ପରିଷଦର ସଭ୍ୟ ସନାତନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ୬୮କେଜି ଗଞ୍ଜେଇ, ୨କାର ଜବତ ୪ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଅବକାରୀ ମୋବାଇଲ ସ୍କାର୍ଡ ଓ ବାଲୁଗାଁ ଅବକାରୀ ଟିମ ପକ୍ଷରୁ ପୃଥକ ପୃଥକ ସ୍ଥାନରେ ଚଢଉ କରାଯାଇ ୬୮କେଜି ଗଞ୍ଜେଇ ଓ ଦୁଇଟି କାର କୁ ଜବତ କରାଯାଇଛି । ଏହି ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇଛି । ଗିରଫ ମାନେ ହେଲେ କନ୍ଧମାଳ ଜିଲ୍ଲା ରାମାଡି ର ସଚ୍ଚିଦାନନ୍ଦ ନାଗ (୩୦ ବର୍ଷ), କେଞ୍ଜାଗୁଡା ଗ୍ରାମର ଆସୁତାଶ ମହାକୁଡ (୨୦ ), ଲୋହରା ସାହି ର ସୁଶାନ୍ତ ବିନ୍ଧାଣୀ (୪୦) ଓ ରଞ୍ଜିତ ଭୋଇ (୨୪) । ସେମାନଙ୍କ ଠାରୁ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଦୁଇଟି କାର ଯଥା ଓଡି-୦୨ସିବି-୦୨୬୬ ଥିବା ଗୋଟିଏ ଧଳା ରଙ୍ଗର ମାରୁତି ସୁଜୁକି ଡିଜାୟାର କାର ଏବଂ ଓଡି.୦୨ବିଏଫ-୩୬୮୬ ନଂ ବିଶିଷ୍ଟ କିଆ ସେଲଟସ କାର ଓ ୫ଟି ମୋବାଇଲ କୁ ଜବତ କରାଯାଇଛି ।



ବାଲୁଗାଁ ରେଞ୍ଜ ଅବକାରୀ ଟିମ୍ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ବିଭିନ୍ନ ସ୍ଥାନରେ ଜଗିଥିଲା । ନାଲି ରଙ୍ଗର ଓଡି.୦୨ବିଏଫ-୩୬୮୬ ନଂ ବିଶିଷ୍ଟ କିଆ ସେଲଟସ କାରକୁ ନାଚୁଣୀ ଓଭରବ୍ରିଜ ଉପରେ ଅଟକାଇ ଯାଂଚ କରିବାରେ ସେଥିରୁ ୪୫କେଜି ଗଞ୍ଜେଇ ବାହାରିଥିଲା । ଏହି ଘଟଣାରେ ଗାଡିରେ ଥିବା ସୁଶାନ୍ତ ବିନ୍ଧାଣୀ (୪୦) ଓ ରଞ୍ଜିତ ଭୋଇ (୨୪)ଙ୍କୁ ୨୩୨/୨୪ନଂ ମାମଲାରେ ଗିରଫ କରିଛି । ସେହିପରି ଅବକାରୀ ମୋବାଇଲ ଟିମ୍ ୫୭ନଂ ଜାତୀୟ ରାଜପଥ ର ତରତୁଆ ନିକଟରେ ଚଢଉ କରି ଓଡି-୦୨ସିବି-୦୨୬୬ ଥିବା ଗୋଟିଏ ଧଳା ରଙ୍ଗର ମାରୁତି ସୁଜୁକି ଡିଜାୟାର କାର କୁ ଅଟକାଇ ସେଥିରୁ ୨୩କେଜି ଗଞ୍ଜେଇ ଜବତ କରି ସଚ୍ଚିଦାନନ୍ଦ ନାଗ (୩୦ ବର୍ଷ) ଓ ଆସୁତାଶ ମହାକୁଡ (୨୦ ) କୁ ୨୨୫/୨୪ ନଂ ମାମଲାରେ ଗିରଫ କରିଛି ।

ଗଞ୍ଜେଇ କାରବାର ଚେର ମାଲକାନଗିରି ଠାରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ଲମ୍ବିଛି । ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲାରୁ ଗଳାବାଟ ଦେଇ ଖୋର୍ଦ୍ଧାକୁ ଗଞ୍ଜେଇ ଆସୁଛି । ଏଠାରେ ସାହିଗଳିରେ ଛୋଟ ବଡ ବେପାରୀ ରହିଛନ୍ତି । ଛୋଟ ପେକେଟ, ପୁଡିଆ କରାଯାଇ ବିଭିନ୍ନ ଗ୍ରାମାଂଚଳକୁ ପଠାଯାଉଛି । ଏପରିକି ବିଭିନ୍ନ ପାନଦୋକାନରେ ସିଗାରେଟ ଭିତରେ ଗଞ୍ଜେଇ ପୁରାଇ ବିକ୍ରିକରାଯାଉଥିବା ଜଣାପଡିଛି । ଖୋର୍ଦ୍ଧାଠାରୁ ଗ୍ରାମାଂଚଳ ପର୍ଯ୍ୟନ୍ତ ଏହି କାରବାର ବଢିଚାଲିଛି । କେତେକ ବେପାରୀ ସିଗାରେଟ ଭିତରେ ପୁରାଇ ବିକ୍ରିକରୁଥିବା ଜଣାପଡିଛି। ସ୍ୱଳ୍ପସମୟରେ ଅଧିକ ଟଙ୍କା ରୋଜଗାର ଆଶାରେ ବହୁ ଯୁବପିଢି ଏହି କାରବାରରେ ଲିପ୍ତ ରହୁଥିବା କୁହାଯାଉଛି । ଏଠାରୁ ଗଞ୍ଜେଇ ଓ ଭାଙ୍ଗ ଜାତୀୟ ରାଜପଥ ଦେଇ କଟକ, ପୁରୀ, ଭୁବନେଶ୍ୱର ପ୍ରମୁଖ ଅଂଚଳକୁ ମାଫିଆମାନେ ଚାଲାଣ କରି ବେଶ୍ ଲାଭବାନ ହେଉଥିବାବେଳେ ଏଥିରେ କଲେଜ ପଢୁଆ ଛାତ୍ରଙ୍କୁ ଅର୍ଥ ପ୍ରଲୋଭନ ଦେଖାଇ ତାଙ୍କ ଜରିଆରେ ବେପାର ଜମାଇଥିବା ଜଣାଯାଇଛି ।

# ପ୍ଲଟ ବିକ୍ରି ଆଳରେ ୯୫ ଲକ୍ଷ ଠକେଇ

ବ୍ରହ୍ମପୁର, (ସବ୍ୟୁ): ପ୍ଲଟ ବିକ୍ରି ଆଳରେ ବାପା -ପୁଅ ଜଗଦଳପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଠାରୁ ୯୫ ଲକ୍ଷ ଟଙ୍କା ଠକେଇ କରିଛନ୍ତି। ବାଲାଜୀପେଣ୍ଠ ସାହିର ରଘୁନାଥ ସାହୁ ଓ ତାଙ୍କ ପୁଅ ବାଲାଜୀ ସାହୁ ଏହି ଟଙ୍କା ନେଇଥିଲେ ମଧ ଆଜି ଯାଏଁ ଘର ପଞ୍ଜିକରଣ କରାଯାଉନଥିବା ଅଭିଯୋଗ ହୋଇଛି । ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ ପରେ ପୋଲିସ କେସ ନଂ-୨୬/୨୫ ରେ ଏକ ମାମଲା ରୁଜୁ କରିଛି । ସୂଚନାପ୍ରକାରେ, ଜଗଦଳପୁରର ପଞ୍ଚାନନ ସାହୁ ଓ ଅଭିଯୁକ୍ତ ରଘୁନାଥ ସାହୁଙ୍କ ମଧ୍ୟରେ ପୂର୍ବରୁ ପରିଚୟ ରହିଥିଲା । କିଛି ମାସ ତଳେ ଅଭିଯୁକ୍ତ ରଘୁନାଥ ଓ ତାଙ୍କ ପୁଅ ବାଲାଜୀ ପଞ୍ଚାନନଙ୍କ ଘରକୁ ଯାଇ ବ୍ରହ୍ମପୁର ଅର୍ଣ୍ଣପୂର୍ଣ୍ଣା ମାର୍କେଟରେ ଥିବା ଏକ ପ୍ଲଟ କିଣିବାକୁ କହିଥିଲେ ।

ସେହି ପ୍ଲଟ କିଣା ବାବାଦକୁ ଉଭୟ ପକ୍ଷ ମଧରେ ୮୦ ଲକ୍ଷ ଟଙ୍କାର ଚୁକ୍ତି ହୋଇଥିଲା। ସେହିକ୍ରମରେ ପଞ୍ଚାନନ ୫ଟି ପର୍ଯ୍ୟାୟରେ ନଗଦ ୭୦ ଲକ୍ଷ ଟଙ୍କା ଦେଇଥିବାବେଳେ ଅନଲାଇନରେ ୧୦ ଲକ୍ଷ ଟଙ୍କା ଦେଇଥିଲେ । ସେହିପରି ପଞ୍ଚାନନ ୧୫ ଲକ୍ଷ ଟଙ୍କା ଦେଇ କିଣିଥିବା ଏକ ସେକେଣ୍ଡ ହ୍ୟାଣ୍ଡ କିଣିଥିବା ବେଳେ ସେହି କାରଟିକୁ ରଘୁନାଥ ବିଶ୍ୱାସରେ ମାଗି ନେଇଥିଲେ, ହେଲେ ଅନେକ ମାସ ଯାଏଁ ସେହି ପ୍ଲଟକୁ ପଞ୍ଚାନନଙ୍କ ନାମରେ ପଞ୍ଜିକରଣ କରିନଥିଲେ କିମ୍ବା କାରଟିକୁ ମଧ ଫେରାଇ ନଥିଲେ । ପଞ୍ଚାନନ ବାରମ୍ବାର ପଞ୍ଜିକରଣ ପାଇଁ କହିବା ସହ ଉକ୍ତ କାର ଫେରାଇବାକୁ କହିବାକୁ ରଘୁନାଥ ଓ ତାଙ୍କୁ ପୁଅ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପ୍ଲଟ ପାଇଁ ନେଇଥିବା ୮୦ ଲକ୍ଷ ଓ ୧୫ ଲକ୍ଷ ଟଙ୍କାର କାରକୁ ମିଶାଇ ମୋଟ ୯୫ ଲକ୍ଷ ଟଙ୍କାର ଠକେଇ ହୋଇଥିବା ପଞ୍ଚାନନ ନିଜ ଅଭିଯୋଗରେ ଦର୍ଶାଇଛନ୍ତି ।

## ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ



ବ୍ରହ୍ମପୁର, (ସବ୍ୟୁ) : ସ୍ଥାନୀୟ ଗାନ୍ଧୀନଗର ସ୍ଥିତ ବିଧାୟକ ଏବଂ ସାଂସଦଙ୍କ କାର୍ଯ୍ୟାଳୟରେ ବୁଧବାର ଦିନ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକର ଉନ୍ନତୀକରଣ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାନ୍ୟବର ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର ବିଧାୟକ ଉନ୍ନୟନ ପାଣ୍ଠିରୁ ଦିଆ ଯାଇଥିବା ଅର୍ଥ ସହରର ବିକାଶ କାର୍ଯ୍ୟର ସମୀକ୍ଷା କରିଥିଲେ ।

ବ୍ରହ୍ମପୁର ମହାନଗର ନିଗମର ବିଭିନ୍ନ ଯନ୍ତ୍ରୀ ଓ ଅଧିକାରୀଙ୍କୁ ନେଇ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ତଥ୍ୟ ମାଗିଥିବା ସହ ସେସବୁ କାର୍ଯ୍ୟ କେତେଦୂର ସମ୍ପର୍ଣ୍ଣ ହୋଇଛି ତାହାର ଉପରେ ତଦନ୍ତ କରିଥିଲେ। ଏହାସହ କେ.ଅନିଲ କୁମାର ବିଧାୟକ ହେବା ପରେ ସହରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବିଧାୟକ ଲାଡ୍ ଫଣ୍ଡର ୨ କୋଟି ୩୦ ଲକ୍ଷ ଟଙ୍କାର କାର୍ଯ୍ୟ କରିବାକୁ ମହାନଗରକୁ ପ୍ରଦାନ କରିଥିବା ବେଳେ, ସେହି କାର୍ଯ୍ୟ ଗୁଡିକର ଅଗ୍ରଗତି ନହୋଇଥିବା ଆଶଙ୍କା ନେଇ ଆଜି ସମୀକ୍ଷା ପାଇଁ ଡାକିବା ସହ ଯନ୍ତ୍ରୀମାନଙ୍କୁ ତାଗିଦ କରିଥିଲେ। ତେବେ ଅତିଶୀଘ୍ର କାର୍ଯ୍ୟାଦେଶ ଦେବା ସହ ଆଗାମୀ ମାସରୁ ୩ମାସ ମଧ୍ୟରେ ସେହି ସମସ୍ତ କାର୍ଯ୍ୟ ଗୁଡ଼ିକୁ ଶେଷ କରି ୟୁଟିଲାଇଜେସନ ସାର୍ଟିଫିକେଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ଫଳରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆହୁ ଅଧିକ ଅର୍ଥ ସହରର ଉନ୍ନତିମୂଳକ କାର୍ଯ୍ୟ ନିମନ୍ତେ ଆସିପାରିବ ବୋଲି ବିଧାୟକ କେ.ଅନିଲ କୁମାର କହିଥିଲେ।

## ସାଧାରଣତନ୍ତ୍ର ଦିବସ ଅବସରରେ ଅଭ୍ୟାସ ପ୍ୟାରେଡ୍



ଭଞ୍ଜନଗର, (ସବ୍ୟୁ): ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ସ୍ଥାନୀୟ ଉପଖଣ୍ଡ ସୁଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତି ଚୁଡ଼ାନ୍ତି ପର୍ଯ୍ୟାୟରେ ପହଞ୍ଚିଛି। ଗୁରୁବାର ସ୍ଥାନୀୟ କବିସମ୍ରାଟ ଷ୍ଟାଡିୟମରେ ସାଧାରଣତନ୍ତ୍ର ଦିବସ ଅଭ୍ୟାସ ପ୍ୟାରେଡରେ ୨୩ଟି କ୍ୟାଡେଟ ଅଂଶ ଗ୍ରହଣ କରୁଥିବା ସମସ୍ତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ବିଶେଷକରି ଏନସିସି କ୍ୟାଡେଟ,ଏୟାର ୱିଙ୍ଗ୍, ଆର୍ମି ୱିଙ୍ଗ୍ ଓ ନେଭାଲ୍ ୱିଙ୍ଗ୍, ବିଭିନ୍ନ ବିଦ୍ୟାଳୟର ରେଡକ୍ରସ ୟୁନିଟ, ସ୍କାଉଟ ଗାଇଡ୍, ସିଭିଲିଆନ୍ ଆଦି ବିଭିନ୍ନ ୟୁନିଟ ପକ୍ଷରୁ ଗୁରୁବାର ଅପରାହ୍ଣରେ ଜୋରଦାର ପ୍ୟାରେଡ ଅଭ୍ୟାସ କରାଯାଇଛି। ଶୁକ୍ରବାର ଚୁଡାନ୍ତ ପର୍ଯ୍ୟାୟ ପ୍ରସ୍ତୁତି ଶିବିର ଆୟୋଜିତ ହେବା ଏଥିପାଇଁ ଆଜି ସ୍ଥାନୀୟ ଏନ୍ଏସି ପକ୍ଷରୁ ଦୁଇଟି ଟ୍ୟାଙ୍କର ସହାୟତାରେ ପଡ଼ିଆରେ ପାଣି ସିଞ୍ଚନ କରାଯାଇଛି।

ଏଣୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଚଳିତବର୍ଷ ଏହି ଜାତୀୟ କାର୍ଯ୍ୟକ୍ରମ ଯେପରି ଅଧିକ ଆକର୍ଷଣୀୟ ହୋଇପାରିବ ସେଥିପାଇଁ ଭରପୁର ପ୍ରୟାସ କରୁଥିବା ସୂଚନା ଅଧିକାରୀ ଗୌରୀଶଙ୍କର ଶତପଥୀ ଉଲ୍ଲେଖ କରିଛନ୍ତି। ଶୁକ୍ରବାର ମଧ୍ୟ ପଡ଼ିଆରେ ପାଣି ସିଞ୍ଚନ କରାଯିବା କାର୍ଯ୍ୟକ୍ରମ ରହିଛି ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟରେ ନେତାଜୀ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ବାଟାଲିୟନର ଏନ୍ସିସି ଆର୍ମି ଉଇଙ୍ଗ୍ ସେକେଣ୍ଡ ଅଫିସର ଶ୍ୟାମା ପ୍ରସାଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମାକାନ୍ତ ନାହାକ, ସୁରେଶ ପ୍ରଧାନ, ବିରୁପାକ୍ଷ ପଣ୍ଡା ଓ ଶ୍ରୀ ମିଶ୍ର ବିପ୍ଳବ ବୀର ତଥା ଭାରତମାତାଙ୍କ ଅନ୍ୟତମ ଯୋଗଜନ୍ମା ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ବୀରତ୍ୱର ଗାଥା ସଂପର୍କରେ ବର୍ଣ୍ଣନା କରିଥିଲେ । କତିପୟ ବିଏଡ୍ ଗୁରୁ ଛାତ୍ରଛାତ୍ରୀ ଓ ୟୁବି ହାଇସ୍କୁଲ୍ର କେତେକ ଛାତ୍ରଛାତ୍ରୀ ମଧ୍ୟ ଉଭୟଙ୍କ ଗୁଣଗାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୀପ ପ୍ରଜ୍ଜ୍ୱଳନ କରିଥିଲେ । ଶ୍ରୀ ନାହାକ ନେତାଜୀଙ୍କ ଜୀବନାଦର୍ଶ ସଂପର୍କିତ ବିବରଣୀ ଦେଇଥିଲେ ଓ ଶ୍ରୀ ମିଶ୍ର ପରାକ୍ରମ ଦିବସ ବିଷୟରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ ।

## ବିପିଏଲ୍ ଚାଉଳ ପାଇଁ ବୃଦ୍ଧା ମାଆକୁ ହତ୍ୟାକଲା ପୁଅ

ବାରିପଦା, (ସବ୍ୟୁ) : ବିପିଏଲ ଚାଉଳ ପାଇଁ ବୃଦ୍ଧା ମାଆ'କୁ କୋଦାଳରେ ହାଣୀ ଜୀବନରୁ ମାରିଦେଲା ସୈତାନ ପୁଅ। ଏଭଳି ଅଭାବନୀୟ ଘଟଣା ଘଟିଛି ବାରିପଦା ସଦର ଥାନା ଅଧିନ ଶାମାଖୁଣ୍ଟା ବ୍ଲକ୍ ଅନ୍ତର୍ଗତ ଶରତଚନ୍ଦ୍ରପୁର ଗ୍ରାମରେ । ମୃତକ ଜଣଙ୍କ ହେଲେ ରାଇବରୀ ସିଂ(୬୦) । ଘଟଣାରୁ ପ୍ରକାଶ ଯେ, ବୁଧବାର ରାଇବରୀ ୧୦କେଜି ବିପିଏଲ ଚାଉଳ ପାଇଥିଲେ ଏବଂ ସେଇ ଚାଉଳକୁ ଭାଗ ବଣ୍ଟା ପାଇଁ ଉଭୟ ମାଆ ଓ ପୁଅ ରହିଦାସ ସିଂ ମଧରେ ପାଟିତୁଣ୍ଡ ହୋଇଥିଲା ଏବଂ ଏଥିରେ ରାଗିଯାଇ ଏଭଳି ହତ୍ୟାକାଣ୍ଡ ଭିଆଇଛି ସୈତାନ ପୁଅ ରହିଦାସ। ସାମାନ୍ୟ ଚାଉଳ ଭାଗ ବଣ୍ଟା ପାଇଁ ପ୍ରଥମେ ନିଜ ମାଆ'କୁ ଜୀବନରୁ ମରିଦେବା ପରେ ନିଜେ ବେକ କାଟି ହସ୍ପିଟାଲ ବେଡ଼ରେ ପଡିଛି ଜହ୍ଲାଦ ପୁଅ।

## ସଚ୍ଚିଦାନନ୍ଦ ଗୁରୁକୁଳରେ ପରାକ୍ରମ ଦିବସ

ବାରିପଦା, (ସବ୍ୟୁ) : ବାରିପଦା ସ୍ଥାନୀୟ ମୁର୍ଗାବାଡି ସ୍ଥିତ ସଚ୍ଚିଦାନନ୍ଦ କୁରୁକୁଳରେ ନେତାଜୀ ସୁଭାଷ ବୋଷଙ୍କ ୧୨୮ତମ ଜନ୍ମ ଜୟନ୍ତୀ 'ପରାକ୍ରମ ଦିବସ ସହିତ ଭାରତୀୟ ସଶସ୍ତ୍ର ସଂଗ୍ରାମର ମହାନାୟକ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଛି । ମନ୍ଦାକିନି ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗୁରୁକୁଳ ପ୍ରତିଷ୍ଠାତା ଅଜିତ ବେହେରା, ଶିକ୍ଷକ କୈଳାଶ ଦାସ, ନବୀନ ରାଉତ, ସ୍ୱାଗତିକା ସାହୁ ଓ ସତ୍ୟନାରାୟଣ ଦାସ ମାନେ ଦୁଇ ମହାପୁରୁଷଙ୍କ ଚିନ୍ତା, ଭାବନା, ସଂଗ୍ରାମ ବିଷୟରେ ଆଲୋକପାତ କରିଥିଲେ । ପରାକ୍ରମ ଦିବସ ଉପଲକ୍ଷେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଚିତ୍ରାଙ୍କନରେ ଦିବ୍ୟଶଙ୍କର ବେହେରା ପ୍ରଥମ, ଶାନ୍ତି ମୁର୍ମୁ ଦ୍ୱିତୀୟ, ଯୀଶୁ ନାୟକ ଓ ଆଦ୍ୟାଶା ପ୍ରଧାନ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିଲାବେଳେ, ବକ୍ତୃତା ପ୍ରତିଯୋଗୀତାରେ ଲିପିକା ପଣ୍ଡା ପ୍ରଥମ, ହରପ୍ରିୟା ପଣ୍ଡା ଦ୍ୱିତୀୟ ଓ ଭାବେଶ ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ ।

## ସୁଭାଷ ଚନ୍ଦ୍ର ବୋଷ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

ଛତ୍ରପୁର, (ସବ୍ୟୁ): ଗୁରୁବାର ଦୁଇ ମହାପୁରୁଷ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପରିପ୍ରେକ୍ଷୀରେ ଛତ୍ରପୁରର ରାଧେଶ୍ୟାମ ଫାଉଣ୍ଡେସନ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପାଳନ କରାଯାଇଛି । ଟ୍ରଷ୍ଟ ର ସଭାପତି ତଥା ୧୦ନଂ ୱାର୍ଡ କାଉନସିଲର ଦେବାଶିଷ ମିଶ୍ରଙ୍କ ପୌରହିତ୍ୟରେ ସ୍ଥାନୀୟ ଭିଆଇପି ରୋଡ ଠାରେ ଥିବା ଉଭୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟାର୍ପଣ କରାଯାଇ ସେମାନଙ୍କ ସ୍ମୃତି ଚାରଣ କରାଯାଇଥିଲା । ଏଥିରେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୂରୀ, ଛତ୍ରପୁର ଏନଏସି ଉପାଧକ୍ଷ ଜି. ପାପା ରାଓ, ପୂର୍ବତନ କାଉନସିଲର ବି.ରାଜୁବାବୁ, କାଉନସିଲର କେ. ରମେଶ, ପ୍ରୀତିଛନ୍ଦା ସାମଲ, ସନ୍ତୋଷୀ ସେଠି ଓ ବି. ନିଷ୍କଳାସ୍ୱାମୀ, ବି. ଗୋପାଳ ସ୍ୱାମୀ, ରାଧେଶ୍ୟାମ ଫାଉଣ୍ଡେସନ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟର ଉପସଭାପତି ଅଞ୍ଚଳ ବିହାରୀ ପଟ୍ଟନାୟକ, ସମ୍ପାଦିକା ଝିଲିବାଳା ରାଉତ, ଯୁଗ୍ମ ସମ୍ପାଦିକା ଗୀତା ସାହୁ, ଆଇନଜୀବି ମନୋଜ କୁମାର ପାଢ଼ୀ ଓ ଡମିନାଥ ସାହୁ, ନୃସିଂହ ଚରଣ ଗୌଡ଼ ଏବଂ ସୁବ୍ରତ ପଡିଆରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ ।

## ପୁଣି ସାଇବର ଠକେଇ
## ଫ୍ରଡ୍ ଫୋରେକ୍ସ ଟ୍ରେଡିଂ ଚଳୁ କରିଦେଲା ଲକ୍ଷଲକ୍ଷ ଟଙ୍କା

ବାରିପଦା, (ସବ୍ୟୁ) : ପୁଣି ସାଇବର ଠକେଇ ଶିକାର ହେଲେ ଯୁବକ । ଫ୍ରଡ୍ ଫୋରେକ୍ସ ଟ୍ରେଡିଂ କରି ସର୍ବସ୍ୱାନ୍ତ ହୋଇଯାଇଛନ୍ତି ବାରିପଦା ସହର ୱାଲିଗଞ୍ଜ ଅଞ୍ଚଳର ଯୁବକ ରୋହିତ କୁମାର ପଟ୍ଟନାୟକ । ଦୀର୍ଘବର୍ଷ ଧରି କଷ୍ଟରେ ଅର୍ଜନ କରି ସଞ୍ଚୟ କରିଥିବା ୨୧ଲକ୍ଷ ୮୧ହଜାର ୯୯୫ଟଙ୍କାକୁ ମାତ୍ର କିଛି ମଧରେ ହରାଇ ଦେଇଛନ୍ତି । ଏନେଇ ଠକାମିର ଶିକାର ହୋଇଥିବା ଯୁବକ ରୋହିତ ପଟ୍ଟନାୟକ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ରହିଥିବା ଜିଲ୍ଲା ସାଇବର ଥାନାରେ ଅଭିଯୋଗ କରିଛନ୍ତି । ଯୁବକଙ୍କ ଅଭିଯୋଗ ଆଧାରରେ ଗତ ୨୦ତାରିଖରେ ସାଇବର ଥାନାରେ ୦୨/୨୦୨୫ ଆଣ୍ଡାର ସେକ୍ସନ୍-୬୬(ଡି), ୩୧୮(୨), ୩୧୮(୪), ୩୧୯(୨) ଭାରତୀୟ ନ୍ୟାୟ ସଂଗୀତା ଅନୁଯାୟୀ ଏକ ପ୍ରୋଡ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରିରଖିଛି ସାଇବର ପୋଲିସ । ଅଭିଯୋଗ ମୁତାବକ ଗତବର୍ଷ ଆର୍ଥାତ୍ ଡିସେମ୍ବର ୫ତାରିଖରେ ରୋହିତ୍ଙ୍କ ୱାଟସଆପ୍ ନମ୍ବରକୁ ଅମିତ ବିଜୟ ଭାରର୍ଗ୍ୟ ନାମ ରହିଥିବା ୱାଟସଆପ୍ ନମ୍ବରୁ ଏକ ମେସେଜ ଆସିଥିଲା । ଏଥିରେ ଫର୍ଚ୍ୟୁନ୍ ଫୋରେକ୍ସ ନାମରେ ଟ୍ରେଡିଂ କରିବାକୁ ସେ ରୋହିତଙ୍କୁ ଅର୍ଥଲୋଭ ଦେଖାଇ ଉକ୍ତ କମ୍ପାନୀରେ ଅର୍ଥ ନିବେଶ କରିବା ପାଇଁ ପର୍ବତ୍ତାଇଥିଲେ । ଯାହାଫଳରେ ରୋହିତ୍ ଅଧିକ ଲାଭ ପାଇବା ଆଶାରେ ଗତ ଡିସେମ୍ବର ୨୬ତାରିଖରେ ପ୍ରଥମେ ୪୨ହଜାର ୫୦୦ଟଙ୍କା ବିନିଯୋଗ କରିଥିଲେ । ସେଥିରେ ସେ ଅଧିକ ଲାଭ ପାଇଥି କାରଣରୁ ଡିସେମ୍ବର ୩୦ରେ ପୁଣି ୯ଲକ୍ଷ ୫୦ହଜାର ଲଗାଇଥିଲେ । ଏହାପରେ ଜାନୁଆରୀ ୧ତାରିଖରେ ତାଙ୍କର ଟ୍ରେଡିଂ ଏକାଉଣ୍ଟ ରେ ୨୧ଲକ୍ଷ ୩୫ହଜାର ୨୫୫ଟଙ୍କା ଜମା ହୋଇଥିବା ଦେଖିବାକୁ ପାଇଥିଲେ । ଏହାପରେ ସେ ତାଙ୍କର ଟ୍ରେଡିଂ ଏକାଉଣ୍ଟ ରୁ ୮୫ହଜାର ଟଙ୍କା ନିଜର ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିବାକୁ ଚାହିଁଥିଲେ । ହେଲେ ତାହା ସମ୍ଭବ ହୋଇନଥିଲା । ଉକ୍ତ ଟ୍ରେଡିଂ ଆକାଉଣ୍ଟ ରେ ଆହୁରି ୧୧ଲକ୍ଷ ୯୧ହଜାର ୮୩୭ଟଙ୍କା ଜମା କଲାପରେ ଯାଇ ଟଙ୍କା ଉଠାଣ ପ୍ରକ୍ରିୟା ସମ୍ଭବ ହୋଇପାରିବ ବୋଲି ଉକ୍ତ ଠକ କମ୍ପାନୀ ପକ୍ଷରୁ ଦର୍ଶାଇଥିଲା । ଏହାପରେ ମଧ ଯୁବକ ଜଣଙ୍କ ଠକର ଚାଲାକି ବୁଝି ନପାରି ଧୀରେଧୀରେ ତାର ମିଛ ଜାଲରେ ଛନ୍ଦି ଚାଲିଥିଲେ । ଆଉ ପୁଣି ଟଙ୍କା ଲଗାଇ ଚାଲିଥିଲେ । ଯାହାଫଳରେ ସେ ମାତ୍ର କିଛିଦିନ ମଧରେ ମୋଟ୍ ୨୧ଲକ୍ଷ ୮୧ହଜାର ୯୯୫ଟଙ୍କା ଉକ୍ତ ଫ୍ରଡ ଟ୍ରେଡିଂ କମ୍ପାନୀରେ ବିନିଯୋଗ କରିଥିଲେ । ହେଲେ ହଠାତ୍ ଉକ୍ତ କମ୍ପାନୀ ଅନଲାଇନ୍ରୁ ଗାଏବ୍ ହୋଇଯାଇଥିଲା ଏବଂ କୌଣସି ମ୍ୟାସେଜ୍ କିମ୍ବା କୋଲର ଜବାବ୍ ଆସିନଥିଲା । ଯାହାଫଳରେ ଯୁବକ ଜଣକ ନିଜେ ଠକାମିର ଶିକାର ହେଉଥିବା ଜାଣିପାରି ବାରିପଦା ସ୍ଥିତ ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଏବଂ ଉକ୍ତ ଅଭିଯୋଗ ଆଧାରରେ ସାଇବର ପୋଲିସ ତାର ତଦନ୍ତ ପ୍ରକ୍ରିୟା ଜାରିରଖିଥିବା କହିଛନ୍ତି ବାରିପଦା ସଦର ଏସଡିପିଓ ସୁଜିତ୍ କୁମାର ପ୍ରଧାନ । ତେବେ ବର୍ଷକ ମଧରେ ଜିଲ୍ଲା ସାଇବର ଥାନାରେ ଏଭଳି ୩୯ଟି କେସ୍ ହୋଇଥିବାବେଳେ ଏଥିରେ ୭୦ ରୁ ୮୦ଲକ୍ଷ ଟଙ୍କା ହରାଇଛନ୍ତି ଅଭିଯୋଗକାରୀ ।

## ମୋଟାବାଡ଼ି ଗ୍ରାମରେ ଜନଶୁଣାଣି

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମୋଟାବାଡି ଗ୍ରାମର ବଡ଼ଦାଣ୍ଡ ଠାରେ ଆଜି ଏକ ଜନଶୁଣାଣୀ କାର୍ଯ୍ୟକ୍ରମ, ସ୍ୱାଗତ ସମ୍ବର୍ଦ୍ଧନା ସଭାସହିତ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ମଣ୍ଡଳ ସଭାପତି ସୁଶାନ୍ତ କୁମାର ଡାକୁଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ମତ୍ସ୍ୟ, ପଶୁପାଳନ ଓ କ୍ଷୁଦ୍ର, ଅତି କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇ ତାହାର ଫାଇଦା ନେବାପାଇଁ ପରାମର୍ଶ ଦେଇଥିଲେ। ଏହାସହିତ ଯେକୌଣସି ଲୋକଙ୍କ ଅସୁବିଧା ହେଲେ ସିଧାସଳଖ ମୋ ସହିତ ଯୋଗାଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇ ବାଲିଛାଇ, ନାଗିରି ଓ ଠଣାପଲ୍ଲୀ ଗ୍ରାମର ନାମ ମୋଟାବାଡି ପଞ୍ଚାୟତ ତାଲିକାରେ ନଥିବା ହେତୁ ମନ୍ତ୍ରୀ ଶ୍ରୀ ମଲ୍ଲିକ ସ୍ଥାନିତ କରିଥିବା ପ୍ରକାଶ କରିଥିଲେ। ମୋଟାବାଡି ଗ୍ରାମର ଲୋକଙ୍କ ବିଭିନ୍ନ ଅଭିଯୋଗ ପତ୍ର ଗ୍ରହଣ କରି ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ଏହାର ସମାଧାନ କରିବା ପାଇଁ ପରାମର୍ଶ ଦେଇଥିଲେ । ମନ୍ତ୍ରୀ ଶ୍ରୀ ମଲ୍ଲିକ ଏବଂ ଏହାସହିତ ଡାକରାବାଡି ଗ୍ରାମର ଭାସ୍କର ପ୍ରଧାନ, ସୁଶାନ୍ତ ପ୍ରଧାନ, ଗୌର ପ୍ରଧାନ, ସନ୍ତୋଷ ପ୍ରଧାନ, ବିଶ୍ୱ ପ୍ରଧାନ, ବିପ୍ର ପ୍ରଧାନ,ଶରତ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଙ୍କ ନିତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଜେଡି ଦଳ ଛାଡ଼ି ବିଜେପିରେ ସାମିଲ ହୋଇଥିଲେ। ସମସ୍ତଙ୍କୁ ମନ୍ତ୍ରୀ ବିଜେପି ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳରେ ସାମିଲ କରାଇଥିଲେ। ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି କେ ନିଳମାଧବ ଆଚାରୀ, ସମିତି ସଭ୍ୟ ଶିବଶଙ୍କର ପ୍ରଧାନ, ଗଙ୍ଗାଧର ନାୟକ, ହରିହର ସାହୁ, ମଦନ ଗୋପାଳ ଦୋରା, ସୁନୀଲ ପାଢ଼ୀ, ସୁଶାନ୍ତ କୁମାର ରାଉତ, ବସନ୍ତ କୁମାର ସାମଲ, ଉମାଶଙ୍କର ଜେନା, ଦିଲ୍ଲିପ ପ୍ରଧାନ ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ।

## ବିଭିନ୍ନ ଶିକ୍ଷାନୁଷ୍ଠାନରେ ନେତାଜୀ ଜୟନ୍ତୀ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାରେ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି । ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ୱପରିସରରେ ପ୍ରଧାନାଚାର୍ଯ୍ୟ ଆଟଲ୍ ଲିଙ୍ଗରାଜଙ୍କ ପୌରହିତ୍ୟରେ ଅନୁଷ୍ଠିତ ନେତାଜୀ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ଅତିଥି ଭାବେ ପରିଚାଳନା ସମିତି ସଭାପତି ବ୍ରଜ କିଶୋର ପାଢ଼ୀ ଓ ସମ୍ପାଦକ ରମେଶ ଚନ୍ଦ୍ର ଆଲଟିଆ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିବା ସହ ସ୍ୱାଧୀନତା ଆନ୍ଦୋଳନରେ ସୁବାସ ଚନ୍ଦ୍ର ବୋଷଙ୍କ ପରାକ୍ରମୀ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିପରି ନିୟୁ ଏରା ପବ୍ଲିକ୍ ସ୍କୁଲରେ ଅଧ୍ୟକ୍ଷ ବୃଷକେତୁ ଦାଶଙ୍କ ଅଧକ୍ଷତାରେ ଏବଂ ଶ୍ରୀବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀ କୃଷ୍ଣପ୍ରିୟା ମହାରଣାଙ୍କ ପୌରୋହିତ୍ୟରେ ନେତାଜୀ ଜୟନ୍ତୀ ପାଳିତ ହୋଇଥିଲା। ଅନ୍ୟପକ୍ଷରେ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ନେତାଜୀ ଜୟନ୍ତୀ ପାଳନ ଅବସରରେ ପ୍ରତିଯୋଗିତାମାନ କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ଆର୍ଏସ୍ଏସ୍ର ପୂର୍ବତନ ପ୍ରାନ୍ତ ସଂଘ ଚାଳକ ଶିବରାମ ମହାପାତ୍ରଙ୍କ ବିୟୋଗରେ ଶୋକସଭା



ବ୍ରହ୍ମପୁର, (ସବ୍ୟୁ) : ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନିଳକଣ୍ଠନଗରର ପରିଚାଳନା ସମିତିର ପ୍ରଥମ ସଭାପତି ତଥା ରାଷ୍ଟ୍ରୀୟ ସଂଘ ସେବକ ସଂଘର ପ୍ରାକ୍ତନ ସଂଘଚାଳକ ଶିବରାମ ମହାପାତ୍ରଙ୍କ ପରଲୋକ ଘଟିଛି । ବିଦ୍ୟାଳୟର ନୂତନ ପରିଚାଳନା ସମିତି କକ୍ଷରେ ଗୁରୁବାର ଶୋକସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ପରିଚାଳନା ସମିତିର ସଭାପତି ଡଃ. ଜୀବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, ଉପଦେଷ୍ଟା ଶ୍ରୀମତି ମମତା ପାଣିଗ୍ରାହୀ, ପ୍ରଣତି ସାମଲ, ହରିକୃଷ୍ଣ ସାହୁ, ବିଦ୍ୟା ମନ୍ଦିର ପ୍ରଧାନାଚାର୍ଯ୍ୟ ଏସ୍. ମୋହନ ରାଓ, ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି ନିମନ୍ତ୍ରିତ ଅତିଥି କେ.ଭେଙ୍କଟ ରାଓ, ରବିନ୍ଦ୍ର ଡାକୁଆ ପ୍ରମୁଖ ଉପସ୍ଥିତ ରହି ଶିବରାମ ମହାପାତ୍ରଙ୍କ ଫୋଟରେ ପୁଷ୍ପମାଳା ଅର୍ପଣ କରି ଅମରଆତ୍ମାର ସଦ୍‌ଗତି କାମନା କରିଥିଲେ। ଉପସ୍ଥିତ ସମସ୍ତ କର୍ମକର୍ତ୍ତା ସ୍ୱର୍ଗତ ଶିବରାମ ମହାପାତ୍ରଙ୍କ କୃତି ଓ କିର୍ତ୍ତୀ ଉପରେ ସ୍ମୃତି ଚାରଣ କରିଥିଲେ। ପରିଶେଷରେ ଏକ ନୀରବ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା।

## ନେତାଜୀ ଜୟନ୍ତୀରେ ଏଆଇଡ଼ିଏସଓର ପଦଯାତ୍ରା




ବାରିପଦା, (ସବ୍ୟୁ) : ଆଜି ଭାରତ ବର୍ଷର ସ୍ୱାଧୀନତା ଆନ୍ଦୋଳର ଆପୋଷହୀନ ଧାରାର ମହାନ ଅଭିବ୍ୟକ୍ତି ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ୧୨୮ତମ ଜୟନ୍ତୀ ଦେଶର ବିପ୍ଲବୀ ଛାତ୍ର ସଂଗଠନ ଏଆଇଡ଼ିଏସଓ ପକ୍ଷରୁ ଯଥାଯୋଗ୍ୟ ମର୍ଯ୍ୟାଦାର ସହିତ ପାଳନ କରାଯାଇଛି । ଏହି ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲା କମିଟି ଉଦ୍ୟୋଗରେ ପଦଯାତ୍ରା ଓ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଛି ।

ଏହି ପଦଯାତ୍ରା ନେତାଜୀ ଫୋଟୋ ଓ ସଂଗଠନର ପତାକାରେ ସୁସଜ୍ଜିତ ହୋଇ ବାରିପଦା ସ୍ଥିତ ଛଉପଡିଆ ନିକଟରୁ ବାହାରି ଜିଲ୍ଲାପାଳ ଅଫିସ ସମ୍ମୁଖ ଦେଇ ଏମ୍ପିସି ଜୁନିଅର କଲେଜ ନିକଟରେ ପହଞ୍ଚି ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ନେତାଜୀଙ୍କ ଜୀବନ ସଂଗ୍ରାମରୁ ଉପଯୁକ୍ତ ଶିକ୍ଷା ଗ୍ରହଣ କରି ସାମ୍ପ୍ରତିକ ସାମାଜିକ ଜୀବନରେ ଦେଖା ଦେଉଥିବା ସମସ୍ତ ପ୍ରକାର ଅନ୍ୟାୟ ଅତ୍ୟାଚାର ଶୋଷଣ ବିରୁଦ୍ଧରେ ଆପୋଷହୀନ ସଂଗ୍ରାମ କରିବା ମଧ୍ୟରେ ହିଁ ତାଙ୍କ ପ୍ରତି ଯଥାର୍ଥ ଶ୍ରଦ୍ଧାଞ୍ଜାପନ କରାଯାଇ ପାରିବ ଅନ୍ୟଥା ନେତାଜୀଙ୍କ ପ୍ରତି ମିଥ୍ୟାଚାର କରାଯିବ ବୋଲି ମୁଖ୍ୟବକ୍ତା ଭାବେ ସଂଗଠନର ଜିଲ୍ଲା ସମ୍ପାଦକ ଫୁଲଚାନ୍ଦ ଲୋହାର ବକ୍ତବ୍ୟ ରଖିଥିବାବେଳେ ସଭାପତିତ୍ୱ କରିଥିଲେ ଜିଲ୍ଲା ଅଫିସ ସମ୍ପାଦକ ଯତୀନ ବାନରା ।

ଏହି କାର୍ଯ୍ୟକ୍ରମରେ ସଂଗଠନର ଜିଲ୍ଲା କମିଟି ସଦସ୍ୟା ବୁଦୁନି ବାନରାଙ୍କ ସମେତ ସଦସ୍ୟା ପୁଷ୍ପାଞ୍ଜଳି ପାତ୍ର, ଶ୍ରୁତି ହାଁସଦା, ସୁଶାନ୍ତି ମୁର୍ମୁ ରିନୁ ବଡ୍ରା, ଲିପିପ୍ରଜ୍ଞା ନାୟକ ଓ ପାର୍ବତୀ ହାଁସଦା ଏବଂ ସଦସ୍ୟ ଗୋବିନ୍ଦ ମୁଣ୍ଡାରୀ, ସୁନାରାମ ସିଂ, ଛତିଶ ସିଂ, ଅନନ୍ତ ଶେଖର ହେମ୍ବ୍ରମ ଓ ସୁମନ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

## ଅପହୃତା ନାବାଳିକା ଉଦ୍ଧାର, ଯୁବକ ଗିରଫ

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ତାରା ସିଂ ଥାନା ପୁଲିସ ଏକ ନାବାଳିକା ଅପହରଣ ମାମଲାରେ ଅପହୃତା ନାବାଳିକାକୁ ଉଦ୍ଧାର କରିବା ସହ ଅପହର୍ତ୍ତା ଯୁବକକୁ ଗିରଫ କରି ପୋକସ୍ କୋର୍ଟ କୁ ଚାଲଣ କରିଛି। ତାରା ସିଂ ଥାନା ଅଧିକାରୀ ରେବତୀ ଶବର ଦେଇଥିବା ସୂଚନା ପ୍ରକାରେ ୨୨ ତାରିଖ ବୁଧବାର ଦିନ ଏହି ଥାନା ଅନ୍ତର୍ଗତ ଗାଲେରୀ ଫାଣ୍ଡି ଇଲାକାର ରାଣୀ କିଆରୀ ଗ୍ରାମର ପାଲୁଣି ମନ୍ତ୍ରୀ ନାମକ ଜଣେ ମହିଳା ତାରା ସିଂ ଥାନାରେ ତାଙ୍କର ନାବାଳିକା କନ୍ୟାକୁ ସେହି ଥାନା ଅନ୍ତର୍ଗତ ଲମ୍ବେଇ ମଙ୍କଡକୁମ୍ପା ଗ୍ରାମର ଶିବ ନାଇକଙ୍କ ପୁଅ ପଦ୍ମ ଚରଣ ନାଇକ ଓରଫ ଲଣ୍ଡା (୨୫) କେଉଁ ଆଡେ ଅପହରଣ କରି ନେଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଥାନା କେଶ୍ ନମ୍ବର ୪୦/୧ ରେ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଅପହରଣ ର ୨୪ ଘଣ୍ଟା ନପୁରୁଣୁ ପୁଲିସ ଅଭିଯୁକ୍ତ ଲଣ୍ଡାକୁ କାବୁ କରିବା ସହ ନାବାଳିକାକୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପରେ ଅଭିଯୁକ୍ତ ଲଣ୍ଡାକୁ ୬ ପୋକସ୍ ଆଇନ ସହ ବିଭିନ୍ନ ଦଫାରେ ଗିରଫ କରି ବ୍ରହ୍ମପୁର ସ୍ଥିତ ପୋକସ୍ କୋର୍ଟକୁ ଚାଲଣ କରାଯାଇଥିବା ଥାନା ଅଧିକାରୀ ରେବତୀ ଶବର ସୂଚନା ଦେଇଛନ୍ତି ।

## କୁକୁଡାଖଣ୍ଡି ବ୍ଲକସ୍ତରୀୟ ଜାତୀୟ ବାଳିକା ଦିବସ

ଗଞ୍ଜାମ, (ସବ୍ୟୁ): ବୁଧବାର ପୂର୍ବାହ୍ଣରେ ଜାତୀୟ ବାଳିକା ଦିବସ ଉଦ୍ଘାଟନୀ ଉତ୍ସବ ଏବଂ ପ୍ରବନ୍ଧ, ଚିତ୍ରାଙ୍କନ, ସ୍ଲୋଗାନ (ବରିଷ୍ଠ ଓ କନିଷ୍ଠ) ପ୍ରତି ବିଭାଗର ବାଳିକା ମାନଙ୍କ ପ୍ରତିଭା ପ୍ରତିଯୋଗୀତା ତଥା ଉଦଯାପନୀ ଉତ୍ସବ କୁକୁଡ଼ାଖଣ୍ଡି ବ୍ଲକ୍ ଅନ୍ତର୍ଗତ ଲାଞ୍ଜିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟେ ଅନୁଷ୍ଠିତ ହୋଇଛି । ବ୍ଲକ୍ ସ୍ତରୀୟ ଜାତୀୟ ବାଳିକା ଦିବସ ଉଦଘାଟନୀ ଓ ଉଦଯାପନୀ ଉତ୍ସବରେ କୁକୁଡ଼ାଖଣ୍ଡି ବ୍ଲକ୍ର ସହ ଶିକ୍ଷା ଅଧିକାରୀ ତଥା ବି.ଆର୍.ସି.ସି ବସନ୍ତ କୁମାର ସେଠୀ, ଲାଞ୍ଜିଆ ସମିତି ସଭ୍ୟ ତଥା ଆମ୍ୱଗଡ ସେବା ସମବାୟ ସମିତି ସଭାପତି କାହ୍ନୁ ଚରଣ ପାତ୍ର, ସରପଞ୍ଚ ଅନିଲ କୁମାର ଗୌଡ଼, ଦକ୍ଷିଣପୁର କ୍ଲଷ୍ଟର ସି.ଆର୍.ସି.ସି ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନମିତା କୁମାରୀ ମହାରଣା, ବିଦ୍ୟାଳୟ ଏସ୍.ଏମ୍.ସି ଅଧକ୍ଷ ଦାମୋଦର ପୂଜାରୀ, ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ, ବ୍ଲକର ଗାଇଡ୍ ଶିକ୍ଷକ/ଶିକ୍ଷୟତ୍ରୀ ତଥା ଦାଇତ୍ୱରତ ବିଚାରକ ମଣ୍ଡଳୀ, ପ୍ରତିଯୋଗୀ ଛାତ୍ରୀଗଣ ଆଜିକାର ଜାତୀୟ ବାଳିକା ଦିବସ ପାଳନ ଉତ୍ସବ ଅବସରରେ ସଭିଁଏ ଯୋଗଦାନ ପୂର୍ବକ ସହଯୋଗ କରି ଉତ୍ସବଟିକୁ ସଫଳ କରିଥିଲେ ।

## ଶାନ୍ତି ଶକ୍ତି ଭବନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଆସିକା, (ସବ୍ୟୁ: ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନ ରେ ଗୁରୁବାର ଦିନ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଛି । ସେବା କେନ୍ଦ୍ର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ ଶିବିରକୁ ଆସିକା ସୁଗାର ଇଣ୍ଡଷ୍ଟ୍ରୀର ପରିଚାଳନା ନିର୍ଦ୍ଦେଶକ ଡା ସୁଶାନ୍ତ ପଣ୍ଡା, ମେଡିକାଲର ସୁପରିଣ୍ଟେଣ୍ଡେଣ୍ଟ ଡା. ବାଳ ଗୋପାଳ ବେହେରା, ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ ସାଗରିକା ମିଶ୍ର ଓ ବ୍ରହ୍ମପୁର ମେଡିକାଲ କଲେଜ ବ୍ଲଡ୍ ବ୍ୟାଙ୍କର ଡା.ମନୋଜ ଟୁଡୁ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ବାଦ ଓ ଆମ ଓଡ଼ିଶା ସହଯୋଗରେ ବ୍ରହ୍ମପୁର ମେଡିକାଲ କଲେଜ ବ୍ଲଡ୍ ବ୍ୟାଙ୍କ୍ କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ମୋଟ ୫୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

## ଭଞ୍ଜସେନାର ୨୭ତମ ପ୍ରତିଷ୍ଠା ଦିବସ ପାଳିତ



ବାରିପଦା, (ସବ୍ୟୁ) : ମହାନ୍ ସ୍ୱାଧିନତା ସଂଗ୍ରାମୀ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଦିବସରେ ଗଠିତ ହୋଇଥିବା ମୟୂରଭଞ୍ଜର ଯୁବଛାତ୍ର ସଂଗଠନ ଭଞ୍ଜସେନାର ୨୭ତମ ପ୍ରତିଷ୍ଠାତା ଦିବସ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନ କ୍ରମେ ସଂଗଠନର ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି ।

ଏହି ଅବସରରେ ଜିଲ୍ଲାରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ସଂଗଠନ କର୍ମକର୍ତ୍ତା ମାନଙ୍କ ଦ୍ୱାରା ରୋଗୀଙ୍କୁ ଫଳ ଓ ବିସ୍କୁଟ ପ୍ରଦାନ କରାଯିବା ସହ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶରେ ଜିଲ୍ଲାପ୍ରଶାସନକୁ ଏକ ୯ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ଏଥିସହିତ ଖିଚିଂ ସ୍ଥିତ ମୟୂରଭଞ୍ଜର ଅଧିଷ୍ଠାତ୍ରୀ ଦେବୀ ମାକିଚକେଶ୍ୱରୀ ଦେବୀଙ୍କ ମନ୍ଦିର ସମେତ ସବୁ ଦେବାଦେବୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ସଦର ମହକୁମା ବାରିପଦା ଠାରେ ସଂଗଠନ କର୍ମକର୍ତ୍ତାଙ୍କ ପକ୍ଷରୁ ସବୁ ମହାତ୍ମା ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ତାପରେ 'ସୁସ୍ଥ, ସମୃଦ୍ଧ, ଶିକ୍ଷିତ, ସୁରକ୍ଷିତ, ସ୍ୱାବଲମ୍ବୀ ଓ ସବୁଜିମା ମୟୂରଭଞ୍ଜ ଗଠନ ଆମ ଲକ୍ଷ୍ୟ ସ୍ଲୋଗାନ ନେଇ ମଧୁବନ ମାର୍ଦ୍ଦେଭୈରବୀ ମନ୍ଦିର ପାଖରୁ ଏକ ବିଶାଳ ଶୋଭାଯାତ୍ରା ସଂଗଠନର ଅଧକ୍ଷ୍ୟ ସଂଜୀବ ରାଉତଙ୍କ ତତ୍ତ୍ୱାବଧାନତରେ ସହରର ପରିକ୍ରମା କରି ଛଉପଡିଆରେ ପହଞ୍ଚିଥିଲା।

ଏହି ଶୋଭାଯାତ୍ରାରେ ସଂଗଠନର ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ପ୍ରତିଷ୍ଠାତା ଶ୍ରୀ ଜେନାଙ୍କ ସହ ବରିଷ୍ଠ ନେତୃବୃନ୍ଦ ସତ୍ୟସ୍ୱରୂପ ଦାଶ, ଅଞ୍ଜନ ବରାଳ, ନିମାଇଁ ତ୍ରିପାଠୀ, ଦକ୍ଷିଣା ମହାନ୍ତ, କନିକା ବୋଷ, ଜିତେନ୍ଦ୍ର ହେମ୍ବ୍ରମ, ବାଜୁନ ହାଁସଦାଃ, ରାକେଶ ବେହେରା, ସାମନ୍ତ ଶେଖର ପାଲ, ସାଫଲ୍ୟ ମିଶ୍ର, ପ୍ରଶାନ୍ତ ମହାକୁଡ଼, ରାକେଶ ମହାନ୍ତି, ମହମ୍ମଦ ଫିରୋଜ, ପ୍ରୀତମ ପଣ୍ଡା, ଧନଞ୍ଜୟ ସାହୁ, ଜ୍ୟୋତିରଞ୍ଜନ ପୃଷ୍ଟି, ଏସକେ ରାଜାଖାନ, ଗଣେଶ ମହାନ୍ତି, ରବିନ ମହାନ୍ତି, ମାଇକେଲ ମହାନ୍ତ, ପାରିତୋଷ ବାରିକ, ସୁନ୍ଦର ମୋହନ ଟୁଡୁ, କିଷାନ କୁମାର ସାହୁ, ସୁଭଦ୍ରା ହେମ୍ବ୍ରମ, ରୁପାଲୀ ରୂପନୀତ ବେହେରା, ପ୍ରଶାନ୍ତ ମହାକୁଡ଼, ସଞ୍ଜୟ ମାହାନା, ସୁନୀଲ ମହାପାତ୍ର, ସଚିନ ସାଲାଂକ୍ଷୀ, ସଞ୍ଜୟ ମହାନ୍ତ ଓ ଗୌରାଙ୍ଗ ଘଡେଇ ପ୍ରମୁଖଙ୍କ ସହିତ ସମଗ୍ର ଜିଲ୍ଲାରୁ ୧୦ହଜାରରୁ ଉର୍ଦ୍ଧ୍ୱ ଯୁବଛାତ୍ର ମାନେ ସାମିଲ ଥିଲେ ବୋଲି ଜିଲ୍ଲା ମୁଖପାତ୍ର ମାନସ ବେହେରା ଏକ ପ୍ରେସ ବିବୃତ୍ତି ମାଧମରେ ସୂଚନା ଦେଇଛନ୍ତି ।

## ଓଡ଼ିଆ ଭାଷା ଆନ୍ଦୋଳନ ପକ୍ଷରୁ ପରାକ୍ରମୀ ଦିବସ ପାଳନ

ବ୍ରହ୍ମପୁର, (ସବ୍ୟୁ): ଓଡ଼ିଆ ଭାଷା ଆନ୍ଦୋଳନ ଓ ସଂସ୍କାରବାଦୀ ସଂଗଠନ ତରଫରୁ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଭାଷା ଆନ୍ଦୋଳନର ସମ୍ପାଦକ ଶିକ୍ଷାବିତ୍ ହରେକୃଷ୍ଣ ପଣ୍ଡା ଓ ପୂର୍ବତନ ଆରକ୍ଷୀ ଅଧିକାରୀ ପ୍ରମୋଦ କୁମାର ସାହୁ ପେଟ୍ରୋଲ ଟାଙ୍କି ଛକରେ ଥିବା ପୂର୍ଣ୍ଣବୟବ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ସମ୍ପାଦକ ପଣ୍ଡା ନେତାଜୀଙ୍କ ଜୀବନୀ ଓ ଅଦମ୍ୟ ସାହାସିକତା ବର୍ଣ୍ଣନା କରି କହିଥିଲେଯେ, ନେତାଜୀ ଥିଲେ ସାଲିସ ବିହୀନ ରାଜନୀତିଜ୍ଞ ଓ ସେ ଥିଲେ ଜଣେ ନିର୍ଭିକ ସ୍ୱାଧୀନତା ସଂଗ୍ରାମୀ। ନେତାଜୀଙ୍କ ଜୀବନୀ ଓ ବିବିଧ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ସିମାଞ୍ଚଳ ପତି ଓ ସମୀର କୁମାର ଆଚାର୍ଯ୍ୟ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ମୋହନ ଚରଣ ସ୍ୱାଇଁ, ପଙ୍କଜ କୁମାର ନାୟକ, ବସନ୍ତ କୁମାର ନାୟକ ଓ ଅନ୍ୟ ମାନେ ସହଯୋଗ କରିଥିଲେ। ଶେଷରେ ଶିବ ପ୍ରସନ୍ନ ମିଶ୍ର ଧନ୍ୟବାଦ ଦେଇଥିଲେ । ଓଡ଼ିଶାର ବୀର ବରପୁତ୍ର, କ୍ରାନ୍ତିକାରୀ ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ବ୍ରହ୍ମପୁର ଠାରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାର୍ଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଲେ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳାଇ, ପୂର୍ବତନ ବିଡିଏ ଅଧକ୍ଷ ସୁବାଷ ମହାରଣା, ଡେପୁଟି ମେୟର ବିବେକ ରେଡି, କର୍ପୋରେଟର ଗଣ ଏଥି ସହ ବିଜୁ ଜନତା ଦଳର ବରିଷ୍ଠ ନେତୃ ବୃନ୍ଦ । ଏହି ଅବସରରେ ତାଙ୍କ ଦୁଃସାହସିକ ସଂଗ୍ରାମୀ ଜୀବନ, ବୈପ୍ଲବିକ ବିଚାରଧାରା, ସଭିଙ୍କୁ ଏକତା ବଳରେ ବାନ୍ଧି ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମ, ଆମ ସମସ୍ତଙ୍କ ପାଇଁ ଚିରସ୍ମରଣୀୟ ଓ ଆଦର୍ଶ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

# ବେଆଇନ କ୍ରସର୍ ସିଲ କଲେ ତହସିଲଦାର



ହିନ୍ଦୋଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଥିବା ବିଭିନ୍ନ ଖଣି ଖଦାନ ଓ ବେଇଆଇନ୍ କ୍ରସର୍ ଗୁଡ଼ିକ ଚାଲୁ ରହି ପରିବେଶ ପ୍ରଦୂଷଣ କରୁଥିବା ଏବଂ ଖଣି ଖାଦାନରୁ ମାଫିଆ ମାନେ ଲକ୍ଷଲକ୍ଷ ଟଙ୍କାର ଖଣିଜ ଦ୍ରବ୍ୟ ଲୁଟ କରୁଥିବା ନେଇ ବିଭିନ୍ନ ସମୟରେ ଗଣମାଧମରେ ଖବର ପ୍ରକାଶନ ପରେ ଖଣି ବିଭାଗ ଓ ହିନ୍ଦୋଳ ତହସିଲଦାର ଆକ୍ସନ ମୁଡ୍ ହୋଇଛନ୍ତି। ଗତକାଲି ରାତିରେ ରାସୋଳ ପୋଲିସ ସହାୟତାରେ ଥାନା ଅନ୍ତର୍ଗତ କେତେ ଗୋଟି କ୍ରସର୍ ୟୁନିଟ ଉପରେ ଅତର୍କିତ ଚଢ଼ାଉ କରି ସେଗୁଡ଼ିକ ବେଆଇନ ଭାବରେ ଚାଲୁଥିବା ଜାଣିବାକୁ ପାଇ ସେ ଗୁଡ଼ିକୁ ସିଲ୍ କରିଥିଲେ। ତେବେ ଏହାକୁ ଗୁରୁତର ସହ ନେଇଛନ୍ତି ହିନ୍ଦୋଳ ତହସିଲଦାର ଦିଲୀପ କୁମାର ସେଠି ଓ ତାଙ୍କ ଟିମ ।

ହିନ୍ଦୋଳ ଉପଖଣ୍ଡରେ ବହୁତ ଦିନ ଧରି ବେଆଇନ ପଥର ଖଣି ଓ କ୍ରସର ୟୁନିଟ୍ ହୋଇ ଥିବାନେଇ ଜନସାଧାରଣ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରି ଆସୁଥିଲେ। ବେଆଇନ ଭାବେ ଖଣି ଖନନ ଫଳରେ ଦିନ ଓ ରାତିରେ ଘର ଭିତରେ ଚଳ ପ୍ରଚଳ କରିବା ଏକ ପ୍ରକାର ମୁସ୍କିଲ ହୋଇ ଯାଇଛି, ଧୂଳି ଧୂଆଁରେ ଅସ୍ତବ୍ୟସ୍ତ ସାଧାରଣ ଜନତା ଥଣ୍ଡାକାଶ, ଆଲର୍ଜି, କୀଡୀନି, ଯକୃତ ଇତ୍ୟାଦି ମାରାତ୍ମକ ରୋଗରେ ହନ୍ତସନ୍ତ ହେଉଛନ୍ତି । ଏହି ଖଣି ଅଞ୍ଚଳର ଆଖପାଖ ଜମି ଗୁଡ଼ିକରେ ଚାଷ ପ୍ରାୟ ଠପ୍ ହେବାକୁ ବସି ଥିବାବେଳେ ଜମି ମାଲିକ ପାଟି ଖୋଲିବାର ସାହସ ନାହିଁ । ତେବେ ଏନେଇ ବାରମ୍ବାର ଅଭିଯୋଗ ପରେ ଆଜି ହିନ୍ଦୋଳ ପ୍ରଶାସନ ରଝସୋଳ ଥାନା ଅଞ୍ଚଳରେ ଥିବା ବେଆଇନ ୮ କ୍ରସର ୟୁନିଟକୁ ସିଲ୍ କରିବା ସହ ବାଲୀମୀ ଥାନା ଅଞ୍ଚଳ ରେ ୨ ଟି ବେଆଇନ କ୍ରସର ୟୁନିଟ୍ କୁ(ସମୁଦାୟ) ସିଲ୍ କରିଛନ୍ତି । ଏହି ଚଢାଉ ରେ ହିନ୍ଦୋଳ ତହସିଲଦାରଙ୍କ ସମେତ ଦୁଇ ଥାନାର ଅଧିକାରୀ, କର୍ମଚାରୀ ଓ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ତେବେ ହିନ୍ଦୋଳ ତହସିଲଦାରଙ୍କ ଆକ୍ସନ ମୁଡ଼ ଓ ଚଢ଼ାଉ ପାଇଁ ଚୋରା ଖଣି ବେପାରୀ, କ୍ରସର ମାଲିକ ମାନେ ଭୟଭୀତ ହୋଇପଡିଥିବା ବେଳେ ଜନସାଧାରଣ ଆଶ୍ୱସ୍ତି ଲାଭ କରିବା ସହ ହିନ୍ଦୋଳ ତହସିଲଦାର ଓ ପୋଲିସ ବାହିନୀକୁ ଉଚ୍ଚ ପ୍ରଶଂସା କରିଛନ୍ତି ।

# ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପକ୍ଷରୁ ତ୍ରିରଙ୍ଗା ପତାକା ଦିବସ



ଅନୁଗୁଳ, (ସବ୍ୟୁ) : ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି) ପକ୍ଷରୁ ଅନୁଗୁଳ ପ୍ଲାଣ୍ଟ ପରିସରରେ ଦେଶପ୍ରେମର ଉତ୍ସାହ ସହିତ ତ୍ରିରଙ୍ଗା ପତାକା ଦିବସ ପାଳିତ ହୋଇଛି । ଫ୍ଲାଗ୍ ଫାଉଣ୍ଡେସନ ଅଫ ଇଣ୍ଡିଆର ଅଧ୍ୟକ୍ଷ ତଥା କୁରୁକ୍ଷେତ୍ର ଲୋକସଭା ଆସନରୁ ୩ଥର ସାଂସଦ ନିର୍ବାଚିତ, ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ହାସଲ ହୋଇଥିବା ଐତିହାସିକ ବିଜୟର ୨୧ ବର୍ଷ ପୂର୍ତ୍ତି ଅବସରରେ ଏହି ଦିବସ ପାଳିତ ହୋଇଛି । ଜାତୀୟ ପତାକାକାକୁ ଗର୍ବ ଓ ସମ୍ମାନ ସହ ପ୍ରତିଦିନ ଉଡ଼ାଇବାର ସୁଯୋଗକୁ ଉତ୍ସବ ଭଳି ପାଳନ କରାଯାଇଛି। ୨୦୦୪ ମସିହା ପୂର୍ବରୁ ଭାରତୀୟମାନଙ୍କୁ ପ୍ରତିଦିନ ତ୍ରିରଙ୍ଗା ପତାକା ଉଡ଼ାଇବାର ଅଧିକାର ନଥିଲା । କିନ୍ତୁ ଭାରତବାସୀଙ୍କୁ ଏହି ଅଧିକାର ପ୍ରଦାନ କରିବା ପାଇଁ ନବୀନ ଜିନ୍ଦଲ ଦୀର୍ଘ ୧୦ ବର୍ଷ ଧରି ସଂଘର୍ଷ ଜାରି ରଖିବା ସହ ଉଭୟ ଦିଲ୍ଲୀ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ଏଥି ନିମନ୍ତେ ମାମଲା ଲଢ଼ିଥିଲେ। ଯାହାର ଫଳ ସ୍ୱରୂପ ଆଜି ଆମେ ପ୍ରତିଦିନ ତ୍ରିରଙ୍ଗା ପତାକା ସମ୍ମାନର ସହ ଉଡ଼ାଇବାର ସୁବର୍ଣ୍ଣ ସୁଯୋଗ ପାଇଛୁ ।

ସେହିପରି ଏହା ମୌଳିକ ଅଧିକାର ଭାବେ ସ୍ୱୀକୃତି ପାଇଛି । ସୁପ୍ରିମକୋର୍ଟଙ୍କ ଏହି ରାୟ ପ୍ରମାଣିତ କରିଦେଇଛି ଯେ, ତ୍ରିରଙ୍ଗା ହେଉଛି ରାଷ୍ଟ୍ରପ୍ରତି ଆନୁଗତ୍ୟ ତଥା ଗର୍ବ ଓ ଗୌରବର ପ୍ରତୀକ ନବୀନ ଜିନ୍ଦଲଙ୍କ ଦ୍ୱାରା ଗଠନ ହୋଇଥିବା ଫ୍ଲାଗ୍ ଫାଉଣ୍ଡେସନ ଅଫ୍ ଇଣ୍ଡିଆ ଏବଂ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତି ଶାଲୁ ଜିନ୍ଦଲ, ଜାତୀୟ ପତାକାର ମହତ୍ତ୍ୱର ପ୍ରସାର ଦିଗରେ ବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଆଲୋଚନା, ପୁସ୍ତକ ପ୍ରକାଶନ, ତ୍ରିରଙ୍ଗା ପତାକା ସ୍ମାରକୀ ସ୍ଥାପନ ସମେତ ତ୍ରିରଙ୍ଗା ଦୌଡ଼ ଭଳି ଦେଶାତ୍ମବୋଧ କାର୍ଯ୍ୟକ୍ରମ ଆୟୋଜନ କରି ଏହି ଅଭିଯାନକୁ ଆଗେଇ ନେଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ସାରା ଦେଶରେ ୧୭୩ଟି ସ୍ମାରକୀ ତ୍ରିରଙ୍ଗା ପତାକା ସ୍ତମ୍ଭ ସ୍ଥାପନ କରାଯାଇଥିବା ବେଳେ ଏଥିରେ ଓଡ଼ିଶାର ୮ଟି ସ୍ଥାନ ଅର୍ନ୍ତଭୁକ୍ତ ରହିଛି ଏହି ଅବସରରେ ଜିନ୍ଦଲ ନଗର ଠାରେ ଥିବା ୨୦୭ ଫୁଟ ବିଶିଷ୍ଟ ସ୍ମାରକୀ ଫ୍ଲାଗ୍ ପୋଲରେ ଜେଏସପି ଅନୁଗୁଳ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମଲହାନଙ୍କ ନେତୃତ୍ୱରେ ପତାକା ଉତ୍ତୋଳନ କରାଯାଇଥିଲା ।

କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ପ୍ରକଳ୍ପ) ଦାମୋଦର ମିତ୍ତଲ ଏବଂ ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଏଥିରେ ଜେଏସପିର କର୍ମଚାରୀ ଏବଂ ସ୍କୁଲ ଛାତ୍ରଛାତ୍ରୀମାନେ ଏକତ୍ରିତ ହୋଇ ଜାତୀୟ ପତାକାକୁ ସମ୍ମାନ ଜଣାଇଥିଲେ। କର୍ମଚାରୀମାନଙ୍କୁ ପ୍ରେରଣା ଦେବା ପାଇଁ ସମସ୍ତ ବିଭାଗର ସମ୍ମିଳନୀ କକ୍ଷରେ ତ୍ରିରଙ୍ଗା ପତାକାର ଯାତ୍ରା ଏବଂ ଏହାର ମହତ୍ତ୍ୱକୁ ପ୍ରତିଫଳିତ କରୁଥିବା ୧୫ ମିନିଟର ଏକ ଭିଡିଓ ପ୍ରଦର୍ଶନ କରାଯିବା ସହ ଏକ ଅନଲାଇନ କୁଇଜ୍ ପ୍ରତିଯୋଗିତାର ମଧ୍ୟ ଆୟୋଜନ କରାଯାଇଥିଲା । ଯାହାର ପ୍ରଥମ ତିନି ଜଣ ବିଜେତାଙ୍କୁ ଆକର୍ଷଣୀୟ ଉପହାର ପ୍ରଦାନ କରାଯାଇଥିଲା । ଏକ ବାଧ୍ୟତାମୂଳକ ହସ୍ତାକ୍ଷର ଅଭିଯାନ ଜରିଆରେ ଆଜିର ଦିନଟିକୁ ସ୍ମରଣୀୟ କରିବା ପାଇଁ ଉଦ୍ୟମ କରାଯାଇଥିଲା ଏହି ଅବସରରେ ନବୀନ ଜିନ୍ଦଲ ନୂଆଦିଲ୍ଲୀର କନଟ୍ ପ୍ଲେସଠାରେ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀର ଉଦଘାଟନ କରିଥିଲେ । ଏହି ପ୍ରଦର୍ଶନୀରେ ବିଜୟ ଏସ. ଯୋଧାଙ୍କ ସଂଗୃହୀତ ତ୍ରିରଙ୍ଗା ପତକାର ବିରଳ କୃତିତ୍ୱ ସ୍ଥାନ ପାଇଥିଲା, ଯାହା ଲିମକା ବୁକ ଅଫ ରେକର୍ଡସରେ ସ୍ଥାନ ପାଇଛି । ଏହି ଅବସରରେ ଶ୍ରୀ ନବୀନ ଜିନ୍ଦଲ ପ୍ରତ୍ୟେକ ନାଗରିକଙ୍କୁ ହର ଘର ତ୍ରିରଙ୍ଗା-ହର ଦିନ ତ୍ରିରଙ୍ଗା ନୀତିକୁ ଗ୍ରହଣ କରିବା ପାଇଁ ଅନୁରୋଧ କରିଥିଲେ ଏବଂ ଏହି ତ୍ରିରଙ୍ଗା ରାଷ୍ଟ୍ର ନିର୍ମାଣ ପାଇଁ ସାମୂହିକ ସମର୍ପଣ ଭାବ ପାଇଁ ପ୍ରେରଣା ଦେଉ ବୋଲି କାମନା କରିଥିଲେ । ଏହି କାର୍ଯ୍ୟକ୍ରମ ନୂଆ ଉତ୍ସାହ ଓ ଗୌରବର ଭାବ ସହ ଶେଷ ହୋଇଥିଲା ।

# ଜନଔଷଧୀ କେନ୍ଦ୍ର ଉଦ୍‌ଘାଟିତ

ପାଲଲହଡା, (ସବ୍ୟୁ): ପାଲଲହଡା ଭଳି ଏକ ଆଦିବାସୀ ଅଧ୍ୟୁଷିତ ଉପଖଣ୍ଡରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ସୁଲଭ ଓ ଶସ୍ତା ରେ ଉପଲବ୍ଧ ହେଉଥିବା ଜନଔଷଧୀ କେନ୍ଦ୍ର ଦୀର୍ଘ ଦିନରୁ ଦାବୀ ହୋଇଆସୁଥିବା ବେଳେ ଏହି ଚିର ପ୍ରତିକ୍ଷୀତ ଜନଔଷଧୀ କେନ୍ଦ୍ରର ଉଦଘାଟନ ସ୍ଥାନୀୟ ବିଧାୟକ ଙ୍କ ଦ୍ୱାରା ଗତ ୨୦ତାରିଖ ସୋମବାର ଦିନ ଶୁଭ ଉଦଘାଟିତ ହୋଇଯାଇଛି । ପାଲଲହଡା ମୁଖ୍ୟ ଡାକ୍ତରଖାନା ସନ୍ନିକଟରେ ପାଲଲହଡା ଥାନା ସମ୍ମୁଖରେ ବିଶିଷ୍ଟ ଯୁବ ବ୍ୟବସାୟୀ ତଥା ମେଡ଼ିସିନ ଷ୍ଟୋର ମାଲିକ ଶିବପ୍ରସାଦ ସାହୁଙ୍କ ଦ୍ୱାରା ଏହା ପ୍ରତିଷ୍ଠା କରାଯାଇଛି । ସମ୍ପୃକ୍ତ ମାଲିକ ଶିବପ୍ରସାଦ ସାହୁ ସମସ୍ତ ଗରିବ ଅଧିବାସୀଙ୍କୁ ଡାକ୍ତରଙ୍କ ଲିଖିତ ପ୍ରେସକ୍ରିପସନ ମୁତାବକ ସମସ୍ତ ଔଷଧ ବାହାର ବଜାରରେନିର୍ଦ୍ଧାରିତ ଦର ଠାରୁ ୫୦ରୁ ୯୦ପ୍ରତିଶତ ରିହାତିରେ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତି ଏହି କେନ୍ଦ୍ରର ଉଦଘାଟନ ଅବସରରେ ସମସ୍ତେ ଏହାର ସୁଯୋଗ ନେବାକୁ ଅନୁରୋଧ କରିଥିଲେ । ପ୍ରଥମେ ମୁଖ୍ୟଅତିଥି ଶ୍ରୀଯୁକ୍ତ ମହାନ୍ତି ଶାସନସାହି ବାସିନ୍ଦା କିଡ଼ନୀ ରୋଗୀ ପ୍ରଫୁଲ୍ଲ କୁମାର ବେହେରାଙ୍କୁ ପ୍ରଥମ ଗ୍ରାହକ ହିସାବରେ ୧୫୦୦ଟଙ୍କା ମୂଲ୍ୟର ଔଷଧ ମାତ୍ର ୧୯୭ଟଙ୍କାରେ ବିକ୍ରିର ଶୁଭାରମ୍ଭ କରିଥିଲେ ।

# ପବିତ୍ର ବାବୁଙ୍କ ମାଟିକୁ ବ୍ଲକ୍ ଗଠନ ଦାବି ଜୋର୍ ଧରିଲା

ଗୋଡ଼ିବନ୍ଧ, (ସବ୍ୟୁ) : ରାଜ୍ୟର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଦିବଂଗତ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ଜନ୍ମ ସ୍ଥାନକୁ ବ୍ଲକ୍ ଗଠନ ପାଇଁ ଦାବି ଜୋର୍ ଧରିଛି। ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ୍ ସମଲ ଥାନାର ପବିତ୍ର ନଗରକୁ ବ୍ଲକ ଗଠନ ଦାବୀ ନିମନ୍ତେ ଜନ ସଚେତନ ମଞ୍ଚ ଶନିବାର ଦିନ ଗଠନ ହୋଇଛି। ପବିତ୍ର ନଗର ଡିଗ୍ରୀ କଲେଜ ପରିସରରେ କଲେଜ ଅଧ୍ୟକ୍ଷ ବନୋଜ କୁମାର ପ୍ରଧାନଙ୍କ ଆବାହକତ୍ୱରେ ତାଳଚେର ଚଷା ସମାଜ ସଭାପତି ମଞ୍ଚ ପରିଚାଳନା କରିଥିଲେ। ବିଧାୟକଙ୍କ ନିଜସ୍ୱ ପଞ୍ଚାୟତର ସମିତି ସଭ୍ୟ ପ୍ରିୟରଞ୍ଜନ ମହାନ୍ତି, ପ୍ରାକ୍ତନ ସରପଞ୍ଚ କୁବେର ସାହୁ, ମହେଶ୍ୱର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

ଆମ ପବିତ୍ର ନଗର ଜୋନ ଅଞ୍ଚଳର ସୁଶୁବା ପଂଚାୟତ ଠାରୁ ଆରମ୍ଭ କରି ହରିହରପୁର ପଂଚାୟତ ପର୍ଯ୍ୟନ୍ତ ଜନସାଧାରଣ ବିଭିନ୍ନ କାର୍ଯ୍ୟ ପାଇଁ କଣିହାଁ ବ୍ଲକ ଉପରେ ନିର୍ଭର କରିଥାନ୍ତି। ପବିତ୍ର ନଗରକୁ ବ୍ଲକ ଘୋଷଣା କଲେ ସ୍ଥାନୀୟ ଅଂଚଳବାସୀ ସରକାରୀ ସୁବିଧା ପାଇବାରେ ସୁବିଧା ହେବ, କାରଣ ଏଠି ବନ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଅଫିସ ଅର୍ଥାତ୍ ଡାକ୍ତରଖାନା, ବ୍ୟାଙ୍କ, ରାଜସ୍ୱ କାର୍ଯ୍ୟାଳୟ, ସ୍କୁଲ, କଲେଜ ଆଦି ରହିଛି।

ବ୍ଲକ ଅଫିସ ହେଲେ ସ୍ଥାନୀୟ ଜନସାଧାରଣ ଯାତାୟାତ ସୁବିଧା ସହ କମ ସମୟ ମଧ୍ୟରେ ପବିତ୍ର ନଗରରେ ପହଂଚି ପାରିବେ ଓ ସରକାରଙ୍କ ଲୋକାଭିମୁଖୀ ସହଭାଗିତାରେ ଭାଗ ନେଇ ଉପକୃତ ହେବେ। ପ୍ରାୟ ୧୦ଟି ପଞ୍ଚାୟତ ଯଥା ଶୁଶୁବା, ଗଣ୍ଡମାଳା, ଅରକିଳ, କର୍ଣ୍ଣପାଳ, ବୁରୁକୁନା, ପରାବିଲ, ବିରୁ, କୁଲେଇ, ହରିହରପୁର, ସମଲ ଆଦିର ଶତାଧିକ ପ୍ରତିନିଧିରୁ ଅଧିକ ଯୋଗ ଦେଇ ପବିତ୍ର ନଗର ଠାରେ ବ୍ଲକ କରିବାକୁ ସମର୍ଥନ ଜଣାଇଥିଲେ। ଉକ୍ତ ପ୍ରସ୍ତାବକୁ କାର୍ଯ୍ୟଶୀଳ କରିବାକୁ ଏକ କୋର କମିଟି କରାଯାଇଥିଲା । ଏହି କମିଟିରେ ସର୍ବସମ୍ମତିକ୍ରମେ ସମିତି ସଭ୍ୟ ପ୍ରିୟ ରଞ୍ଜନ ମହାନ୍ତି, ଶିକ୍ଷାବିତ ବନୋଜ କୁମାର ପ୍ରଧାନ, କୁବେର ସାହୁ, ପବିତ୍ର ନଗର ସ୍ମୃତି ସଂସଦ ସଭାପତି ପ୍ରଦୀପ କୁମାର ସାହୁ, ଖଗେଶ୍ୱର ନାଏକ, ଗୋବିନ୍ଦ ସାହୁ, ସୁବାସ ଚନ୍ଦ୍ର ମହାନ୍ତି, ପର୍ଶୁରାମ ବିଶ୍ୱାଳ, ବିନୋଦ କୁମାର ଜେନା, ବିଜୟ କୁମାର ସାହୁ, ଲମ୍ବୋଦର ବେହେରା, ଯୋଗେଶ୍ୱର ପ୍ରଧାନ, ବ୍ରହ୍ମାନନ୍ଦ ନାଏକ, ପ୍ରଦୀପ୍ତ ଚରଣ ପ୍ରଧାନ ପ୍ରମୁଖ ସଦସ୍ୟ ଭାବେ ମନୋନୀତ ହେଲେ। ଆଗାମୀ ବୈଠକ ପରେ ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତି, ସାଂସଦ ରୁଦ୍ର ନାରାୟଣ ପାଣି, ଜିଲ୍ଲାପାଳ, ପଂଚାୟତରାଜ ମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରପତିଙ୍କୁ ଦେଖା କରି ଦାବୀପତ୍ର ଦେବାକୁ ନିଷ୍ପତି କରାଯାଇଥିଲା ।

# ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

ବଇଣ୍ଡା, (ସବ୍ୟୁ): କିଶୋର ନଗର ବ୍ଲକ ଅନ୍ତର୍ଗତ ନୁନୁକାପଶୀ ଗ୍ରାମ ପଞ୍ଚାୟତ ସଭାଗୃହ ଠାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ସଂଗ୍ରାମୀ ପୁରୁଷ ବୀର ସୁରେନ୍ଦ୍ର ସାଏ ଙ୍କ ଜନ୍ମ ଜୟନ୍ତୀ ସହିତ ସ୍ମାରକୀ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୁନୁକାପସି ସରପଞ୍ଚ ଦୀପ୍ତି ମୟୀ ସାହୁଙ୍କ ଅଧ୍ୟକ୍ଷତାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଚିତ୍ରାନନ୍ଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର କାର୍ଯ୍ୟ ଶୈଳୀ ସ୍ମୃତି ଚାରଣ କରିଥଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାସାସନିକ ଅଧିକାରୀ ବିରଞ୍ଚି ନାୟକ ସଂଗ୍ରାମୀ ପୁରୁଷ ବୀର ସୁରେନ୍ଦ୍ର ସାଏଙ୍କ ତ୍ୟାଗ, ନିଷ୍ଠାପର ସେବା କରି ଯେଉଁପରି ଭାବରେ ଇଂରେଜ ମାନଙ୍କ ଦ୍ୱାରା କବଳିତ ହୋଇ ଜୀବନକୁ ବାଜି ଲଗାଇ ଜେଲ୍‌ରେ ଦୀର୍ଘ ୩୭ ବର୍ଷ କାଳ ରହି ବଳୀଦାନ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ରଣଜିତ୍ ପଟନାୟକ ଦୁଇ ସ୍ୱାଧୀନତା ସଂଗ୍ରାମୀ ଙ୍କ କର ଭାରତ ବର୍ଷ ସ୍ୱାଧୀନତା ପାଇବାର ତାଙ୍କର ଅବଦାନ ଉପରେ ଅବଗତ କରାଇଥିଲେ। ଏହି ସ୍ମାରକୀ ସଭରେ ଲୁହା ମୁଣ୍ଡା ପଂଚାୟତର ସମିତି ସଭ୍ୟ ଧୋବେଇ ବେହେରା, ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଅରୁଣ ସାହୁ, ସମସ୍ତ ୱାର୍ଡ ସଭ୍ୟ/ସଭ୍ୟା, ଅବସାରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ପବନା ବେହେରା, ଯୁବ ସାମାଜିକ କର୍ମୀ ସନ୍ତୋଷ କୁମାର ପ୍ରଧାନ, ଶ୍ରମ ଜିବୀ ସଂଗଠନ ସମ୍ପାଦକ ଗନ୍ଧର୍ବ କନ୍ଧିଆ, ମାନସ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଆଲୁମିନିୟମ ମଜଦୁର ସଙ୍ଘର ବାର୍ଷିକ ବୈଠକ

ବଁଅରପାଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ନାଲକୋ ନଗର ଠାରେ ଥିବା ଆଲୁମିନିୟମ ମଜଦୁର ସଙ୍ଘ ପକ୍ଷରୁ ବଳାରାମପ୍ରସାଦ କ୍ରିକେଟ ଖେଳ ପଡିଆ ନିକଟରେ ଏକ ବିରାଟ ଓ ଉଚ୍ଚକୋଟୀର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ମେଲଟର ପ୍ଲାଣ୍ଟର ଏକ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ ଯୋଗଦାନ କରି ସଙ୍ଗଠନ ତଥା ଉଦ୍ୟୋଗର ବିଭିନ୍ନ ଉନ୍ନୟନ ମୂଳକ ତଥ୍ୟ ପ୍ରାପ୍ତ କରିଥିଲେ ।

ସଙ୍ଗଠନର କାର୍ଯ୍ୟକାରୀ ସଭାପତି ଗୋପାଳ କୃଷ୍ଣ ମଲ୍ଲିକ ସ୍ୱାଗତ ଭାଷଣ କରିବା ସହ ଅତିଥିମାନଙ୍କୁ ମଞ୍ଚାସିନ କରାଇଥିଲେ । ଅତିଥି ମାନଙ୍କ ମଧ୍ୟରେ ସଙ୍ଗଠନ ର ପ୍ରତିଷ୍ଠାତା ଗୋକୁଳାନନ୍ଦ ଜେନା ଓ ଶତ୍ରୁଘ୍ନ ତରାଇ, ବରିଷ୍ଠ ବିଜେପି ନେତା ମୀନକେତନ ଅମାନ୍ତ, ବିନୋଦ କୁମାର ସେଠ ଓ ଅମୀୟ ତ୍ରିପାଠୀ, ଭାରତୀୟ ମଜଦୂର ସଙ୍ଘର ରାଜ୍ୟ କୋଷାଧକ୍ଷ ସଞ୍ଜୟ ଦେହୁରୀ କେନ୍ଦ୍ରୀୟ କାର୍ଯ୍ୟନିର୍ବାହୀ ସଦସ୍ୟ ସୁରଭି ସ୍ୱାଇଁ ଓ ବିନୟ କୁମାର ତ୍ରିପାଠୀ, ଅନୁଗୁଳ ଜିଲ୍ଲା ସଭାପତି ପ୍ରଶାନ୍ତ ସାହୁ ଓ ଜିଲ୍ଲା ସମ୍ପାଦକ ଅଜୟ କୁମାର ପାଢ଼ୀ ଭଳି ବହୁ ମାନ୍ୟଗଣ ବ୍ୟକ୍ତି ବିଶେଷ ଯୋଗଦାନ କରି କାର୍ଯ୍ୟକର୍ତ୍ତା ମାନଙ୍କର ତ୍ୟାଗ ଓ ତପସ୍ୟାକୁ ଭୂୟସୀ ପ୍ରସଂଶା କରି ଆଲୁମିନିୟମ ମଜଦୂର ସଂଘକୁ ନାଲକୋର ସର୍ବଶ୍ରେଷ୍ଠ ଶ୍ରମିକ ସଙ୍ଗଠନର ଆଖ୍ୟା ଦେଇଥିଲେ ।

ସଘଂର ସାଧାରଣ ସମ୍ପାଦକ ବିନୋଦ କୁମାର ସାମଲ ଓ ସଭାପତି ମୁନା ସାମଲ ସଘଂପକ୍ଷରୁ ବିଭିନ୍ନ ପ୍ରକାର ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁରୁଣା ମାଣତ୍ରୀ ଉପ୍ରା ବିଦ୍ୟାଳୟରେ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀ

ଆଠମଲ୍ଲିକ, (ସବ୍ୟୁ): ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ପୁରୁଣା ମାଣତ୍ରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ସଦାଶିବ ଦଳବେହେରା, ମାନ ଭଞ୍ଜନ ବେହେରା, ଧନେଶ୍ୱର ଭୋଇ, ଶିକ୍ଷୟତ୍ରୀ ଉଜ୍ଜୟିନୀ ନାଏକ ଓ ଛାତ୍ରଛାତ୍ରୀ ପ୍ରମୁଖ ଯୋଗଦେଇ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପରାକାଷ୍ଠା ଓ ପରାକ୍ରମ ଉପରେ ଆଲୋକପାତ କରିଥିଲେ । ପ୍ରଥମରେ ବିପ୍ଲବୀ ଙ୍କ ଫୋଟ ଚିତ୍ରରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଦିଆ ଯାଇଥିଲା । ସେହିପରି ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଟାଉନ ବାଳକ ପ୍ରାଥମିକ ବିଦ୍ୟାଳୟ, ବରଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାମେଶ୍ୱର ପାଟଣା ପ୍ରାଥମିକ ବିଦ୍ୟାଳୟ ଆଦି ଅନେକ ଶିକ୍ଷାନୁଷ୍ଠାନରେ ଜୟନ୍ତୀ ପାଳିତ ହୋଇଥିଲା ।

# ଲିଙ୍ଗରାଜ ଏମସିଏଲ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା




ତାଳଚେର, (ସବ୍ୟୁ): ଆଜି ତାଳଚେର ଏମସିଏଲ ଲିଙ୍ଗରାଜ ପକ୍ଷରୁ ଦେଉଳବେଡା ସ୍ଥିତ ଏମସିଏଲ ହସ୍ପିଟାଲ ସମ୍ମୁଖରେ ଜନ ଜାଗରଣ ତଥା ସ୍ୱାସ୍ଥ୍ୟ ସଚେତନତାର ଏକ ଆୱାରନେସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦେଉଳବେଡ଼ା ଏମସିଲ ହସ୍ପିଟାଲର ଡାକ୍ତର ଆଲମ୍ ଓ ଡାକ୍ତର ଯୁଗନାଥ କୌସିକ ଉପସ୍ଥିତ ରହି ଫୁସଫୁସ୍ ଜନିତ ରୋଗ ତଥା ତାଳଚେର ଏକ କୋଇଲା ନଗରୀ ସହର ହୋଇଥିବା ବେଳେ ଅନେକ ଲୋକ ଫୁସଫୁସ ଜନିତ ସମସ୍ୟା ଦେଖା ଦେଇଥାଏ ।

ଏହି ଫୁସଫୁସ ସମସ୍ୟା ତଥା ରୋଗରୁ କିପରି ନିରୋଗ ରହିବେ ତାହା ନିମନ୍ତେ ଆଜି ଅଭିନୟ ମାଧ୍ୟମରେ ସଚେତନ କରାଇବା ସହ ଲୋକମାନଙ୍କୁ ପ୍ରତୋକ୍ଷ ଭାବେ ଫୁସଫୁସ ବିଷୟରେ ଜାଣିବା ପାଇଁ ପରୀକ୍ଷଣ କରଯାଇଥିଲା । ଯେଉଁ ମାନଙ୍କ ଫୁସଫୁସ ଜନିତ ସମସ୍ୟା ଆଡ଼କୁ ଗତି କରୁଛି କିମ୍ବା ଫୁସଫୁସ୍ ଜନିତ ରୋଗରୁ ରକ୍ଷା ପାଇବା ପାଇଁ ପ୍ରଶିକ୍ଷଣ କରିବା ସହ ଜାଗରଣ କରା ଯାଇଥିଲା । ଏହି କାର୍ଯ୍ୟକ୍ରମ ସକାଳ ୯ ଘଟିକାରୁ ଅନୁଷ୍ଠିତ ହୋଇଥିବା ବେଳେ ରାତି ପର୍ଯ୍ୟନ୍ତ ଲୋକ ମାନଙ୍କୁ ସଚେତନ ଓ ପରିକ୍ଷା କରାଯିବାକୁ ଡାକ୍ତର ଆଲମ୍ ଓ ଡାକ୍ତର ଯୁଗନାଥ କୌସିକ୍ ପ୍ରକାଶ କରିଛନ୍ତି ।

# ବର୍ଦ୍ଧିତ ଭତ୍ତା ବିତରଣ କଲେ ବିଧାୟକ



କଣିହାଁ, (ସବ୍ୟୁ): କଣିହାଁ ବ୍ଲକ ପବିତ୍ରନଗର ଠାରେ ବୁଧବାର ୧୦ନମ୍ବର ଜୋନର ୧୦ଟି ପଞ୍ଚାୟତର ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ପାଳଲହଡା ବିଧାୟକ ଅଶୋକ କୁମାର ମହାନ୍ତି ଯୋଗଦାନ କରି ହିତାଧିକାରୀଙ୍କୁ ଭତ୍ତା ବିତରଣ କରିଥିଲେ । କଣିହାଁ ବିଡ଼ିଓ ଦେବଦତ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭତ୍ତା ବିତରଣ ସଭାରେ ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ସାମଲ ମଞ୍ଚ ପରିଚାଳନା କରିଥିଲେ । ପରାବିଲ ପଞ୍ଚାୟତର ସରପଞ୍ଚ କବିତା ରାଣୀ ପ୍ରଧାନ, ବୁରୁକୁନା ସରପଞ୍ଚ ଦୁଖବନ୍ଧୁ ବେହେରା, ବିରୁ ସରପଞ୍ଚ ଧରଣୀ ବେହେରା, ବୁରୁକୁନା ସମିତି ସଭ୍ୟ ଯୁଗଳ କିଶୋର ସାହୁ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ । ୮୦ବର୍ଷରୁ ଉର୍ଦ୍ଧ୍ୱ ବାର୍ଦ୍ଧକ୍ୟ ଭତ୍ତା ଓ ୮୦ପ୍ରତିଶତରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ମାନଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା । ଏହି ଅବସରରେ ୧୦ନମ୍ବର ଜୋନର ଦଶଟି ପଞ୍ଚାୟତର ୩୧୬ଜଣ ହିତାଧିକାରୀ ବର୍ଦ୍ଧିତ ଭତ୍ତା ପାଇବାରେ ସାମିଲ ହୋଇଥିବା ଜଣାପଡିଛି ।

# ପୁରୁଣାଗଡ଼ରେ ଶାଗୁଆନ କାଠ ଜବତ



ଅନୁଗୁଳ, (ସବ୍ୟୁ): ଅନୁଗୁଳ ବନାଞ୍ଚଳ ପୁରୁଣାଗଡ଼ ସେକ୍ସନରେ ଚୋରା ଶାଗୁଆନ କାଠ ଜବତ କରାଯାଇଛି ।

ଗତକାଲି ବନବିଭାଗ ଖବର ପାଇ ପୁରୁଣାଗଡ଼ ସୁଦସାହିରେ ଚଢ଼ଉ କରି ୫ଟି ଶାଗୁଆନ ଗଣ୍ଡିକୁ ଜବତ କରିଥିଲା। ଏକ ଖୋଲା ଜାଗାରେ ଏହି ଶାଗୁଆନ ଗଣ୍ଡିଗୁଡ଼ିକ ରଖାଯାଇଥିଲା। ଏହାର ପରିମାଣ ୧୫ ଘନଫୁଟ୍ ହେବ। ପୁରୁଣାଗଡ ସେକସନ୍ ଫରେଷ୍ଟର୍ ଗତିକୃଷ୍ଣ ବେହେରା, ଫରେଷ୍ଟ ଗାର୍ଡ ଋତୁପର୍ଣ୍ଣ ବିଶ୍ୱାଳ, ରମେଶ ସାହୁ, ଜୟନ୍ତ ସାହୁ, ତାପସ ସାହୁ, ପ୍ରଦୀପ ବେହେରା, ସିଦ୍ଧାନ୍ତ ଦାସ, ସୁପ୍ରଜିତ୍ ସାହୁ, ନରୋତ୍ତମ ନାୟକ, ପ୍ରୀତିରଞ୍ଜନ ଦାସ, ଅରୁଣ ନାୟକ, ବୁଲୁ ସାହୁ, ଗଜମିତ୍ର ପ୍ରମୋଦ ସୁବୁଦ୍ଧି, ଲଳିତ୍ ମାଝୀ, ବାବୁ ଖଟୁଆ ପ୍ରମୁଖ ଚଢ଼ଉ କରି କାଠ ଜବତ କରିଥିଲେ ।

# ସିଏମ ଟ୍ରଫି ଫୁଟବଲ: ଗୁଣ୍ଡିଚାପଡା ସାରଳା କ୍ଲବ ଚାମ୍ପିଅନ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ସହରସ୍ଥିତ ମିନିଷ୍ଟାଡିୟମ ଠାରେ ଚାଲିଥିବା ସିଏମଟ୍ରଫି ନିମନ୍ତେ ଜିଲ୍ଲା ସ୍ତରୀୟ ଫୁଟବଲ ଚମ୍ପିୟାନସିପ୍ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଗତ ୧୬ ତାରିଖ ଠାରୁ ଆରମ୍ଭ ହୋଇଥିବା ସିଏମ ଟ୍ରଫି ହାସଲ ନିମନ୍ତେ ଜିଲ୍ଲା ସ୍ତରୀୟ ଅଣ୍ଡର ଫିଫଟିନ ଇଣ୍ଟର କ୍ଲବ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଉତ୍ସବରେ ସାଂସଦ ରୁଦ୍ର ନାରାୟଣ ପାଣି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆଜିର ମ୍ୟାଚ ସାଇଁବିରିର ଜୟଦୁର୍ଗା କ୍ଲବ୍ ଏବଂ ଗୁଣ୍ଡିଚାପଡ଼ାର ଶାରଳା କ୍ଲବ୍ ମଧ୍ୟରେ ଫାଇନାଲ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ନକ୍‌ଆଉଟରେ ଶାରଳା କ୍ଲବ୍ ଜୟଦୁର୍ଗା କ୍ଲବକୁ ୪-୩ ଗୋଲରେ ପରାସ୍ତ କରି ଚମ୍ପିଆନ୍ ହୋଇଥିଲା ।

ମୁଖ୍ୟଅତିଥି ବିଜେତା ଏବଂ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ । ଯୁବଗୋଷ୍ଠୀ ଫିଟ ରହିଲେ ଇଣ୍ଡିଆ ଫିଟ୍ ରହିବ ବୋଲି ସେ କହିଥିଲେ। ମାନସିକ ଓ ଶାରିରୀକ ଭାବେ ଫିଟ ରହି ନିଜକୁ ଦେଶ ସେବାରେ ନିୟୋଜିତ କରିବାକୁ ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲା କ୍ରୀଡ଼ା ସଂଘର ସେକ୍ରେଟାରୀ ନଳିନୀ ଦାଶ, କ୍ରୀଡ଼ା ଅଧିକାରୀ ସୁଦିପ୍ତ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଛି । ଜିଲ୍ଲା ପ୍ରଶାସନ ଓ କ୍ରୀଡ଼ା ସଂଘର ମିଳିତ ସହଯୋଗରେ ଆୟୋଜିତ ଏହି ଫୁଟବଲ ଚମ୍ପିୟାନ ସିପ୍‌ର ଏହି ପ୍ରତିଯୋଗିତାରେ ଜିଲ୍ଲାର ୮ଟି କ୍ଲବ୍ ଅଂଶ ଗ୍ରହଣ କରିଥିଲେ । ଉତ୍ସବରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତି ରଂଜନ ସେଠୀଙ୍କ ସମେତ ସହରର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଉତ୍ସବ ଶେଷରେ କ୍ରୀଡା ସଂଘର ସଂପାଦକ ନଳିନୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଖେଳରେ ଘୋଷକ ଅମୀୟ କୁମାର ଚାନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଏନଟିପିସି ବାଇପାସ ଛକରେ ନେତାଜୀଙ୍କ ୧୨୮ତମ ଜୟନ୍ତୀ

କଣିହାଁ, (ସବ୍ୟୁ): ନେତାଜୀ ସ୍ମୃତି କମିଟି ଏନଟିପିସି ଆନୁକୂଲ୍ୟରେ ଗୁରୁବାର ଦିନ ଏନଟିପିସି ବାଇପାସ ଛକ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ସ୍ମୃତି କମିଟିର ଆବାହକ ପ୍ରଦୀପ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସଭାରେ ମୁଖ୍ୟଅତିଥି ଭାବେ କଣିହାଁ ଡିଗ୍ରୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ଧନେଶ୍ୱର ସାହୁ ଯୋଗଦେଇ ନେତାଜୀଙ୍କ ଜୀବନୀ ସଂପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ତଥା ଅନୁଗୋଳ ଜନଜୀବନ ସୁରକ୍ଷା କମିଟିର ଆବାହକ ପ୍ରମୋଦ ଚନ୍ଦ୍ର ପ୍ରଧାନ ଯୋଗଦେଇ ଆଜିର ସମାଜରେ ନିର୍ଯାତିତ ଜନଗଣଙ୍କ କଷଣ, ଦୁଃଖକୁ ହୃଦୟଙ୍ଗମ କରି ସେମାନଙ୍କ ମୁକ୍ତି ପାଇଁ ନେତାଜୀଙ୍କ ଜୀବନୀରୁ ଶିକ୍ଷାନେଇ ସମାଜର ପରିବର୍ତ୍ତନରେ ନିଜକୁ ନିୟୋଜିତ କରି ସମାଜବାଦୀ ସମାଜ ଗଢି ତୋଳିବାକୁ ଅହ୍ୱାନ ଦେଇଥିଲେ । କମିଟିର କାର୍ଯ୍ୟକାରୀ ସଭ୍ୟ ଟୁନା ନାଏକ ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଜି ରାଉତ ସ୍ମୃତି ମହାବିଦ୍ୟାଳୟରେ ନେତାଜୀ ଜୟନ୍ତୀ

ଭୁବନ, (ସବ୍ୟୁ): ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛିଛ ଏହି ଅବସରରେ କଲେଜ ଛାତ୍ରାବାସ ଓ ଛାତ୍ରୀନିବାସର ସମସ୍ତ ଛାତ୍ରଛାତ୍ରୀ ମନେ କଲେଜ ପରିସରକୁ ସଫା ସୁତରା କରିଥିଲେ । ଅଧ୍ୟକ୍ଷ ଅଜିତ କୁମାର ବେହେରା ମହାନ୍ ଦେଶପ୍ରେମୀ ସୁବାଷ ଚନ୍ଦ୍ର ବୋଷଙ୍କ ଚିନ୍ତା ଧାରାରେ ଅନୁପ୍ରାଣିତ ହୋଇ ରାଷ୍ଟ୍ର ଭକ୍ତ ହୋଇ କାର୍ଯ୍ୟକରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଅଧ୍ୟାପକ ସୁରେଶ କୁମାର ମିଶ୍ର ଦୀପକ ପ୍ରଧାନ ଗ୍ରନ୍ଥାଗାରିକ ନନ୍ଦ କିଶୋର ଧୀର ମୁଖ୍ୟ କିରାଣୀ କୈଳାସ ଚନ୍ଦ୍ର ବେହେରା ଉପସ୍ଥିତ ରହି ସୁବାଷ ବୋଷଙ୍କ ନୀତି ଆଦର୍ଶ ଓ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ।

# ମାଆ ତାରିଣୀ କ୍ରିକେଟ: ବାରିହାପୁର ଚାମ୍ପିଅନ



ପରଜଙ୍ଗ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଝିଲି ପଞ୍ଚାୟତ ତୋରଡାନାଳି ନୂଆ ସାହି ଖେଳ ପଡିଆରେ ମାଆ ତାରିଣୀ କ୍ରିକେଟ କ୍ଲବ୍ ଆନୁକୁଲ୍ୟରେ ଚାଲିଥିବା ୧୮ ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଖେଳରେ ୨୦ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚ ପରଜଙ୍ଗ ବ୍ଲକ ବାରିହାପୁର କ୍ରିକେଟ କ୍ଲବ୍ ଓ ଆୟୋଜକ ତୋରଡାନାଳି କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବାରିହାପୁର ଟିମ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭର ବିନିମୟରେ ୮ ୱିକେଟ ହରାଇ ୧୩୯ ରନ୍ ସଂଗ୍ରହ କରିଥିଲା । ଜବାବରେ ତୋରଡାନାଳି ଟିମ୍ ୧୯ ଓଭର ଗୋଟିଏ ବଲରେ ସମସ୍ତ ୱିକେଟ ହରାଇ ୧୩୦ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲେ । ଯାହା ଫଳରେ ଫାଇନାଲ ମ୍ୟାଚରେ ବାରିହାପୁର ଟିମ୍ ବିଜୟୀ ହୋଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ ।

ଉଦଯାପନୀ ସମାରୋହରେ ପଞ୍ଚାୟତ ସରପଞ୍ଚ ରୋଜାଲିନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ସାହୁ , ସମିତି ସଭ୍ୟା ପ୍ରତିନିଧି ରୁଦ୍ର ମୋହନ ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲ । ରନର୍ସ ଓ ଚାମ୍ପିଅନ ଦଳକୁ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥି ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରିଥିଲେ । ସୌଭାଗ୍ୟ ରଣା ଓ ରାଜେନ୍ଦ୍ର ନାଏକ ଖେଳ ପରିଚାଳନା କରିଥିବା ବେଳେ ବିପିନ ସାହୁ ଓ ବଣ୍ଟିସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ । ବେଷ୍ଟ ବୋଲର ଆଲୋକ ,ବେଷ୍ଟ ବ୍ୟାଟ୍ସ ମ୍ୟାନ୍ ଓ ମ୍ୟାନ ଅଫ ଦି ମ୍ୟାଚ୍ ଅଶ୍ୱିନୀ, ମ୍ୟାନ ଅଫ ଦି ସିରିଜ୍ ସୁବଳଙ୍କୁ ଆୟୋଜକ ପକ୍ଷରୁ ଘୋଷଣା କରାଯାଇଥିଲା ।

ଆୟୋଜକ ଟିମର ମଧୁ ରଣା , ବୁନା ମହାଳିକ, ସୁଶାନ୍ତ ସାହୁ, ଯଦୁମଣି ଦାସ, ରିଙ୍କୁ ଦାସ, ପପୁ ସାହୁ, ଯୁଗଳ ରଣା, କୁନା ଦାସଙ୍କ ସମେତ କ୍ଲବର ଅନ୍ୟ ସମସ୍ତ ସଦସ୍ୟଙ୍କ ସହଯୋଗରେ ଟୁର୍ଣ୍ଣାମେଣ୍ଟ ପରିଚାଳିତ ହୋଇଥିଲା ।

# ତାଳଚେର ପରିବେଶ ସୁରକ୍ଷା ସମିତି ପକ୍ଷରୁ ନେତାଜୀ ଜୟନ୍ତୀ

ତାଳଚେର, (ସବ୍ୟୁ): ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ୧୨୮ ତମ ଜୟନ୍ତୀ ତାଳଚେର ପରିବେଶ ସୁରକ୍ଷା ସମିତି ପକ୍ଷରୁ ହାଟତୋଟା ସ୍ଥିତ ମ୍ୟୁନିସିପାଲିଟି ମାର୍କେଟ୍ ଠାରେ ପାଳିତ ହୋଇଯାଇଛି । ପରିବେଶ ସୁରକ୍ଷା ସମିତିର ଆବାହକ ପଦ୍ମ ଚରଣ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ନେଜାତୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ସଭାରେ ବାଉରୀବନ୍ଧୁ ବେଜ, ପ୍ରହ୍ଲାଦ ଚନ୍ଦ୍ର ସାହୁ, ମାନସ ରଞ୍ଜନ ବେହେରା, କିଶାନ ସାହୁ, ଅଶୋକ ଶର୍ମା, ମାନସ ରଂଜନ ସାହୁ, ଅଶୋକ ବାରିକ, ସୁକାନ୍ତ ଦାସ, ଶୋଭାଗିନୀ ଦାସ, ବିନୋଦ ଲାଲ୍, ସଂଗ୍ରାମ କେଶରୀ କୁଅଁର, ମନମୋହନ ନାଏକ, ସୁଶିଲ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ବକ୍ତାମାନେ ନେତାଜୀଙ୍କ ତ୍ୟାଗ ପୁତ ସଂଗ୍ରାମୀ ଜୀବନ ସଂପର୍କରେ ବକ୍ତବ୍ୟ ରଖିଥିଲେ ଏବଂ ନେତାଜୀଙ୍କ ନେତୃତ୍ୱରେ ଭାରତ ସ୍ୱାଧୀନତା ସଂଗ୍ରାମ ପରିଚାଳନା ହୋଇଥିଲେ କେବଳ ଦେଶରୁ ଇଂରେଜ ଯାଇଥାନ୍ତା ତାହା ନୁହେଁ, ଦେଶରୁ ଅନ୍ୟାୟ ଅତ୍ୟାଚାର, ଶୋଷଣରୁ ମୁକ୍ତ ହୋଇଥାନ୍ତା ବୋଲି କହିଥିଲେ । ଶେଷରେ ଆବାହକ ପଦ୍ମ ଚରଣ ସାମଲ ଏହି ଜୟନ୍ତୀ ସଭାକୁ ସଫଳ କରିଥିବାରୁ ମ୍ୟୁନିସିପାଲିଟି ମାର୍କେଟ୍‌ର ବନ୍ଧୁମାନଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ।

(ଶ୍ରୀମଭଗବଦ୍ ଗୀତା ୧୨/୦୫)

-ଭକ୍ତିଯୋଗଃ-

(ଶ୍ରୀଭଗବାନୁବାଚ )

କ୍ଳେଶୋଧିକତରସ୍ତେଷାମବ୍ୟକ୍ତା ସକ୍ତସକ୍ତଚେତସାମ୍ ।
ଅବ୍ୟକ୍ତା ହି ଗତିର୍ଦୁଃଖଂ ଦେହବଦ୍‌ଭିରବାପ୍ୟତେ ॥୦୫॥

(ଯଦି ନିର୍ଗୁଣ ଉପାସକମାନେ ତୁମକୁ ପ୍ରପାପ୍ତ ହୁଅନ୍ତି, ତେବେ ସଗୁଣ ଉପାସକମାନେ ଯୁକ୍ତତମ କିପରି ? ଏଥିପାଇଁ ତିନୋଟି ଶ୍ଳୋକରେ କ୍ଳେଶାକ୍ଳେଶଜନିତ ପାର୍ଥକ୍ୟ ବିଶେଷ ଭାବରେ କହୁଛନ୍ତି)- ଯେଉଁମାନେ ଅକ୍ଷରବ୍ରହ୍ମର ଉପାସନାରେ ଆସକ୍ତଚିତ୍ତ, ସେମାନଙ୍କର (ସିଦ୍ଧିପ୍ରାପ୍ତ ବିଷୟରେ) ଅଧିକତର କ୍ଳେଶ ହୁଏ, କାରଣ ସେହିମାନେ ଅତି କଷ୍ଟରେ ଅବ୍ୟକ୍ତଗତି (ବ୍ରହ୍ମବିଷୟକ ନିଷ୍ଠା) ଲାଭ କରନ୍ତି ॥୦୫॥

## ଟ୍ରମ୍ପଙ୍କ ପ୍ରଥମ ଆଇନ

ସମ୍ପାଦକୀୟ

ଟ୍ରମ୍ପଙ୍କ ଏଥରର ଶାସନ ପୂର୍ବ ଅପେକ୍ଷା ସମ୍ପୂର୍ଣ୍ଣ ଭିନ୍ନ ହେବ, ଏହା ସ୍ପଷ୍ଟ ହେବାରେ ଲାଗିଛି । ଗତ ନିର୍ବାଚନରେ ପରାସ୍ତ ହେବା ପରେ ସେ ଅଧିକ ଆକ୍ରମଣାତ୍ମକ ହେବା ପରି ଜଣାଯାଉଛି । ବିଶ୍ୱ ରାଜନୀତିରେ ନୂଆ ସମୀକରଣ ଦେଖାଦେବ, ଏହା ସ୍ପଷ୍ଟ ହେଇଥିବାବେଳେ, ଦେଶରେ ମଧ୍ୟ ଅନେକ କ୍ଷେତ୍ରରେ ବଡ ପରିବର୍ତ୍ତନ ଆଣିବା ନେଇ କ୍ଷେତ୍ର ପ୍ରସ୍ତୁତ କରି ଚାଲିଛନ୍ତି । ଟିକସ ହ୍ରାସ, ମୁଦ୍ରାସ୍ଫୀତି ହ୍ରାସ, ଦରଦାମରେ ସ୍ଥିରତା, ମଜୁରୀ ବୃଦ୍ଧି କରିବା ଏବଂ ଘରୋଇ ଶିଳ୍ପାନୁଷ୍ଠାନଗୁଡ଼ିକୁ ପୁନର୍ବାର ଖୋଲିବା ପ୍ରତିଶ୍ରୁତି ଯୋଗୁଁ ସେ ପୁଣି ଥରେ କ୍ଷମତାକୁ ଫେରିଛନ୍ତି । ରୁଷିଆ-ୟୁକ୍ରେନ ଯୁଦ୍ଧ ସମାପ୍ତ କରିବା, ମଧ୍ୟପ୍ରାଚ୍ୟରେ ଉତ୍ତେଜନା ହ୍ରାସ କରିବା ଏବଂ ଚୀନ୍ ଉପରେ ଏକ ଦୃଢ଼ ନିୟନ୍ତ୍ରଣ ରଖିବା ନେଇ ସେ ପ୍ରତିଶ୍ରୁତି ଦେଇଥିଲେ । କ୍ଷମତାକୁ ଆସୁ ଆସୁ ଆମେରିକାର ନାଗରିକଙ୍କୁ ଅନେକଗୁଡିଏ ନୂଆ ସ୍ୱପ୍ନ ଦେଖାଇଛନ୍ତି । ସୋମବାର ଦିନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ସ୍ୱାକ୍ଷରିତ ସରକାରୀ ନିର୍ଦ୍ଦେଶଗୁଡ଼ିକର ଝଡ଼ ମଧ୍ୟରେ ପ୍ରବାସୀଙ୍କ ପ୍ରବେଶକୁ ବିରୋଧ କରି ଦେଶର ସୀମାକୁ ସିଲ୍ କରିବା ଏବଂ ବେଆଇନ ପ୍ରବାସୀମାନଙ୍କ ଉପରେ କ୍ରମାଗତ ଭାବରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ସେ ଜୋର୍ ଦେଇଛନ୍ତି ଯେଉଁଥିରେ ସୀମାରେ ସାମରିକ ବାହିନୀ ମୁତୟନ କରିବା ଏବଂ ଅଣ-ନାଗରିକଙ୍କ ପିଲାମାନଙ୍କର ଜନ୍ମଗତ ନାଗରିକତା କାଟିବା ପାଇଁ ଜାତୀୟ ଜରୁରୀକାଳୀନ ଘୋଷଣା ଅନ୍ତର୍ଭୁକ୍ତ ଥିଲା । ଏହି କାର୍ଯ୍ୟଗୁଡ଼ିକ ଆମେରିକାର ସମ୍ପୂର୍ଣ୍ଣ ପୁନରୁଦ୍ଧାର ପାଇଁ ଉଦ୍ଦିଷ୍ଟ ବୋଲି ଟ୍ରମ୍ପ କହିଥିଲେ । ସେ ଆହୁରି ମଧ୍ୟ କହିଥିଲେ, 'ସମସ୍ତ ଅବୈଧ ପ୍ରବେଶ ତୁରନ୍ତ ବନ୍ଦ କରାଯିବ ଏବଂ ଆମେ ଲକ୍ଷ ଲକ୍ଷ ଅପରାଧୀ ବିଦେଶୀଙ୍କୁ ସେମାନେ ଯେଉଁଠାରୁ ଆସିଥିଲେ ସେହି ସ୍ଥାନକୁ ଫେରାଇ ଦେବା ନେଇ ପ୍ରକ୍ରିୟା ଆରମ୍ଭ କରିବୁ । ଏହାର ଝଲକ ଦେଖିବାକୁ ମିଳିଛି । ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଆଇନରେ ସେ ଦସ୍ତଖତ କରିବାକୁ ଯାଉଛନ୍ତି ଯାହା ପରୋକ୍ଷରେ 'ଆମେରିକା ଫାଷ୍ଟ' ନୀତିକୁ ସମର୍ଥନ କରୁଛି । ରିପବ୍ଲିକାନ-ନିୟନ୍ତ୍ରିତ ଆମେରିକୀୟ କଂଗ୍ରେସ ବୁଧବାର ଅବୈଧ ପ୍ରବାସୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଇଚ୍ଛାକୁ ସମର୍ଥନ କରିଛି । ଏହି ବିଲ୍ ଆଇନରେ ପରିଣତ ହେବା ପରେ, ଫେଡେରାଲ୍ ଇମିଗ୍ରେସନ ଅଧିକାରୀମାନଙ୍କ ପାଇଁ ସାମାନ୍ୟ ଚୋରି ଠାରୁ ଆରମ୍ଭ କରି ଆଇନ ପ୍ରବର୍ତ୍ତନକାରୀଙ୍କ ଉପରେ ଆକ୍ରମଣ ପର୍ଯ୍ୟନ୍ତ ଅପରାଧରେ ଅଭିଯୁକ୍ତ ଓ ଦସ୍ତାବିଜ ନଥିବା ଲୋକଙ୍କୁ ଅଟକ ରଖିବା ସହଜ ହେବ ଏବଂ ଦେଶାନ୍ତର କରିବା ନେଇ ମଧ୍ୟ ପଦକ୍ଷେପ ନିଆଯାଇପାରେ । ଲେକେନ୍ ରିଲେ ଆଇନ ଭାବରେ ଜଣାଶୁଣା ଏହି ବିଲ୍ ୪୬ ଜଣ ଡେମୋକ୍ରାଟଙ୍କ ସମର୍ଥନରେ ହାଉସରେ ୨୬୩-୧୫୬ ଭୋଟରେ ପାସ୍ ହୋଇଛି । ଗତ ବର୍ଷ ବିଭିନ୍ନ ସମୟରେ ଡେମୋକ୍ରାଟମାନେ ଏହି ପଦକ୍ଷେପକୁ ବ୍ୟାପକ ଭାବରେ ପ୍ରତ୍ୟାଖ୍ୟାନ କରିଥିଲେ, କିନ୍ତୁ ନିର୍ବାଚନ ପରେ ବିଲ୍‌ର ଭାଗ୍ୟ ବଦଳିଯାଇଛି । ଟ୍ରମ୍ପ ତାଙ୍କ ପ୍ରଚାରରେ ଯେଉଁସବୁ ପ୍ରସଙ୍ଗକୁ ଗୁରୁତ୍ୱ ଦେଇଥିଲେ, ସେ ମଧ୍ୟରେ ଏହା ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବରେ ଉଭା ହେଇଥିଲା । ବର୍ତ୍ତମାନ ଲେକେନ୍ ରିଲେ ଆଇନ ୱାଶିଂଟନରେ ଇମିଗ୍ରେସନ ଏବଂ ସୀମା ସୁରକ୍ଷା ଉପରେ ବ୍ୟାପକ ଧ୍ୟାନ ଦେବା ସହ ଆମେରିକୀୟ ସମାଜରେ ଏକ ବଡ ପରିବର୍ତ୍ତନ ଆଣିବାରେ ସହାୟକ ହେବ ବୋଲି ଅନେକ ବିଶେଷଜ୍ଞ ଯୁକ୍ତି ବାଢୁଛନ୍ତି । ବିଦେଶୀ ଅପରାଧୀ ସନ୍ଦିଗ୍ଧଙ୍କ ପାଇଁ ବିଚାର ପୂର୍ବରୁ ଅଟକ ରଖିବା ପାଇଁ ଏହି ବିଲ୍‌ରେ ବ୍ୟବସ୍ଥା ରହିଛି । ଲେକେନ୍ ରିଲେ ଆଇନ ଅନୁଯାୟୀ ଚୋରି ସମ୍ପର୍କିତ ଅପରାଧରେ ଅଭିଯୁକ୍ତ ଓ ଦସ୍ତାବିଜ ନଥିବା ପ୍ରବାସୀମାନଙ୍କୁ ଅଟକ ରଖିବା ବାଧ୍ୟତାମୂଳକ । ଚୋରି ପାଇଁ ଖୋଜାଯାଉଥିବା ଜଣେ ଅବୈଧ ପ୍ରବାସୀ ଭେନେଜୁଏଲାର ବ୍ୟକ୍ତିଙ୍କ ଦ୍ୱାରା ହତ୍ୟା କରାଯାଇଥିବା ୨୨ ବର୍ଷୀୟ ଛାତ୍ରୀ ଲାକେନ୍ ରିଲେଙ୍କ ନାମରେ ଏହି ଆଇନର ନାମକରଣ କରାଯାଇଛି । ରାଷ୍ଟ୍ରପତି ଟ୍ରମ୍ପ ନଭେମ୍ବରରେ ତାଙ୍କ ନିର୍ବାଚନ ପ୍ରଚାର ସମୟରେ ଲାକେନ୍ ରିଲେ ମାମଲାକୁ ପ୍ରବାସୀମାନେ ଦେଶର ରକ୍ତକୁ ବିଷାକ୍ତ କରିବାର ପ୍ରମାଣ ଭାବରେ ଦର୍ଶାଇଥିଲେ । ଦେଶର ଓ ନିଜର ସୁରକ୍ଷା ପାଇଁ ନାଗରିକମାନେ, ଏହି ଭଳିଆ ପ୍ରସଙ୍ଗକୁ ସମର୍ଥନ କରିଥିଲେ ମଧ୍ୟ । ତେଣୁ ଟ୍ରମ୍ପ ଆସୁ ଆସୁ, ଏହାକୁ ଲାଗୁ କରିବା ପାଇଁ ଚାହୁଁଛନ୍ତି । ଏହି ନୂତନ ଆଇନ ଅନୁଯାୟୀ, ଆମେରିକୀୟ ଇମିଗ୍ରେସନ ଏବଂ କଷ୍ଟମ୍ସ ପ୍ରବର୍ତ୍ତନ ବିଭାଗ ବେଆଇନ ପ୍ରବାସୀମାନଙ୍କୁ ଅଟକ ରଖିବେ ଯେଉଁମାନେ ଚୋରି, ଡକାୟତି ପରି ଅପରାଧରେ ଗିରଫ ହୋଇଛନ୍ତି କିମ୍ବା ଅଭିଯୁକ୍ତ ହୋଇଛନ୍ତି, କିମ୍ବା ଯେଉଁମାନେ ଆଇନ ପ୍ରବର୍ତ୍ତନ ଅଧିକାରୀଙ୍କ ଉପରେ ଆକ୍ରମଣ ଅଭିଯୋଗରେ ଅଭିଯୁକ୍ତ ଅଛନ୍ତି । କଂଗ୍ରେସର ଅନ୍ୟ କେତେକ ସଦସ୍ୟ ଭିନ୍ନ ମତ ପୋଷଣ କରି କହିଛନ୍ତି, ନୂତନ ଆଇନ ଅନେକ ସମୟରେ ଭୁଲ ରାସ୍ତାରେ ପରିଚାଳିତ ହେବ । ପ୍ରତିନିଧି ଆଲେକଜାଣ୍ଡ୍ରିଆ ଓକାସିଓ-କର୍ଟେଜ୍ ଯୁକ୍ତି ଦେଇଥିଲେ ଯେ ଯେଉଁ ଲୋକମାନଙ୍କୁ ଅଭିଯୁକ୍ତ କରାଯାଇଛି, କିନ୍ତୁ ସେମାନେ ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇନାହାଁନ୍ତି ସେମାନଙ୍କୁ ଅଟକ ରଖିବାର ଅର୍ଥ, ଏହା ମୂଳ ଆମେରିକୀୟ ମୂଲ୍ୟବୋଧର ବିରୋଧ କରୁଛି । ୨୦୨୪ ନିର୍ବାଚନରେ ଡେମୋକ୍ରାଟଙ୍କ ଗୁରୁତ୍ୱପୂର୍ଣ୍ଣ ପରାଜୟ ପରେ ଏହି ବିଲ୍ ପାସ୍ ହେବା ପରେ ଡେମୋକ୍ରାଟଙ୍କ ମଧ୍ୟରେ ପ୍ରବାସ ନୀତି ବିଷୟରେ ବିତର୍କ ଆରମ୍ଭ ହୋଇଛି । ଲାକେନ ରିଲେ ଆଇନ ପାସ ହେବା ଦ୍ୱାରା ଆମେରିକାରେ ଭାରତୀୟ ପ୍ରବାସୀ, ବିଶେଷକରି ଅସ୍ଥାୟୀ ଭିସାରେ ଥିବା, ଦସ୍ତାବିଜ ନ ଥିବା ଲୋକେ କିମ୍ବା ଭିସା ସର୍ତ୍ତାବଳୀ ଉଲ୍ଲଂଘନ କରୁଥିବା ବ୍ୟକ୍ତିମାନଙ୍କ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପଡ଼ିବ ବୋଲି ଆଶା କରାଯାଉଛି । ଏହି ଆଇନ ଅନୁସାରେ, ଛୋଟ ଆଇନଗତ ଉଲ୍ଲଂଘନରେ ଜଡିତ ଭାରତୀୟ ନାଗରିକମାନେ ଦେଶାନ୍ତରୀକରଣ ଭଳି ବିପଦର ସମ୍ମୁଖୀନ ହୋଇପାରନ୍ତି । ଏହି ବିଲ୍ ଅନେକ ପ୍ରବାସୀମାନଙ୍କୁ କଷ୍ଟ ଦେବ, ଯେଉଁମାନେ ବର୍ଷ ବର୍ଷ ଧରି ଆମେରିକାରେ ଆଇନଗତ ଭାବରେ ରହି କାମ କରୁଛନ୍ତି । ଏହି ଆଇନ ଅନୁଯାୟୀ, ଦୋକାନ ଚୋରି ଭଳି ନିମ୍ନ-ସ୍ତରୀୟ ଅପରାଧରେ ଅଭିଯୁକ୍ତ ହେଲେ ଏବଂ ଦୋଷୀ ସାବ୍ୟସ୍ତ ନ ହେଲେ ମଧ୍ୟ, ସେମାନଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଟକ ରଖାଯାଇ ପାରିବ । ଏଥିରେ ପିଲାମାନେ ମଧ୍ୟ ସାମିଲ ହେଇପାରନ୍ତି ଯେଉଁମାନେ ଭୁଲବଶତଃ ଗିରଫ ହୋଇଛନ୍ତି ଏବଂ ସେମାନେ କରି ନଥିବା ଅପରାଧ ପାଇଁ ଅଭିଯୁକ୍ତ ହୋଇଛନ୍ତି । ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଅନେକ ବିଶେଷଜ୍ଞ ଏହିଭଳି ବିଲ ଆମେରିକାରେ ପ୍ରବାସୀ ବ୍ୟବସ୍ଥା ସଜାଡିବାରେ କୌଣସି ସାହାଯ୍ୟ କରିପାରିବ ନାହିଁ ବୋଲି ମତବ୍ୟକ୍ତ କରିଛନ୍ତି । ହିଂସାକୁ ରୋକିବାର ଆଳ ଦେଖାଇ, ଏହି ବିଲ୍ ଦ୍ୱାରା ଇମିଗ୍ରେସନ୍ ଅଧିକାରୀମାନେ ସାଧାରଣ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ନ କରୁଥିବା ଅଣ-ନାଗରିକମାନଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଟକ ରଖିବା ସହ ଦେଶାନ୍ତର ହେବାକୁ ବାଧ୍ୟ କରିପାରନ୍ତି । ଲୋକେ ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣିତ କରିବା ପାଇଁ ସୁଯୋଗ ମଧ୍ୟ ପାଇଁ ନ ପାରନ୍ତି । ତେବେ ଆମେରିକା ଏବଂ ଏହାର ନାଗରିକଙ୍କୁ ଅଧିକ ସୁରକ୍ଷିତ କରିବା ପାଇଁ ଟ୍ରମ୍ପ ଚାହୁଁଛନ୍ତି । ଏହା ତାଙ୍କ ଦେଶର ନିର୍ଦ୍ଦେଶ । ଅନ୍ୟ ଦେଶ ଏହା ବିରୋଧରେ ମତ ଦେବାର ମାନେ କିଛି ନାହିଁ । ଆମର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଏହା ଉପରେ ପ୍ରତିକ୍ରିୟା ରଖି ସାରିଛନ୍ତି ଏବଂ ବିନା କାଗଜପତ୍ରରେ ବା ବେଆଇନ ଭାବରେ ଆମେରିକାରେ ରହୁଥିବା ଭାରତୀୟଙ୍କୁ ଫେରାଇ ଆଣିବା ସପକ୍ଷରେ ମତ ଦେଇଛନ୍ତି । ଏହା ସ୍ପଷ୍ଟ କରେ ଯେ' ଭାରତ ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ବିରୋଧରେ ଯିବାକୁ ଚାହୁଁ ନାହିଁ । ଭାରତ ମଧ୍ୟ କୌଣସି ଅନୀତି କାର୍ଯ୍ୟକୁ ସମର୍ଥନ ଦିଏ ନାହିଁ । ଅନ୍ୟପକ୍ଷରେ, ଐତିହାସିକ ଭାବରେ, ଭାରତ ଏବଂ ଆମେରିକା ମଧ୍ୟରେ ଦୃଢ଼ ଦ୍ୱିପାକ୍ଷିକ ସମ୍ପର୍କ ରହିଛି ଏବଂ ଅତୀତରେ ମଧ୍ୟ ଆମେରିକାରୁ ଭାରତୀୟ ନାଗରିକଙ୍କ ପ୍ରତ୍ୟାବର୍ତ୍ତନ ପ୍ରୟାସରେ ଭାରତ ସହଯୋଗ କରିଛି, ଯେପରି ଅକ୍ଟୋବର ୨୦୨୪ରେ ଭାରତୀୟ ନାଗରିକଙ୍କ ପ୍ରତ୍ୟାବର୍ତ୍ତନ କରାଯାଇଥିଲା । କୌଣସି ପ୍ରକାର ଅସହଯୋଗ ସମ୍ପର୍କକୁ ତିକ୍ତ କରିପାରେ ଯାହା ପରୋକ୍ଷରେ ଅନ୍ୟ କ୍ଷେତ୍ରରେ ଥିବା ସହଯୋଗିତାକୁ ପ୍ରଭାବିତ କରିପାରେ ।

## ଅତି ଲେମ୍ବୁ ଚିପୁଡ଼ିଲେ ପିତା

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଆଜିକାଲି କର୍ମ-ଜୀବନ ସନ୍ତୁଳନକୁ ନେଇ ବିତର୍କ ଜୋର ଧରିଛି । ଏହି ବିତର୍କରେ କିଛି ବରିଷ୍ଠ ଶିଳ୍ପପତିଙ୍କ ବୟାନ ଆଶ୍ଚର୍ଯ୍ୟଜନକ । ଆମେ ଜାଣିଛନ୍ତି କୋଭିଡ୍ ଭଳି ବିପର୍ଯ୍ୟୟର ମୁକାବିଲା କରିବା ପରେ ଆମେ, କାମ ଏବଂ ପରିବାର ମଧ୍ୟରେ ବହୁତ କଷ୍ଟରେ ସମୟ ସନ୍ତୁଳନ କରିବାକୁ ଚେଷ୍ଟା କରିଛୁ, କିନ୍ତୁ ନିକଟରେ ଲାର୍ସନ୍ ଆଣ୍ଡ ଟୁବ୍ରୋ ଅଧ୍ୟକ୍ଷ ଏସ୍ ଏନ୍ ସୁବ୍ରମଣ୍ୟମ୍ ସପ୍ତାହକୁ ୯୦ ଘଣ୍ଟା କାମ କରିବାର ଚିନ୍ତାଧାରା ଆଣିଛନ୍ତି । ରବିବାରକୁ ଅଣ-ଅତ୍ୟାବଶ୍ୟକ ଛୁଟି ବୋଲି ମଧ୍ୟ କହିଛନ୍ତି । ବୋଧହୁଏ ସେମାନେ ଭାରତୀୟ ଜୀବନଶୈଳୀ, ଜୀବନ ଦର୍ଶନ ତଥା ମାନବ ପରିଚାଳନା କ୍ଷେତ୍ରରେ ଉଦ୍ଭାବନ ସହିତ ଜଡ଼ିତ ନୁହଁନ୍ତି ।

ଅନ୍ତର୍ଜାତୀୟ ଶ୍ରମ ସଂଗଠନର ୨୦୨୪ ରିପୋର୍ଟ ଅନୁଯାୟୀ, ବିଶ୍ୱର ୧୦ଟି ବୃହତ୍ତମ ଅର୍ଥନୀତିରେ ଭାରତୀୟମାନେ ସବୁଠାରୁ ଅଧିକ କାମ କରୁଛନ୍ତି । ରିପୋର୍ଟ ଅନୁଯାୟୀ, ଭାରତରେ ହାରାହାରି କାର୍ଯ୍ୟ ସପ୍ତାହ ୪୬.୭ ଘଣ୍ଟା, ଚୀନ୍ (୧୬.୦୧ ଘଣ୍ଟା), ବ୍ରାଜିଲ (୩୯ ଘଣ୍ଟା), ଆମେରିକା (୩୮ ଘଣ୍ଟା), ଜାପାନ (୩୬.୬ ଘଣ୍ଟା), ଇଟାଲୀ (୩୬.୩ ଘଣ୍ଟା), ବ୍ରିଟେନ୍ (୩୫.୫ ଘଣ୍ଟା), ଫ୍ରାନ୍ସ (୩୫.୯ ଘଣ୍ଟା), ଜର୍ମାନୀ (୩୪.୨ ଘଣ୍ଟା ଏବଂ କାନାଡା - ୩୨.୫ ଘଣ୍ଟା) । ଏସବୁ ତଥ୍ୟ ସତ୍ତ୍ୱେ ଭାରତରେ କାର୍ଯ୍ୟ ସମୟ ବଢ଼ାଇବା ପାଇଁ କାହିଁକି ଆଲୋଚନା ଚାଲିଛି । ସେ ମଣିଷକୁ ରୋବୋଟ୍ ଠାରୁ ଅଧିକ କିଛି ଭାବନ୍ତି ନାହିଁ କି? ଏହା ବିଡମ୍ବନାର ବିଷୟ ଯେ ସେମାନେ ଭୁଲିଗଲେ ରୋବୋଟ୍‌ଙ୍କୁ ମଧ୍ୟ ଯତ୍ନ ଏବଂ ରିଚାର୍ଜ କରିବାର ଆବଶ୍ୟକତା ରହିଛି । ଇନଫୋସିସର ସହ ପ୍ରତିଷ୍ଠାତା ଏନଆର ନାରାୟଣ ମୂର୍ତ୍ତି କହିଛନ୍ତି, ଯଦି ଆମେ ବିଶ୍ୱ ମଞ୍ଚରେ ଆମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇବାକୁ ଚାହୁଁଛୁ, ତେବେ ଆମକୁ ସପ୍ତାହକୁ ୭୦ ଘଣ୍ଟା କାମ କରିବାକୁ ପଡ଼ିବ । ମହିନ୍ଦ୍ରା ଗ୍ରୁପ୍ ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରା, ଆଇଟିସି ଅଧ୍ୟକ୍ଷ ସଞ୍ଜୀବ ପୁରୀ ଓ ଓୟୋର ସହ ପ୍ରତିଷ୍ଠାତା ରିତେଶ ଅଗ୍ରୱାଲ କାର୍ଯ୍ୟ ସମୟ ବୃଦ୍ଧିକୁ ବିରୋଧ କରିବା ସହ କାର୍ଯ୍ୟ ଓ ଜୀବନର ଗୁଣବତ୍ତାକୁ ପ୍ରାଥମିକତା ଦେବା କଥା କହିଛନ୍ତି ।

ସନାତନ ପରମ୍ପରାରେ ମାନବ ଜୀବନ ଓ ଏହାର ଦକ୍ଷତାକୁ ନେଇ ମାନବ କେନ୍ଦ୍ରୀତ ବୈଜ୍ଞାନିକ ଆଭିମୁଖ୍ୟ ଗ୍ରହଣ କରାଯାଇଛି । ଏହି ପରମ୍ପରାରେ ଆମେ ବିକାଶ ଓ ଭୌତିକବାଦର ଅନ୍ଧ ଦୌଡ଼ରେ ସାମିଲ ହୋଇ ଗଳା କାଟି ପ୍ରତିଦ୍ୱନ୍ଦ୍ୱିତା କରୁନାହୁଁ, ବରଂ ସୁସ୍ଥ ଓ ସନ୍ତୁଳିତ ଜୀବନଶୈଳୀ ଆପଣାଇ ବ୍ୟକ୍ତିଗତ ଓ ସାମୂହିକ ଉତ୍ପାଦକତାର ଶୀର୍ଷରେ ପହଞ୍ଚିବାକୁ ଚେଷ୍ଟା କରିଥାଉ । ଏହି ପ୍ରକ୍ରିୟାରେ, ଆମେ ଏହା ମଧ୍ୟ ଦେଖୁଛୁ ଯେ ଜୀବନ ଏବଂ ମୂଲ୍ୟବୋଧ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ । ଉତ୍ପାଦକତା ବୃଦ୍ଧି ପାଇଁ ଆମେ ଶାରୀରିକ ଓ ମାନସିକ ସନ୍ତୁଳନ ଖରାପ ହେବାକୁ ଦେଉନାହୁଁ, କାରଣ 'ଅତି ସର୍ବତ୍ର ଗର୍ହିତଂ' । ଆମ ଜୀବନ ଦର୍ଶନର ଲକ୍ଷ୍ୟ ହେଉଛି ବ୍ୟକ୍ତି, ସମାଜ ଏବଂ ରାଷ୍ଟ୍ରର ସର୍ବାଙ୍ଗୀନ ବିକାଶ । ଏହି କାରଣରୁ ଆମେ ସଫଳତା ପରିବର୍ତ୍ତେ ଅର୍ଥପୂର୍ଣ୍ଣତା ଉପରେ ଗୁରୁତ୍ୱ ଦେଇଥାଉ ।

ମହାତ୍ମା ଗାନ୍ଧି ଓ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଭଳି ଭାରତୀୟ ଚିନ୍ତକଙ୍କ ମତରେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ନାମକ ଜୀବନର ଚରମ ଲକ୍ଷ୍ୟ ହାସଲ ପାଇଁ ଶରୀର, ମନ, ବୁଦ୍ଧି ଓ ଆତ୍ମାର ସ୍ୱାସ୍ଥ୍ୟରେ ସନ୍ତୁଳନ ଓ ସମନ୍ୱୟ ଜରୁରୀ । ଏହା ହେଉଛି ଚରମ ସୁଖ ଓ ପରମ ଗୌରବର ମାର୍ଗ । ଯେକୌଣସି ରାଷ୍ଟ୍ର ପ୍ରଗତିର ମୂଲ୍ୟାଙ୍କନର ଆଧାର ଅଭିବୃଦ୍ଧି ହାର ନୁହେଁ ବରଂ ଖୁସି ସୂଚକାଙ୍କ ହେବା ଉଚିତ । ଜଣେ ବ୍ୟକ୍ତି କେବଳ ପରିବାର ପ୍ରତିଷ୍ଠା କରେ ନାହିଁ, ବରଂ ସମାଜ ସହ ଯୋଡ଼ି ହୋଇଥାଏ । ପ୍ରକୃତି ସହ ସମନ୍ୱୟ ସ୍ଥାପନ କରି ସେ ଜୀବନକୁ ସରଳ ଓ ସରସ କରିଥାନ୍ତି । ସେ ଜୀବ ଓ ଜଗତ ମଧ୍ୟରେ ଏକ ସନ୍ତୁଳନ ସ୍ଥାପନ କରନ୍ତି ।

ଅପରପକ୍ଷେ, ଜୀବନଶୈଳୀ ମଣିଷକୁ ମେସିନ୍ ଭଳି ଦେଖେ । ମନୁଷ୍ୟ ଜୀବନର ଯାନ୍ତ୍ରିକୀକରଣ ଏହାର ଜୀବନର ଗୁଣବତ୍ତାକୁ ପ୍ରଭାବିତ କରିଥାଏ । ମଣିଷର ମାନସିକ ସ୍ୱାସ୍ଥ୍ୟ ମଧ୍ୟ ପ୍ରଭାବିତ ହୋଇଥାଏ । ମନୁଷ୍ୟ ଜୀବନକୁ ଉପଯୋଗୀ ଦୃଷ୍ଟିକୋଣରୁ ଦେଖିଲେ ଏହା କେବଳ ମାନସିକ ଯନ୍ତ୍ରଣା ବଢ଼ାଇବ । ପରିବାର ଓ ସମାଜ ଭଳି ଅନୁଷ୍ଠାନ ମଧ୍ୟ ସଙ୍କଟରେ ପଡ଼ିବ ।

ବୈଜ୍ଞାନିକ ଦୃଷ୍ଟିରୁ ସପ୍ତାହକୁ ୭୦ ରୁ ୯୦ ଘଣ୍ଟା କାମ କରିବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ଦୀର୍ଘକାଳୀନ ପାର୍ଶ୍ୱ ପ୍ରତିକ୍ରିୟା ପଡ଼ିଥାଏ । ବିଭିନ୍ନ ଗବେଷଣାରୁ ଜଣାପଡିଛି ଯେ ଅତ୍ୟଧିକ କର୍ମଜୀବୀ ବ୍ୟକ୍ତି ଉଚ୍ଚ ରକ୍ତଚାପ, ମଧୁମେହ, ଅବସାଦ ଏବଂ ହୃଦ୍ ରୋଗର ଶିକାର ହୋଇପାରନ୍ତି । ଦୀର୍ଘ ସମୟ ଧରି କାମ କରୁଥିବା ବ୍ୟକ୍ତିଙ୍କ ଠାରେ ଏଭଳି ଜୀବନଶୈଳୀଜନିତ ରୋଗର ଆଶଙ୍କା ବହୁଗୁଣିତ ହୋଇଯାଏ । ଅତ୍ୟଧିକ କାର୍ଯ୍ୟ ଚାପ ଏବଂ ନକାରାତ୍ମକ ପରିବେଶର ପରିଣାମ ହେଉଛି ଯୁବକମାନଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବୃତ୍ତି ବୃଦ୍ଧି ଏବଂ ପ୍ରଜନନ କ୍ଷମତା ହ୍ରାସ ପାଇବା । ଯଦି ଆମେ ନୂଆ ତଥ୍ୟ ଉପରେ ଗବେଷଣା କରିବାକୁ ଚାହୁଁଛୁ, ତେବେ ଆମକୁ ମାନସିକ ସ୍ୱାସ୍ଥ୍ୟ ବଜାୟ ରଖିବାକୁ ପଡିବ ।

ଏହା ସେତେବେଳେ ସମ୍ଭବ ହେବ ଯେତେବେଳେ କର୍ମ-ଜୀବନ ସନ୍ତୁଳନ ରହିବ । ମୌଳିକ ଚିନ୍ତାଧାରା କେବଳ ସୁସ୍ଥ ମନ ଦ୍ୱାରା ସମ୍ଭବ । ଏଆଇ ଏବଂ ରୋବୋଟିକ୍ସ ଇତ୍ୟାଦି ଦ୍ୱାରା ଆମେ କାର୍ଯ୍ୟକୁ ସହଜ କରିପାରିବା, କିନ୍ତୁ ଆମେ ଅଭିନବତା କିମ୍ବା ମୌଳିକତା ସହିତ ସମାନ କାର୍ଯ୍ୟ କରିପାରିବା ନାହିଁ । ମେସିନ୍ ମଣିଷର ସ୍ଥାନ ନେଇପାରିବ ନାହିଁ । ଅବସାଦ ଓ ଏକାକୀପଣରୁ ରକ୍ଷା ପାଇବା ପାଇଁ ବ୍ୟକ୍ତି ନିଜ ଶରୀର ଓ ମନକୁ ପରିବାର ଓ ପ୍ରକୃତି ସାଙ୍ଗରେ ବିତାଏ ।

କାମର ଅଯଥା ଚାପ ଯୋଗୁଁ ଜୀବନଶୈଳୀ ପ୍ରଭାବିତ ହୋଇଥାଏ । ଜୀବନର ଉତ୍ପାଦକତା ଏବଂ ଉପଲବ୍ଧିକୁ ସାମଗ୍ରିକ ଭାବରେ ଦେଖିବାର ଆବଶ୍ୟକତା ରହିଛି । ପରିବାର ଓ ସମାଜଠାରୁ ବିଚ୍ଛିନ୍ନ ହୋଇଥିବା ବ୍ୟକ୍ତିଙ୍କର କୌଣସି ବ୍ୟକ୍ତିତ୍ୱ କିମ୍ବା ଅସ୍ତିତ୍ୱ ନ ଥାଏ । ପରିବାର ଓ ସମାଜର ସନ୍ତୁଳନରେ ବ୍ୟକ୍ତିତ୍ୱର ସର୍ବାଙ୍ଗୀନ ବିକାଶ ହେବା ସହ ସୃଜନଶୀଳତା ଓ ଉତ୍ପାଦକତା ବୃଦ୍ଧି ପାଇଥାଏ । ତେଣୁ ପାରିବାରିକ ଓ ବୃତ୍ତିଗତ ଜୀବନରେ ଉପଯୁକ୍ତ ସମନ୍ୱୟ ରକ୍ଷା କରିବାକୁ ପଡ଼ିବ ।

ଅଧିକ ସମୟ କାମ କରିବା ଦ୍ୱାରା ପିଲାମାନେ ଅସନ୍ତୁଷ୍ଟ ହେବେ ଏବଂ ବୟସ୍କମାନେ ଅବହେଳିତ ଓ ଏକାକୀ ହୋଇଯିବେ । ଏଭଳି ସ୍ଥିତି ସମାଜ ଓ ଦେଶ ପାଇଁ ଭଲ ନୁହେଁ । ଯୋଗାଯୋଗ ପାଇଁ ଉଦ୍ଦିଷ୍ଟ ଇଣ୍ଟରନେଟ୍ ମିଡିଆ ପ୍ଲାଟଫର୍ମ ମଧ୍ୟ ଯୋଗାଯୋଗ ବ୍ୟବଧାନ ଏବଂ ଏକାକୀତାର କାରଣ ପାଲଟିଛି । କେବଳ କାର୍ଯ୍ୟ-ଜୀବନ ସନ୍ତୁଳନ ମାଧ୍ୟମରେ ଜଣେ ବ୍ୟକ୍ତି ସମାଜ ଏବଂ ସଂଗଠନ ପାଇଁ ସର୍ବୋତ୍ତମ ଯୋଗଦାନ କରିପାରିବ, ତେଣୁ କମ୍ପାନୀଗୁଡିକ କର୍ମଚାରୀଙ୍କ ଆବଶ୍ୟକତାକୁ ବୁଝି ସେମାନଙ୍କୁ ଆବଶ୍ୟକ ଛୁଟି ପ୍ରଦାନ କରିବା ଆବଶ୍ୟକ ।

**ନୟାଗଡ଼, ମୋ-୯୪୩୭୬୪୨୯୪୭**

## ୱେଟଲେସ ସପ୍ଲିମେଣ୍ଟ, ପ୍ରୋଟିନ ପାଉଡର ଓ ଯକୃତ ଜଣ୍ଡିସ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ବର୍ତ୍ତମାନ ସମୟକୁ ଦେଖିଲେ ବିଶେଷକରି ଯୁବବର୍ଗମାନେ ଓଜନ ବଢ଼ାଇବା ପାଇଁ ହେଉ ବା କମାଇବା ପାଇଁ ହେଉ ବିଭିନ୍ନ ପ୍ରକାରର ପ୍ରୋଟିନ ପାଉଡର ଓ ୱେଟଲେସ ସପ୍ଲିମେଣ୍ଟ ବ୍ୟବହାର କରୁଛନ୍ତି । ବଜାରରେ ଉପଲବ୍ଧ ବିଭିନ୍ନ ପ୍ରକାର ପ୍ରୋଟିନ ପାଉଡର ଓ ୱେଟଲେସ ସପ୍ଲିମେଣ୍ଟକୁ, ଶରୀର ଉପରେ ସେସବୁର ରହୁଥିବା କୁପ୍ରଭାବକୁ ନେଇ ସାମାନ୍ୟତମ ଚିନ୍ତା ନକରି ଅନେକେ ଏହାକୁ ଇଚ୍ଛାନୁସାରେ ବ୍ୟବହାର କରୁଛନ୍ତି । ନିକଟରେ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ପତ୍ରିକା 'ଲାନସେଟ ଗ୍ଲୋବାଲ ହେଲଥ' ରିପୋର୍ଟର ତଥ୍ୟ ଅନୁଯାୟୀ ଭାରତରେ ପାଖାପାଖି ୫୦ରୁ ଉର୍ଦ୍ଧ ଭାଗ ଲୋକ ଏକ ପ୍ରକାର ଶାରୀରିକ ଭାବେ ଦୁର୍ବଳ ବା ଫିଜିକାଲି ଅନଫିଟ୍ କହିଲେ ଅତ୍ୟୁକ୍ତି ହେବନାହିଁ ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ଜଣେ ଗୋଟିଏ ସପ୍ତାହ ଭିତରେ ସର୍ବନିମ୍ନ ତିନିଘଣ୍ଟା ପାଖାପାଖି ଶାରୀରିକ ବ୍ୟାୟାମ କରିବା ଉଚିତ । ତେବେ ଅନ୍ୟ ଏକ ପରିସଂଖ୍ୟାନର ତଥ୍ୟ ଯାହା ଉଲ୍ଲେଖ କରିଛି ତାହା ହେଉଛି ବିଶ୍ୱର ୧୯୫ଟି ଦେଶ ଭିତରୁ ଭାରତ ହେଉଛି ୧୨ତମ ଦେଶ ଯେଉଁଠାରେ ଲୋକମାନେ ଶାରୀରିକ ବ୍ୟାୟାମ କରିବାକୁ ସେପରି ଆଗ୍ରହ ରଖି ନଥାନ୍ତି । ଯାହାଦ୍ୱାରା ଶରୀରରେ ମୋଟାପଣ ବଢ଼ିଥାଏ । ଏପଟେ ଶରୀରରୁ ଓଜନ କମାଇବା ପାଇଁ ଏକପ୍ରକାର ତରତର ହୋଇ ମନଇଚ୍ଛା ବିଭିନ୍ନ ଉତ୍ପାଦିତ ସାମଗ୍ରୀ ବ୍ୟବହାର କରି ନିଜ ଓଜନ କମାଇବା ପାଇଁ ଚେଷ୍ଟା କରିଥାନ୍ତି । 'ଫ୍ୟାକ୍ଟସ ଆଣ୍ଡ ଫ୍ୟାକ୍ଟର୍ସ'ର ଗବେଷଣାଲବ୍ଧ ତଥ୍ୟ ମୁତାବକ ତିନିବର୍ଷ ତଳେ ସମଗ୍ର ପୃଥିବୀରେ ଓଜନ କମ୍ ଓ ଓଜନ ପରିଚାଳନା ଶିଳ୍ପର ବ୍ୟବସାୟ ପରିମାଣ ଥିଲା ପାଖାପାଖି ୨୨୪ ବିଲିୟନ ଡଲାର । ଯେଉଁଥିରେ ଫିଟନେସ ସେଣ୍ଟର ଠାରୁ ଜିମ୍, ୱେଟଲେସ ସପ୍ଲିମେଣ୍ଟ ଠାରୁ ଖାଦ୍ୟପେୟ ଏପରିକି ଅନଲାଇନ ଫିଟନେସ କ୍ଲାସ ଏଥିରେ ଉପଲବ୍ଧ ।

ଭାରତରେ ବିକ୍ରି ହେଉଥିବା ୧୫ ପ୍ରତିଶତ ପ୍ରୋଟିନ ପାଉଡର ଅସୁରକ୍ଷିତ ଏବଂ ନିମ୍ନମାନର । ସେହିପରି କେନ୍ଦ୍ରୀୟ ଖାଦ୍ୟ ନିୟନ୍ତ୍ରକଙ୍କ ପକ୍ଷରୁ ଆହାର ପୂରକ ନେଇ କରାଯାଇଥିବା ସର୍ଭେରେ ଏହି ତଥ୍ୟ ସାମ୍ନାକୁ ଆସିଛି । ଖାଦ୍ୟ ସୁରକ୍ଷା ନିରାପତ୍ତା ଏବଂ ମାନବ ପ୍ରାଧିକରଣ ପକ୍ଷରୁ ୨୦୨୧-୨୨ରେ ୧ଲକ୍ଷ ୪୫ ହଜାର ପ୍ରୋଟିନ ପାଉଡର ନମୁନା ପରୀକ୍ଷଣ ପରେ ୪୮୯୦ଟିର ନମୁନା ଅସୁରକ୍ଷିତ ଏବଂ ୧୬ ହଜାର ୫୮୨ଟି ନିମ୍ନମାନର ବୋଲି ଜଣାପଡ଼ିଥିଲା । ଏଭଳି ସ୍ଥିତିରେ ବିନା ପରାମର୍ଶ ଏବଂ ତତ୍ତ୍ୱାବଧାନରେ ପ୍ରୋଟିନ ପାଉଡର ଖାଇଲେ ହୃଦ୍‌ଘାତ ଏବଂ କିଡ୍‌ନିଜନିତ ରୋଗର ଆଶଙ୍କାକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି ।

ଖାଉଟି ସୁରକ୍ଷା ଆଇନ ୨୦୧୯, ଅନୁସାରେ କୌଣସି ଉତ୍ପାଦ କିମ୍ବା ସେବା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ସମ୍ପର୍କରେ ଭୁଲ ସୂଚନା ଦେଇ ବିଜ୍ଞାପନ କରିପାରିବ ନାହିଁ । ଯେଉଁ ପ୍ରୋଟିନ ପାଉଡରରେ ମାତ୍ରାଧିକ ଚିନି ଏବଂ ପ୍ରକ୍ରିୟାକରଣ ଖାଦ୍ୟ ରହିଛି, ତାହାର ମାତ୍ରାଧିକ ବ୍ୟବହାର କଲେ ମଧୁମେହ ଏବଂ କର୍କଟ ଭଳି ଅଣସଂକ୍ରାମକ ରୋଗ ହେବାର ଆଶଙ୍କା ରହିଛି । ଡବ୍ଲୁଏଚ୍‌ଓର ଫ୍ରଣ୍ଟ ଅଫ ପ୍ୟାକେଜ ନୀତିରେ ଅନେକ ପ୍ରୋଟିନ ପାଉଡର ଆସୁନାହିଁ । ଏଥିଯୋଗୁଁ ପ୍ରୋଟିନ ପାଉଡରରେ କେଉଁ ପ୍ରକାର ଉପାଦାନ ରହିଛି, ଗ୍ରାହକମାନେ ଅବଗତ ହୋଇପାରୁନାହାନ୍ତି । ଉନ୍ନତମାନର ପ୍ରୋଟିନ ବ୍ୟୟବହୁଳ ଏବଂ କ୍ୱଚିତ ମିଳେ । ଛୋଟ କମ୍ପାନୀମାନେ ଅନେକେ ଏଣୁତେଣୁ ଉପାଦାନ ଅଧିକ ପରିମାଣରେ ମିଶାଇଥାନ୍ତି । ପ୍ରୋଟିନ ପାଉଡର କମ୍ପାନୀମାନଙ୍କର ମଧ୍ୟରେ ପ୍ରତିଯୋଗିତା ଥିବାରୁ ଗୁଣାତ୍ମକ ଉପରେ ଦୃଷ୍ଟି ଦିଆଯାଉନାହିଁ । ବଡ଼କଥା ହେଉଛି ଲୋକମାନେ ସୋସିଆଲ ମିଡ଼ିଆ ଓ ଅନ୍ୟମାନଙ୍କ କାନକୁହା କଥା ଶୁଣି ମନଇଚ୍ଛା ୱେଟଲେସ ସପ୍ଲିମେଣ୍ଟକୁ ଡାଏଟାରୀ ସପ୍ଲିମେଣ୍ଟ ବର୍ଗରେ ରଖୁଛନ୍ତି । କିନ୍ତୁ ଏ ସବୁ ବଜାରକୁ ଆସିବା ପୂର୍ବରୁ ବହୁ ପରୀକ୍ଷା ନିରୀକ୍ଷା ଓ ଯାଞ୍ଚର ସମ୍ମୁଖୀନ ହେବାକୁ ପଡ଼ିଥାଏ । ତେବେ ମୂଳକଥା ହେଉଛି ଡାଏଟାରୀ ସପ୍ଲିମେଣ୍ଟ ବର୍ଗଗୁଡ଼ିକ ନିଜ ଅନୁଧ୍ୟାନ ଆଧାରରେ ଅନେକେ ଯାଞ୍ଚ ପ୍ରକ୍ରିୟାକୁ ସାମ୍ନା ନକରି ଏହାକୁ ବିକ୍ରି କରିଥାନ୍ତି । ଯାହାର ଫଳସ୍ୱରୂପ ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି ହୋଇଥାଏ ।

ଆମେରିକୀୟ ସ୍ୱାସ୍ଥ୍ୟ ଜର୍ଣ୍ଣାଲ ପବ୍ଲିକ ହେଲଥର ତଥ୍ୟ ମୁତାବକ ୱେଟଲେସ ସପ୍ଲିମେଣ୍ଟ ଦୀର୍ଘଦିନ ଧରି ବ୍ୟବହାର ଦ୍ୱାରା ଇଟିଂ ଡିଜଅର୍ଡ଼ର ଓ ଯକୃତ ଜଣ୍ଡିସ ସହ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଶରୀରର ବିଶେଷକରି ଲିଭର ପ୍ରଭାବିତ ହେବାର ସମ୍ଭାବନା ରହିଛି । ହଜମ ଶକ୍ତି ଓ ପାଚନ କ୍ରିୟାର ଅସନ୍ତୁଳନ ଦେଖାଯିବା ସହ କେତେକ କ୍ଷେତ୍ରରେ ଏହା ଯକୃତ ଜଣ୍ଡିସ ରୋଗର ବଡ଼ କାରଣ ପାଲଟିଥାଏ । ବିନା ଲିଭର ବିଶେଷଜ୍ଞ ପରାମର୍ଶରେ ଏହାକୁ ମନଇଚ୍ଛା ବ୍ୟବହାର ଦ୍ୱାରା କେତେକ କ୍ଷେତ୍ରରେ ପତଳା ଝାଡ଼ା ବା ଡାଏରିଆ ମଧ୍ୟ ଦେଖାଯାଇଥାଏ । ତେବେ ଏକ ଡାଏଟ ପତ୍ରିକାର ତଥ୍ୟ ମୁତାବକ ବାସ୍ତବରେ ଏହି ୱେଟଲେସ ସପ୍ଲିମେଣ୍ଟଗୁଡ଼ିକ ଅଳ୍ପ ସମୟ ପାଇଁ ଶରୀରରେ ତା'ର ପ୍ରଭାବ ଦେଖାଇଥାଏ । କିନ୍ତୁ ଦୀର୍ଘକାଳୀନ ବ୍ୟବହାର ଦ୍ୱାରା ଏହା ଶରୀରରେ ଭିଟାମିନ୍, ଖଣିଜ ପଦାର୍ଥ, ପୋଷକତତ୍ତ୍ୱ ଓ ଶର୍କରା ସ୍ତରରେ କିଛି ଅସାମଞ୍ଜସ୍ୟତା ସୃଷ୍ଟି କରିଥାଏ ।

ଜଣେ ଅତ୍ୟଧିକ ଓ ନିୟମିତ ପ୍ରୋଟିନ ପାଉଡର ବ୍ୟବହାର କରି ଶାରୀରିକ ବ୍ୟାୟାମ ବା ପରିଶ୍ରମ ନ କରିବା ଦ୍ୱାରା ଏହା କିଡ଼ନୀ ଉପରେ ମଧ୍ୟ ପ୍ରଭାବ ପକାଇବା ସହ ଏହା ଇଟିଂ ଡିଜଅର୍ଡ଼ର କାରଣ ହୋଇଥାଏ । ବର୍ତ୍ତମାନ କେତେକ ୱେଟଲେସ ସପ୍ଲିମେଣ୍ଟରେ ହର୍ବାଲ ତତ୍ତ୍ୱ, ଷ୍ଟିମୁଲା ଓ ଅନ୍ୟ ସାମଗ୍ରୀର ଏକପ୍ରକାର ଅସନ୍ତୁଳିତ ମିଶ୍ରଣ ହୋଇଥିବାରୁ ଏହାର ଅନେକ ପାର୍ଶ୍ୱପ୍ରତିକ୍ରିୟା ମଧ୍ୟ ରହିଛି । କେବଳ ଯକୃତ ଜଣ୍ଡିସ ନୁହେଁ ଏହା ଉଚ୍ଚରକ୍ତ ଚାପ ଠାରୁ ଅସ୍ୱାଭାବିକ ହୃଦ୍‌ସ୍ପନ୍ଦନ, ପତଳା ଝାଡ଼ା, ନିର୍ଜଳୀୟତା, ନର୍ଭସ୍‌ନେସ, ଆଙ୍ଗଜାଇଟି ପରି ବିଭିନ୍ନ ପାର୍ଶ୍ୱପ୍ରତିକ୍ରିୟାଜନିତ ରୋଗ ସୃଷ୍ଟିର ବଡ଼ କାରକ ହୋଇଥାଏ ।

ଶରୀର ରହିଲେ ସୁସ୍ଥତା ପାଇଁ ପ୍ରାକୃତିକ ବ୍ୟବସ୍ଥାକୁ ଗ୍ରହଣ କରନ୍ତୁ । ପ୍ରକୃତି ପ୍ରଦତ୍ତ ଖାଦ୍ୟସାର, ପନିପରିବା ଓ ଫଳ ଆମ୍ଭମାନଙ୍କ ପାଇଁ ଯଥେଷ୍ଟ । ପ୍ରତିଦିନ ସୁଷମ ଖାଦ୍ୟକୁ ଗୁରୁତ୍ୱ ଦେବା ସହ ନିୟମିତ ଶାରୀରିକ ବ୍ୟାୟାମ ଅଭ୍ୟାସ ରଖନ୍ତୁ । ଯୋଗ ପ୍ରାଣାୟମ ଖୁବ୍ ଭଲ । ଯଥାସମ୍ଭବ ଆମିଷ ଖାଦ୍ୟ ଠାରୁ ଦୂରେଇ ରହିବା ସହ ବଜାରର ଫାଷ୍ଟଫୁଡ୍ ଖାଦ୍ୟ ଓ ଫ୍ରିଜ୍‌ରେ ରହିଥିବା ଥଣ୍ଡା ଖାଦ୍ୟ ଠାରୁ ମଧ୍ୟ ଦୂରେଇବା ଉତ୍ତମ ଅଭ୍ୟାସ । ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ ଏବଂ ଆପଣଙ୍କ ଖାଦ୍ୟ ତାଲିକାରେ ଋତୁକାଳୀନ ପନିପରିବା ଓ ଫଳକୁ ଗୁରୁତ୍ୱ ଦିଅନ୍ତୁ ।

ଆପଣଙ୍କ ଦିନ ତମାମର କାର୍ଯ୍ୟ ନିର୍ଘଣ୍ଟ ଦେଖି ବିଶ୍ରାମ ଓ ଖାଦ୍ୟର ଏକ ସାରଣୀ ତିଆରି କରନ୍ତୁ । କୌଣସି ପରିସ୍ଥିତିରେ ମନଇଚ୍ଛା ବଜାରର ପୋଷକ ଖାଦ୍ୟ ବା ଡବା ଖାଦ୍ୟ ସବୁ ଖାଇ ଆପଣଙ୍କ ଶରୀର ଯେ ସୁସ୍ଥ ସବଳ ରହିବ ସେପରି ଅର୍ଥ ନାହିଁ । ନିଜକୁ ପ୍ରଫୁଲ୍ଲିତ ରଖନ୍ତୁ, ଆନନ୍ଦମୟ ପରିବେଶ ଭିତରେ ଜୀବନ ବିତାନ୍ତୁ, ନିଜ ଇଷ୍ଟଙ୍କ ଉପରେ ସମ୍ପୂର୍ଣ୍ଣ ସମର୍ପଣ ରଖି ଜୀବନ ଅତିବାହିତ କରିବାର କଳା ଶିଖନ୍ତୁ । ଶରୀର ଥିଲେ ଅସୁସ୍ଥତା ତ ରହିବ କିନ୍ତୁ ଆପଣଙ୍କ ଇଚ୍ଛା ମୁତାବକ ନିର୍ଦ୍ଦିଷ୍ଟ ସମୟ ବା ଦିନ ଭିତରେ କୌଣସି ବାହାର ଖାଦ୍ୟ ଖାଇ ଯେ ଆପଣ ଶାରୀରିକ ସୁସ୍ଥତା ଦୀର୍ଘସ୍ଥାୟୀ ଭାବେ ପାଇପାରିବେ ଏ ବିଶ୍ୱାସ ରଖନ୍ତୁ ନାହିଁ । ଆପଣଙ୍କ ଖାଦ୍ୟ, ଆପଣଙ୍କ ବିଶ୍ୱାସ ହିଁ ଆନନ୍ଦମୟ ଜୀବନ ପାଇଁ ବଡ଼ ଉପଲବ୍ଧି ଏହି ବିଶ୍ୱାସ ଓ ଭରସା ରଖନ୍ତୁ ।

**ସହ-ପ୍ରତିରକ୍ଷିକ, ପ୍ରଫେସର,**
**ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋ-୯୪୩୭୦୫୧୯୫୭**

## ସମ୍ବନ୍ଧ

ଜୀବନର ଆଧାର ହେଉଛି ସମ୍ବନ୍ଧ । ଏହା କେବଳ ମନୁଷ୍ୟ ମଧ୍ୟରେ ସଂଯୋଗ ନୁହେଁ ବରଂ ବସ୍ତୁ ବିଚାର, ଧାରଣା ଏବଂ ପ୍ରକୃତି ସହିତ ଯୋଗାଯୋଗ ମଧ୍ୟ । ସମ୍ବନ୍ଧ କେବଳ ଏକ ସାମାଜିକ ଆବଶ୍ୟକତା ନୁହେଁ, ବରଂ ଆତ୍ମ ପରିଚୟ ଓ ଅସ୍ତିତ୍ୱର ପ୍ରତିବିମ୍ବ । ସମ୍ବନ୍ଧ ହେଉଛି ସେହି ଦର୍ପଣ, ଯେଉଁଥିରେ ଆମେ ନିଜକୁ ଦେଖିପାରିବା ପରଖିପାରିବା । ଏହା ଆମକୁ ଆମର ଉତ୍ତମତା, ତ୍ରୁଟି, ଇଚ୍ଛା ଏବଂ ସଂକୀର୍ଣ୍ଣ ମାନସିକତାର ଏକ ସ୍ପଷ୍ଟ ଚିତ୍ର ଦେଖାଇ ଦେଇଥାଏ । ପରନ୍ତୁ ସମସ୍ୟା ହେଉଛି ଆମେ ଏହି ଦର୍ପଣରେ ଦେଖିବାକୁ ଚାହୁଁଛୁ ଯେ ଏହା ଆମର ପ୍ରତୀକ୍ଷାର ଅନୁକୂଳ କି ପ୍ରତିକୂଳ । ପରିଣାମ ସ୍ୱରୂପ ଆମେ ଯାହା ଅଛୁ, ତାହା ଦେଖିବା ପରିବର୍ତ୍ତେ ଆମେ 'କଣ ହେବା ଉଚିତ' ତାହାକୁ ପ୍ରାଥମିକତା ଦେବା ଦରକାର । ଏହା ଏକ ଦ୍ୱନ୍ଦ ଓ ଅସନ୍ତୋଷର ଜଡ । ଆମେ ସମ୍ବନ୍ଧର ଉପଯୋଗ ଏକ ସାଧନ ରୂପରେ ବ୍ୟବହାର କରିଥାଉ । ନିଜର ଇଚ୍ଛାକୁ ପୂରଣ କରିବା, ନିଜର ସଫଳତା ବୃଦ୍ଧି କରିବା ଏବଂ ନିଜର ଉଦ୍ଦେଶ୍ୟକୁ ପ୍ରାପ୍ତ କରିବା ମୂଳ ଲକ୍ଷ୍ୟ ଥାଏ । ଯେତେବେଳେ ଏହି ସାଧନ ଆମକୁ ସନ୍ତୋଷ ଦେବା ବନ୍ଦ କରିଦେବ, ସେତେବେଳେ ଆମେ ସେଥିରୁ ନିଜକୁ ଦୂରେଇ ଦେଇଥାଉ । ବାସ୍ତବରେ ସମ୍ବନ୍ଧର ବାସ୍ତବିକତା ଏହା ଠାରୁ ବହୁତ ଉର୍ଦ୍ଧ୍ୱରେ ।

ଏହା କେବଳ ତୃଷ୍ଟିର ମାଧ୍ୟମ ନୁହେଁ, ବରଂ ଆତ୍ମପରିଚୟ ଓ ବିକାଶର ଏକ ମାଧ୍ୟମ । ଯଦି ଆମେ ସମ୍ବନ୍ଧକୁ ଗଭୀର ଭାବରେ ଅନୁଶୀଳନ କରିବା, ତେବେ ଏହା ସ୍ପଷ୍ଟ ହେବ ଯେ ଏହା ଆମର ସୀମା, ଦୁର୍ବଳତା ଓ ସମ୍ଭାବନାକୁ ଜାଣିବାର ଏକ ଅବସର ପ୍ରଦାନ କରୁଅଛି । ଆମର ସମ୍ବନ୍ଧ ଅନେକ ସମୟରେ ସ୍ୱାର୍ଥପରତା ହେଉଥିବା ହେତୁ ଏହା ଭିନ୍ନ ପ୍ରକ୍ରିୟାରେ ପରିଣତ ହୋଇଥାଏ । ଯେତେ ପର୍ଯ୍ୟନ୍ତ ଅନ୍ୟ ବ୍ୟକ୍ତି ଜଣେ ଆମ ପାଇଁ ଉପଯୋଗୀ, ଆମେ ସେତେ ପର୍ଯ୍ୟନ୍ତ ତା' ସହିତ ଯୋଡ଼ି ହୋଇ ରହିଥାଉ । ପରନ୍ତୁ ଯେତେବେଳେ ଆମର ସେ ସମ୍ପର୍କରେ ବାଧା ଉପୁଜେ, ଆମେ ସଙ୍ଗେ ସଙ୍ଗେ ସେ ସମ୍ପର୍କକୁ ଭାଙ୍ଗିବାକୁ ବିଳମ୍ବ କରୁନାହୁଁ । ଏହି ପ୍ରକୃତି ବ୍ୟକ୍ତିଠାରୁ ଆରମ୍ଭ କରି ସାମାଜିକ ପର୍ଯ୍ୟନ୍ତ... ତଥା ବିଶ୍ୱସ୍ତରୀୟ ପର୍ଯ୍ୟନ୍ତ ଏହାର ବିଚ୍ଛିନ୍ନତା ଧାରା ଦେଖିବାକୁ ମିଳିଥାଏ । ସମ୍ବନ୍ଧ କେବଳ ଏକ ବାହ୍ୟ ସଂଯୋଗ ନୁହେଁ, ବରଂ ଆତ୍ମାର ଏକ ଯାତ୍ରା । ଏହା ଆମ ଭିତରେ ଲୁଚି ରହିଥିବା ସତ୍ୟକୁ ଉନ୍ମୋଚନ କରିବାରେ ସାହାଯ୍ୟ କରିଥାଏ । ଯେତେବେଳେ ଆମେ ଏହାର ଗଭୀରତା ବୁଝିପାରିବା ସେତେବେଳେ ଆମ ଭିତରେ ଥିବା ସଂକୀର୍ଣ୍ଣ ମାନସିକତାକୁ ଦୂରେଇ.... ସୀମାତୀତରୁ ନିଜକୁ ମୁକ୍ତ କରିପାରିବା ।

**ଲଳିତ ମୋହନ ମିଶ୍ର, ନୟାଗଡ଼,**
**ମୋ-୯୪୩୭୯୮୫୮୬୬**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଗୁଆ...

ଗର୍ଭବତୀ ମହିଳାମାନେ ମଧ୍ୟ ହସ୍ପିଟାଲ ଆସୁଛନ୍ତି ଓ ତାଙ୍କ ସ୍ୱାମୀ ଆଗୁଆ ପ୍ରସବ ଲାଗି ସ୍ୱାକ୍ଷର ଦେଉଛନ୍ତି । ଯଦି ଫେବୃଆରୀ ୨୧ ପରେ ଜନ୍ମଗ୍ରହଣ କରନ୍ତି, ସେମାନଙ୍କୁ ଆଉ ଆମେରିକୀୟ ନାଗରିକତ୍ୱ ମିଳିବ ନାହିଁ । ଟେକ୍ସାସ୍‌ର ଜଣେ ସ୍ତ୍ରୀରୋଗ ବିଶେଷଜ୍ଞ ଡ. ଏସ୍‌ଜି ମୁଜାଲା କହିଛନ୍ତି ଯେ ସମୟ ପୂର୍ବରୁ ପ୍ରସବ କରିବା ସମ୍ଭବ । ମାତ୍ର ଏହା ବିପଜ୍ଜନକ ଅଟେ । ଉଭୟ ଶିଶୁ ଓ ମାତାଙ୍କ ପାଇଁ ବିପଦ ରହିଛି । ପିଲାମାନଙ୍କର ଫୁସ୍‌ଫୁସ୍‌ରେ ସମସ୍ୟା ହୋଇପାରେ । ଜନ୍ମରେ ଓଜନରେ କମ ରହିବା ସହ ସ୍ନାୟୁଗତ ସମସ୍ୟା ମଧ୍ୟ ହେବାର ସମ୍ଭାବନା ଅଧିକ । ଗତ ୨ଦୁଇଦିନରେ ସେ ୧୫ରୁ ୨୦ ଦମ୍ପତିଙ୍କ ସହ କଥା ହୋଇଛନ୍ତି । ଡାକ୍ତରମାନେ ନିରାପଦ ନୁହେଁ ବୋଲି କହିବା ସତ୍ତ୍ୱେ ବି ଦମ୍ପତିମାନେ ବୁଝୁନାହାନ୍ତି । ଆମେରିକାରେ ରହିବାର ସ୍ୱପ୍ନ ସେମାନଙ୍କୁ ବେସ୍ ଘାରିଛି । ଏକ ଦମ୍ପତି କହିଛନ୍ତି ଯେ ଗ୍ରୀନ୍ କାର୍ଡ଼ ଧରି ୬ ବର୍ଷ ଅପେକ୍ଷା କରିଛୁ । ଜନ୍ମ ପରିବାର ନାଗରିକତା ଆମ ପରିବାର ଲାଗି ସ୍ଥିରତା ନିଶ୍ଚିତ କରିବାର ଏକମାତ୍ର ଉପାୟ ଥିଲା । ହଠାତ ପରିବର୍ତ୍ତନ ଆମକୁ ଅସୁରକ୍ଷିତ କରିଛି । ଅନ୍ୟ ଜଣେ ବ୍ୟକ୍ତି କହିଛନ୍ତି ଯେ ତାଙ୍କ ପତ୍ନୀ ଯଦି ଫେବୃଆରୀ ୨୦ ପରେ ଜନ୍ମ ଦିଅନ୍ତି, ତାହାରେ ଦେଶରେ ବାସ କରିବା ଏବଂ କାମ କରିବା ତାଙ୍କ ଯୋଜନା ବାଧାପ୍ରାପ୍ତ ହେବ । ଆମେରିକା ଆସିବା ପାଇଁ ଅନେକ ବଳିଦାନ ଦେଇଛୁ । ବର୍ତ୍ତମାନ ଅନୁଭବ ହେଉଛି ଆମ ଦ୍ୱାର ବନ୍ଦ ହେବାକୁ ବସିଛି । କେବଳ ଜନ୍ମ ଅଧିକାର ନାଗରିକତ୍ୱ ନୁହେଁ, ଆମେରିକାରେ ଥିବା ବେଆଇନ ପ୍ରବାସୀ ଭାରତୀୟଙ୍କ ବିରୋଧରେ ଟ୍ରମ୍ପ କଡ଼ା କାର୍ଯ୍ୟାନୁଷ୍ଠାନ କରିଛନ୍ତି । ବେଆଇନ ପ୍ରବେଶକୁ ଏକ ଜାତୀୟ ଜରୁରୀକାଳୀନ ପରିସ୍ଥିତି ବୋଲି ସେ କହିଛନ୍ତି । ଯେଉଁମାନେ ବେଆଇନ ବସବାସ କରୁଛନ୍ତି, ସେମାନଙ୍କୁ ବହିଷ୍କାର କରାଯିବ ବୋଲି ଟ୍ରମ୍ପ କହିଛନ୍ତି ।

### ଅଜଣା...

ଥିବା ବାଦଲ ଗ୍ରାମର ୨୦୦ ଲୋକଙ୍କର ନିୟମିତ ତଦାରଖ ଚାଲିଛି । ଏହି ଗାଁଗୁଡ଼ିକୁ ଆବଦ୍ଧ କରାଯାଇଛି । ସିସିଟିଭି କ୍ୟାମେରାରେ ଯାଞ୍ଚ ଚାଲିଛି । ଜାମ୍ମୁ-କାଶ୍ମୀର ପ୍ରଶାସନ ଏନେଇ ପଦକ୍ଷେପ ନେଉଛନ୍ତି । ମାତ୍ର କିଛି ଫଳପ୍ରଦ ହେଉନାହିଁ । ୧୭ ଜଣଙ୍କର ମୃତ୍ୟୁ ହୋଇଥିଲାବେଳେ ୪ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ଡିସେମ୍ବରରୁ ବାଦଲ ଗ୍ରାମର ୧୭ ଲୋକ ଯିଏ କି ତିନି ପରିବାରର ମୃତ୍ୟୁବରଣ କରିଛନ୍ତି । ଅଧିକାରୀମାନେ ବାଓଲି ଜଳଭଣ୍ଡାରର ଦୁଷିତ ଜଳକୁ ଏହି ଘଟଣା ସହ ଯୋଡୁଛନ୍ତି । ମୃତକଙ୍କ ଭିତରେ ୩ ନାବାଳିକା ଅଛନ୍ତି । କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି ଯେ ସିଏସ୍‌ଆଇଆର ଟକ୍ସିକୋଲୋଜି ଲାବୋରାଟୋରୀରେ ହୋଇଥିବା ପରୀକ୍ଷାରୁ ଜଣାପଡ଼ିଛି ମୃତକଙ୍କ ଦେହରେ ଟକ୍ସିନ ରହିଛି । ତେବେ ଏହା କେଉଁଠୁ ଆସିଲା, ଏବେବି ରହସ୍ୟାବୃତ୍ତ ହୋଇ ରହିଛି । ଅଧିକାରୀମାନେ ୨୦୦ ଲୋକଙ୍କୁ ସ୍ଥାନାନ୍ତର କରିଛନ୍ତି, ଯେଉଁମାନେ କି ଏହି ୩ ପରିବାର ସହ ସମ୍ପର୍କରେ ଥିଲେ । ୨୪ ଘଣ୍ଟା ଧରି ଏମାନଙ୍କ ତଦାରଖ କରାଯାଉଛି । ଡାକ୍ତର ଓ ମେଡିକାଲ କର୍ମଚାରୀ ମୁତୟନ ଅଛନ୍ତି । ପୋଲିସ ମଧ୍ୟ ସମ୍ପୃକ୍ତ ନର୍ସିଂ କଲେଜରେ ମୁତୟନ ଅଛନ୍ତି । ଏହି ଗ୍ରାମରେ ୧୮୦୦ ଲୋକ ବସବାସ କରୁଛନ୍ତି । ପ୍ରାୟ ଅର୍ଦ୍ଧାଧିକ ଲୋକ ଏବେ କଣ୍ଟିନେଟ ଜୋନ୍‌କୁ ଆସିଛନ୍ତି । ସେମାନଙ୍କୁ ଘରେ ରହିବା ପାଇଁ କୁହାଯାଇଛି । ଦୈନିକ ବ୍ୟବହାର ପାଇଁ ସେମାନଙ୍କୁ ଫୁଟା ପାଣି ଦିଆଯାଉଛି । ସିସିଟିଭି କ୍ୟାମେରା ମଧ୍ୟ ଲଗାଯାଇ ଯାଞ୍ଚ କରାଯାଉଛି । ଅନେକ ସରକାରୀ ସଂସ୍ଥା ଏହି ମୃତ୍ୟୁର କାରଣ ଖୋଜୁଛନ୍ତି । ଜାମ୍ମୁ-କାଶ୍ମୀର ପୋଲିସ ମଧ୍ୟ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରି ଏହାର ଅନୁଧାନ କରୁଛନ୍ତି । ୨୦୦ରୁ ଅଧିକ ଖାଦ୍ୟ ଓ ପାଣି ନମୁନା ସଂଗ୍ରହ କରାଯାଇ ଦେଶର ଭିନ୍ନଭିନ୍ନ ପରୀକ୍ଷାଗାରକୁ ପଠାଯାଇଛି ।

### ସରକାର...

ଝିଅ ଦୀପାଳି ଦାବି କରିବା ପରେ ଏହାକୁ ନେଇ ରାଜନୈତିକ ବୟାନବାଜି ଜାରି ରହିଛି । ଏ ଘଟଣା ନବୀନ ସରକାରଙ୍କ ସମୟରେ ଘଟିବା ସହ ସେତେବେଳେ ତଦନ୍ତ ନେଇ ମୁହଁ ଖୋଲିନଥିବା ଦୀପାଳି ଏବେ ସିବିଆଇ ତଦନ୍ତ ଦାବି କରିଛନ୍ତି । କିନ୍ତୁ ସରକାରଙ୍କୁ ଏନେଇ ଲିଖିତ ଅନୁରୋଧ କରିନାହାନ୍ତି । ଏହାକୁ ନେଇ ମୁହଁ ଖୋଲିଛନ୍ତି ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ । ସେ କହିଛନ୍ତି, ଏହି ମାମଲାରେ ତଦନ୍ତ ପ୍ରକ୍ରିୟା କଣ ହେବ, ସେନେଇ ସରକାର ଆଗକୁ ନିଷ୍ପତ୍ତି ନେବେ ।

### ପତ୍ନୀଙ୍କୁ...



ପରିବାରବର୍ଗ ପକ୍ଷରୁ ନିଖୋଜ ନେଇ ଅଭିଯୋଗ କରାଯାଇଥିଲା । ସେମାନଙ୍କ ସହ ଗୁରୁମୂର୍ତ୍ତି ମଧ୍ୟ ଆସିଥିଲେ । ହେଲେ ତାଙ୍କର ସନ୍ଦେହଜନକ ବୟାନକୁ ନେଇ ପୋଲିସର ସନ୍ଦେହ ଘନୀଭୂତ ହୋଇଥିଲା । ଗୁରୁମୂର୍ତ୍ତି ସ୍ୱୀକାର କରିଛି ଯେ ସେ ତା'ର ପତ୍ନୀର ଶରୀରକୁ ସେ ବାଥ୍‌ରୁମ୍‌ରେ ଖଣ୍ଡଖଣ୍ଡ କରି କାଟିଥିଲା । ପରେ ଏହାକୁ କୁକୁରରେ ସିଝାଇଥିଲା । ପରେ ହାଡ଼କୁ ଅଲଗା କରିଥିଲା । ପ୍ରାୟ ତିନିଦିନ ଧରି ସେ ଏଭଳି କାର୍ଯ୍ୟ କରିଥିଲା । ପରେ ଏହାକୁ ନେଇ ଅନ୍ୟ ସ୍ଥାନରେ ପକାଉଥିଲା । ସମ୍ପୃକ୍ତ ବ୍ୟକ୍ତିଙ୍କର ଗୋଟିଏ ପୁଅ ଓ ଝିଅ ଅଛନ୍ତି । ତେବେ କାହିଁକି ଏଭଳି ଘଟଣା ସେ ଘଟାଇଲା, ସେନେଇ କୌଣସି ସ୍ପଷ୍ଟ ଚିତ୍ର ଆସିନାହିଁ ।

## ଜାତୀୟ ଶିକ୍ଷାନୀତି ୨୦୨୦ : ବିଭିନ୍ନ ଦିଗକୁ ନେଇ ବିସ୍ତୃତ ମାନସ ମନ୍ଥନ



ଭୁବନେଶ୍ୱର, ୨୩।୧ (ସବ୍ୟୁ) : ଜାତୀୟ ଶିକ୍ଷା ନୀତି ୨୦୨୦ର କାର୍ଯ୍ୟକାରିତା ନେଇ ଚାଲିଥିବା ତିନି ଦିନିଆ କର୍ମଶାଳାରେ ତୃତୀୟ ତଥା ଅନ୍ତିମ ଦିନରେ ବିଭିନ୍ନ ବିଷୟବସ୍ତୁ ନେଇ ଆଲୋଚନା କରାଯାଇଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଜାତୀୟ ଶିକ୍ଷା ନୀତିର ବିଭିନ୍ନ ଦିଗକୁ ନେଇ ୧୦ଟି ଗ୍ରୁପ୍ ବିସ୍ତୃତ ଆଲୋଚନା କରିଛନ୍ତି ।

ପ୍ରାରମ୍ଭିକ ପର୍ଯ୍ୟାୟ, ମଧ୍ୟ ଏବଂ ମାଧ୍ୟମିକ ପର୍ଯ୍ୟାୟ, ମାଧ୍ୟମିକ ପର୍ଯ୍ୟାୟ-୨, ମୂଲ୍ୟାଙ୍କନ ଏବଂ ପରୀକ୍ଷା ସଂସ୍କାର, ଶିକ୍ଷକ ଶିକ୍ଷା ଏବଂ ଶିକ୍ଷକ ବିକାଶ, ଦକ୍ଷତା ବିକାଶ, ପ୍ରଯୁକ୍ତିବିଦ୍ୟା ଏବଂ ଡିଜିଟାଲ୍ ଶିକ୍ଷା, ବିଦ୍ୟାଳୟ ପରିଚାଳନା ଏବଂ ଐତିହ୍ୟ, ରାଜ୍ୟ ପାଠ୍ୟକ୍ରମ ରୂପରେଖର ବିକାଶ ଏବଂ ଡ୍ରପ୍ ଆଉଟ୍ ହାର କମ୍ କରିବା ନେଇ ଆଲୋଚନା କରାଯାଇଛି । ରାଜ୍ୟରେ ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ କରିବା ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିବା କରିବା ନେଇ ଦଳଗତ ଉପସ୍ଥାପନାରୁ ତୃତୀୟ ଦିନର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଅନ୍ତିମ ଦିନର ସମସ୍ତ ଦଶଟି ଦଳ ନିଜ ନିଜ ପ୍ରେଜେନଟେସନ୍ ମାଧ୍ୟମରେ ବିଭିନ୍ନ ପ୍ରକାର ପରାମର୍ଶ ଦେଇଥିଲେ ।

୨୦୨୫ ଶିକ୍ଷା ବର୍ଷରେ ଶିଶୁ ବାଟିକାକୁ ପରିଚାଳନା କରିବା, ପାଠ୍ୟପୁସ୍ତକର ବିକାଶ, ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ନେଇ ଆଲୋଚନା କରାଯିବା ସହ ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ବିସ୍ତାର କରିବା, ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଏବଂ ଇଣ୍ଟରନେଟ୍ ସଂଯୋଗୀକରଣ ସମ୍ପର୍କରେ ପ୍ରେଜେନଟେସନ୍ ମାଧ୍ୟମରେ ଆଲୋଚନା କରାଯାଇଛି । ଓଡ଼ିଶାର ସାଂସ୍କୃତିକ ଏବଂ ଭାଷାଗତ ବିବିଧତାକୁ ଦୃଷ୍ଟିରେ ରଖି ସମସ୍ତ ପର୍ଯ୍ୟାୟ ପାଇଁ ଏକକ ରାଜ୍ୟ ପାଠ୍ୟକ୍ରମ ରୂପରେଖ ବିକାଶ କରିବା ନେଇ ସମସ୍ତେ ମତାମତ ରଖିଥିଲେ । ଜାତୀୟ ଶିକ୍ଷା ନୀତି ୨୦୨୦ ଉପରେ ପ୍ରଶାସନିକ ଅଧିକାରୀମାନଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମ, ନୂତନ ଶିକ୍ଷଣ ପ୍ରଣାଳୀ ବିଷୟରେ ଶିକ୍ଷକମାନଙ୍କୁ ସଚେତନ କରିବା ନେଇ ଗ୍ରୁପ୍ ଗୁଡିକ ନିଜ ନିଜ ମତ ପ୍ରକାଶ କରିଛନ୍ତି ।

## ୨୫ରେ ମାଗଣା ସ୍ୱାସ୍ଥ୍ୟ ଶିବିର

କାକଟପୁର (ସବ୍ୟୁ): କାକଟପୁର ଅଂଚଳରେ ପ୍ରଥମ ଥର ପାଇଁ ଖୋଲିଲା ସ୍ୱାସ୍ଥ୍ୟ ଶିବିର। ଆସନ୍ତା ୨୫ ତାରିଖ ଶନିବାର ଦିନ ତହସିଲ ଛକ ନିକଟରେ ଥିବା ବିଶ୍ୱ ହିନ୍ଦୁ ପରିଷଦ ଭବନ ପରିସରରେ ହେଉଛି ସମ୍ପୂର୍ଣ ମାଗଣା। କାକଟପୁର, ଅସ୍ତରଙ୍ଗ ବ୍ଲକ ର ବୃଦ୍ଧ, ବୃଦ୍ଧା, ଅସହାୟ, ଗରିବ ନିରାଶୟା ମାନେ ଯୋଗଦେଇ ବିଭିନ୍ନ ରୋଗର ମାଗଣା ଚିକତ୍ସା କରାଇ ମାଗଣା ଔଷଧ ନେବାପାଇଁ ଟ୍ରଷ୍ଟ ପ୍ରତିଷ୍ଠାତା ତଥା ସମାଜସେବୀ ରଂଜିତ ସ୍ୱାଇଁ ଜଣାଇଛନ୍ତି ।

**ଦ.ପୂ. ରେଳପଥ-ଟେଣ୍ଡର**

ଟେଣ୍ଡର ନୋଟିସ ନଂ. **ଡିଆରଏମଇଏନଜିଆରଏନସି-୦୭-୨୦୨୫** ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଞ୍ଜିନିୟର), ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି-୮୩୪୦୦୩ ନିମ୍ନୋକ୍ତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । **କ୍ର.ନଂ : (୧),ନୋଟିସ ନଂ. :** ଡିଆରଏମଇଏନଜିଆରଏନସି-୦୭-୨୦୨୫, **କାର୍ଯ୍ୟର ନାମ :** ଲୋହାରଦାଗ (ଏଲଏଡି) ଠାରେ ବାଲାଷ୍ଟ ଯୋଗାଣ ପାଇଁ ଦ.ପୂ. ରେଳପଥର ରାଞ୍ଚି ଡିଭିଜନ ସକାଶେ ରେଳବାଇ ୱାଗନ/ହୋପର ୫୫,୨୪୭ ସିୟୁଏମର ୫୦ ମିମି ସାଇଜ୍‌ର ମେସିନ ଭଙ୍ଗା ହାଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟ ଯୋଗାଣ ଓ ଲୋଡିଂ (ଲକ୍ଷ୍ୟସ୍ଥଳରେ ମାପଚୁପ କରାଯିବ), **ଟେଣ୍ଡର ମୂଲ୍ୟ :** ଟ.୮,୪୬,୭୧,୫୫୨.୨୦, ଇଏମଡି ମୂଲ୍ୟ : ଟ.୫,୭୩,୪୦୦.୦୦ । ଟେଣ୍ଡର ବନ୍ଦ ତାରିଖ ଓ ସମୟ : ୧୪.୦୨.୨୦୨୫ ଅପରାହ୍ନ ୧୫ ଘଟିକା । ଅନ୍‌ଲାଇନ ଟେଣ୍ଡରିଂ ପାଇଁ ୱେବସାଇଟ୍ **www.ireps.gov.in** କୁ ଟେଣ୍ଡରଦାତା ଦେଖିପାରିବେ । **(PR-1053)**

**AFFIDAVIT**

By virtue of an affidavit sworn before the Executive Magistrate Baripada, Dist-Mayurbhanj, I, Shantanu Singh, Aged (51), S/o- Late Sadhan Kumar Singh, Resident of Balarampur, Ward No. 3, Po/Ps- Bhanjpur, Dist- Mayurbhanj, Pin-757002, Declare that this affidavit no. 214, dated. 18.01.2025. I have changed my daughter's name from Sharon Joy Singh to Sharonjoy Singh. Henceforth, she shall be known as Sharonjoy Singh for all purposes.

**Sd/- Sharonjoy Singh**

**AFFIDAVIT**

By virtue of an affidavit sworn before the Executive Magistrate Baripada, Dist-Mayurbhanj, I, Sri Krishna Ram, Aged (54), S/o- Late Rajani Ram, Resident of Madhuban, Ward No.9, Po- Baripada Town, Dist-Mayurbhanj, Pin-757001, Declare that this affidavit no. 248, dated. 20.01.2025. I have changed my son name from Davyansh Ram to Divyansh Ram. Henceforth, he shall be known as Divyansh Ram for all purposes.

**Sd/- Divyansh Ram**

**ଭାରତୀୟ ବିମାନ ବନ୍ଦର ଅର୍ଥନୀତିକ ନିୟାମକ ପ୍ରାଧିକରଣ**
**(ଭାରତ ସରକାରଙ୍କ ଏକ ବୈଧାନିକ ସଂସ୍ଥା)**
ତୃତୀୟ ମହଲା, ଉଡ଼ାନ ଭବନ, ସଫଦରଜଙ୍ଗ, ଏୟାରପୋର୍ଟ, ନୂଆଦିଲ୍ଲୀ-୧୧୦୦୦୩,
ଫୋନ୍ ନଂ : ୨୪୬୯୫୦୪୪-୪୭, ଫ୍ୟାକ୍ସ : ୨୪୬୯୫୦୪୮, ୱେବସାଇଟ୍ : http://aera.gov.in

**ବିଜ୍ଞପ୍ତି**
**ତାଲିକାଭୁକ୍ତ ପାଇଁ ଆଡଭୋକେଟ୍/ଆଇନ ଫାର୍ମ**

ଭାରତୀୟ ବିମାନ ବନ୍ଦର ଅର୍ଥନୈତିକ ନିୟାମକ ପ୍ରାଧିକରଣ (ଏଇଆରଏ) ମାନ୍ୟବର ସୁପ୍ରିମକୋର୍ଟ, ହାଇକୋର୍ଟ, ଟ୍ରିବ୍ୟୁନାଲ ଓ ଭାରତର ଅନ୍ୟାନ୍ୟ ଆଇନ ଅଦାଲତଙ୍କ ନିକଟରେ ଏଇଆରଏ ପକ୍ଷରୁ ପକ୍ଷଭୁକ୍ତ କୋର୍ଟ ମାମଲାଗୁଡିକର ଫଇସଲା ପାଇଁ ଯୋଗ୍ୟ ଆଡଭୋକେଟ୍/ଆଇନ ଫାର୍ମ ଗୁଡିକ ଠାରୁ ଆବେଦନ ପତ୍ର ଆହ୍ୱାନ କରୁଛନ୍ତି ।

ଆଡଭୋକେଟ୍ / ଆଇନ ଫାର୍ମ ତାଲିକାଭୁକ୍ତ ହେବା ପାଇଁ ଯୋଗ୍ୟତା ମାନଦଣ୍ଡ, ଚୁକ୍ତି ଓ ସର୍ତ୍ତାବଳୀ ଏବଂ ଫି ଅନୁସୂଚୀ ର ସବିଶେଷ ବିବରଣୀ ଏଇଆରଏ ୱେବସାଇଟ୍ ଯଥା : **http://aera.gov.in** ରେ ଉପଲବ୍ଧ ଅଟେ । ଯଦି କିଛି ସଂଶୋଧନ କରିବାର ଥାଏ ତେବେ ତାହା କେବଳ ଏଇଆରଏ ୱେବସାଇଟ୍‌ରେ ପ୍ରକାଶ କରାଯିବ ।

ୱେବସାଇଟ୍ ଭାଇଡ୍ ଏଫ୍.ନଂ. ଏଇଆରଏ/ଲିଗାଲ/ତାଲିକାଭୁକ୍ତ ଆଡଭୋକେଟ/ଆଇନ ଫାର୍ମ ୨୦୨୦/୨୦୨୩/୨୪ ତାରିଖ ୦୮.୦୩.୨୦୨୪ରେ ଇସ୍ୟୁ ହୋଇଥିବା ନୋଟିସ୍ ପ୍ରତ୍ୟାହାର ହେବ ଏବଂ ତତ୍ ପରବର୍ତ୍ତୀ ତାଲିକାଭୁକ୍ତ ପ୍ରକ୍ରିୟା ପ୍ରଶାସନିକ କାରଣରୁ ରଦ୍ଦ ହେବ । ଏଣୁ ଆଡଭୋକେଟ/ଆଇନ ଫାର୍ମ ଯେଉଁମାନେ ଉପର ସୂଚିତ ନୋଟିସ୍ ତାରିଖ ୦୮.୦୩.୨୦୨୪ରେ ଆବେଦନ କରିଅଛନ୍ତି ସେମାନେ ମଧ୍ୟ ସାନି ଆବେଦନ କରିବାର ଆବଶ୍ୟକତା ରହିଛି ଏବଂ ସେମାନଙ୍କଠାରୁ ପ୍ରାପ୍ତ ଆବେଦନ ଏହି ନୋଟିସ୍ ବଳରେ ତାଲିକାଭୁକ୍ତ ହେବା ପାଇଁ ବିଚାର କରାଯିବ ନାହିଁ ।

ଯୋଗ୍ୟ ତଥା ଇଚ୍ଛୁକ ଆଡଭୋକେଟ/ଆଇନ ଫାର୍ମ ସେମାନଙ୍କର ଆବେଦନ ଫର୍ମ ଏଇଆରଏ ର ୱେବସାଇଟ୍‌ରେ ଦିଆଯାଇଥିବା ଲିଙ୍କ୍‌କୁ ଆଧାର କରି ନ୍ୟୁଜ୍ ଏବଂ ସେକ୍ସନର ଘୋଷଣାନାମାରେ ଦାଖଲ କରିପାରିବେ ।

ଏହି ପୋର୍ଟାଲ ଜରିଆରେ ଦାଖଲ ହୋଇଥିବା କେବଳ ଅନଲାଇନ ଆବେଦନ ଗ୍ରହଣ କରାଯିବ ଏବଂ ଅନ୍ୟ କୌଣସି ମୋଡ୍‌ରେ କିମ୍ବା ଚ୍ୟାନଲରେ ଦାଖଲ ହୋଇଥିବା ଆବେଦନ ବିଚାରକୁ ନିଆଯିବ ନାହିଁ ।

ଅନ୍‌ଲାଇନ ଆବେଦନ ଫର୍ମ ଦାଖଲର ଅନ୍ତିମ ତାରିଖ : ୧୧.୦୨.୨୦୨୫

ସ୍ୱା/-
cbc 03112/12/0014/2425 (ଡେପୁଟି ଚିଫ୍, ଏଇଆରଏ)

**ପୂର୍ବତଟ ରେଳପଥ**

**e-Tender Notice No.: SNTPBBS-022025-LTE, ତା.16.01.2025 ରିଖ**

**କାର୍ଯ୍ୟର ନାମ:** ପୂର୍ବତଟ ରେଳପଥର ରାଣୀତାଲ-ଦୁଆଡା ସେକ୍ସନ୍‌ରେ କବଚ ସ୍ଥାପନା ସହିତ ସଂପୃକ୍ତ ଟାୱାର ଗୁଡିକର ସର୍ଭେ, ଡିଜାଇନ, ସପ୍ଲାଇ, ଫାଉଣ୍ଡେସନ, ଫେବ୍ରିକେସନ, ଇରେକ୍ସନ, ଟେଷ୍ଟିଙ୍ଗ୍ ଏବଂ କମିସନିଙ୍ଗ୍ କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.71,86,20,000/-**

**EMD: ଟ.37,43,100/-, କାର୍ଯ୍ୟ ସମାପ୍ତିର ଅବଧି : 18 (ଅଠର) ମାସ**

**ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା. 18.03.2025 ରିଖ 1030 ଘଟିକାରେ**

ଏହି ଇ-ଟେଣ୍ଡରଗୁଡିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍: **www.ireps.gov.in.** ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର **୧୫** ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ୱେବ୍‌ସାଇଟ୍ : **www.ireps.gov.in**

ସହାୟକ ସିଗ୍ନାଲ ଏବଂ ଟେଲିକମ୍ୟୁନିକେସନ ଯନ୍ତ୍ରୀ(P-1), ଭୁବନେଶ୍ୱର
PR-128/CH/24-25

**OFFICE OF THE PRINCIPAL**
**CREW TRAINING INSTITUTE, CHANDBALI, DIST-BHADRAK**
**Pin-756133, Email:ctiportsiwt@rediffmail.com**

**ADVERTISEMENT FOR ADMISSION**

**JJ-46 :** The Principal. Crew Training Institute, Chandabali, Dist.:- Bhadrak, PIN-756133 invites Application in prescribed form for admission into **"Ten months Regular Course"** on Engine & Deck rating conducted by the Crew Training Institute commencing from Ist April,2025. The candidates seeking employment as Crews in Marine trades, on board Inland Vessels, Fishing Trawlers, Harbour Crafts etc., can apply for the training by Dt. **04.03.2025.**

The Training will be imparted on subject, like Seamanship, Boatbuilding, Boat Operations, Fishing Technology, Engine Theory, General Science, General English & Computer Proficiency. The Institute will award stipend to each candidate @ Rs.100/- (Rupees One hundred) only per month during the training periods. 23% seats are reserved for ST. candidates, 15% for S.C. candidates as per Government regulation. According to eligibility criteria the candidate must have passed H.S.C. Examination by Board of Secondary Education, Odisha, Cuttack or equivalent and their age should not be less than 17 years and more than 22 years as on Dt.01.04.2025.The Application form and Prospectus are obtainable from the office of Principal, Crew Training Institute, Chandbali, Bhadrak from Dt. **27.01.2025** to Dt. **21.02.2025** on payment Rs.50/- (Rupees Fifty) only in shape of Cash or Money Order in all working days during office hour. In case of supply of forms by Post, the candidate must send a self address envelope (Size 27X10 cm) affixing postage stamps of worth of Rs.41/-(Rupees forty one) only for speed post and Rs.5/- (Rupees five) for ordinary post. The duly filled applications must reach the **"Principal, Crew Training Institute, Chandabali, Dist- Bhadrak** on or before Dt.**04.03.2025.**

The selection of candidate shall be made on the basis of marks obtained in H.S.C. Examination of Board of Secondary Education, Odisha or equivalent. The selected candidates shall be intimated to take admission in due course of time.

**Sd/- Principal, Crew Training Institute,Chandbali.**
OIPR : 02007/11/0002/2425

**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, GANJAM, BERHAMPUR**
**Government of Odisha e-Procurement Notice**
**Bid Identification No. Online Tender/16/SERWD-II/2024-25**
O-1315
Phone-0680-2404096
E-Mail: eerwgmt@yahoo.co.in

**Memo No. 556/ RWD-HGB, Date: 20.01.25**

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs. 1.68 lakhs to Rs. 2.94 lakhs |
| 3 | Period of Completion | : | 1 (One) Months as per Annexure |
| 4. | Date & Time of availability of Bid documents in the Portal | : | 27.01.2025 at 10.00 AM to 31.01.2025 up to 4.00 P.M. |
| 5. | Last Date / Time for receipt of Bids in the Portal | : | 31.01.2025 up to 4.00 P.M. |
| 6. | Name and address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app

**Sd/- Superintending Engineer R.W. Division-II, Ganjam Berhampur**
OIPR : 25073/11/0015/2425

## ଅନଲାଇନ ଟିକେଟ ବୁକିଂ ବନ୍ଦ : ସରକାରୀ ବସ ଯାତ୍ରୀ ହନ୍ତସନ୍ତ

ଖଣ୍ଡପଡା,(ସବ୍ୟୁ): ଡିଜିଟାଲ ଯୁଗରେ ଅନଲାଇନରେ ଟିକେଟ ବୁକିଂ କରାଯାଇପାରୁନାହିଁ । ଫଳରେ ଦୂର ଜାଗାକୁ ସରକାରୀ ବସ ଯୋଗେ ଯାତାୟତ କରୁଥିବା ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଜଣାପଡିଛି । ଭୁବନେଶ୍ୱରରୁ ନୟାଗଡ ସହର ଦେଇ ସମ୍ବଲପୁର ଓ ବେଲପାହାଡକୁ ଯାତାୟତ କରୁଥିବା ରାଜ୍ୟ ସଡକ ପରିବହନ ନିଗମର ଯାତ୍ରୀବାହୀ ବସରେ ଖଣ୍ଡପଡା ଓ ଏହାର ଆଖପାଖ ଅଂଚଳର ଜନସାଧାରଣ ଏବେ କିଛିଦିନ ହେଲା ଯାତ୍ରା କରିବା ନିମନ୍ତେ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ଅନଲାଇନ ଟିକେଟ ବୁକିଂ ବନ୍ଦ ପରେ ନୟାଗଡସ୍ଥିତ ନୂତନ ବସଷ୍ଟାଣ୍ଡ ପରିସରରେ ଅପ ଲାଇନ ଟିକେଟ ସେବା ଉପଲବ୍ଧ ହେଉଛି । ଫଳରେ ଖଣ୍ଡପଡା ଅଂଚଳର ଜନସାଧାରଣ ଓ ଛାତ୍ର ଛାତ୍ରୀମାନେ ସମ୍ବଲପୁର, ବୁର୍ଲା ଯିବା ନିମନ୍ତେ ଅଯଥାରେ ସମୟ ନଷ୍ଟକରି ଖର୍ଚ୍ଚାନ୍ତ ହୋଇ ନୟାଗଡ ବସଷ୍ଟାଣ୍ଡକୁ ଯାଇ ଟିକେଟ ବୁକିଂ କରୁଥିବା ଜଣାପଡିଛି । ଏଭଳି ଅବ୍ୟବସ୍ଥା ସଂପର୍କରେ ରାଜ୍ୟ ସଡକ ପରିବହନ ନିଗମ କର୍ତ୍ତୃପକ୍ଷ ଅବଗତ ଥିଲେ ହେଁ ସମସ୍ୟାର ସମାଧାନ ଦିଗରେ ଧ୍ୟାନ ନଦେଇ ନୀରବଦ୍ରଷ୍ଟା ସାଜିଥିବା ଜଣାପଡିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲ୍ଲାପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କଣ୍ଟାପଡ଼ା ,(ସବ୍ୟୁ) : ଗୁରୁବାର କଣ୍ଟାପଡା ବ୍ଲକ ପ୍ରଶାସନ ତରଫରୁ ଅଡଶପୁର ସ୍ଥିତ ପ୍ରାଚୀ ଏକାଡେମୀ ପରିସରରେ ଭିମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମକୁ କଣ୍ଟାପଡା ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ ଉଦ୍ଘାଟନ କରିଥିଲେ। ଦିନ ପ୍ରାୟ ୪ଟା ପର୍ଯ୍ୟନ୍ତ ବହୁ ସଂଖ୍ୟାରେ ବିଭିନ୍ନ ପ୍ରକାର ଭିନ୍ନକ୍ଷମ ସେମାନଙ୍କ ନାମ ପଞ୍ଜିକରଣ କରିଥିଲେ। ଶିବିରରେ ମୋଟ ୮୩୨ ଜଣ ବ୍ୟକ୍ତି ନାମ ପଞ୍ଜିକରଣ କରିଥିବା ଜଣାପଡିଛି । ନାମ ପଞ୍ଜିକରଣ କରିଥିବା ବ୍ୟକ୍ତିମାନଙ୍କୁ ଡାକ୍ତର ରାଜିବ ଲୋଚନ ସାହୁ, ସତ୍ୟବ୍ରତ ଜେନା, କିଶୋର ଚନ୍ଦ୍ର ସାହୁ, ଦିଲ୍ଲୀପ କୁମାର ସାହୁ, ଅଭିଶେଖ ବେହେରା, ପଲ୍ଲବିନୀ ସାହୁ, ବିଜୟ କୁମାର ମହାନ୍ତି ପରୀକ୍ଷା କରି ଭିନ୍ନକ୍ଷମ ଚିହ୍ନଟ କରିଥିଲେ। କଣ୍ଟାପଡା ବିଡିଓ ସ୍ୱପ୍ନିତା ନାୟକ, କଟକ ସଦର ଉପଖଣ୍ଡ ଆରକ୍ଷୀ ଅଧିକାରୀ କିରଣ ହେମ୍ବ୍ରମ୍, ବ୍ଲକ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଧନଞ୍ଜୟ ସାମଲ, ଉପ ବିଭାଗ ଅଧିକାରୀ ନବଘନ ବାରୀକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାକୁ ତଦାରଖ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍ଘାଟନୀ ଉତ୍ସବରେ କଣ୍ଟାପଡା ସିଡିପିଓ ପ୍ରିୟ ଭାସିନୀ ମହାନ୍ତି ବ୍ଲକ ଭାରପ୍ରାପ୍ତ ଜିବିକା ମିଶନ ପ୍ରକଳ୍ପ ସଂଯୋଜକ ରୋଜାଲିନ ନାୟକ, ପଂଚାୟତ ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। କଣ୍ଟାପଡା ବ୍ଲକ ବରିଷ୍ଠ କିରାଣୀ ମଙ୍ଗଳଦୀପ ବୋଷ, ପିଇଓ ଭାରତ ଭୂଷଣ ମିଶ୍ର, ସିପି ସଂଗ୍ରାମ କଶେରୀ ଜେନା ଓ କନିଷ୍ଠ କିରାଣୀ ନିହାରକାନ୍ତି ବଳ ପ୍ରମୁଖ ବିଭିନ୍ନ ବିଭାଗରେ ଉପସ୍ଥିତ ରହି କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରାଚୀ ଏକାଡେମୀର ପ୍ରଧାନ ଶିକ୍ଷକଙ୍କ ସହ ବିଦ୍ୟାଳୟର ସମସ୍ତ କର୍ମଚାରୀ ଛାତ୍ରଛାତ୍ରୀ ଓ ବ୍ଲକର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଶେଷକରି ବିଏସ୍‌ଏସ୍‌ଓ ଦିଲ୍ଲୀପ କୁମାର ପ୍ରଧାନ ଓ ରୁପାଳୀ ଆଚାର୍ଯ୍ୟ କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୁମିକା ଗ୍ରହଣ କରିଥିବା ବେଳେ ଓଲଟପୁର ଥାନା ତରଫରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରାଯାଇଥିଲା ।

## ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ଖଣ୍ଡପଡା,(ସବ୍ୟୁ) : ଖଣ୍ଡପଡା ବ୍ଲକ୍ ଅଧିନ ଖଳିସାହି ସ୍ଥିତ ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ କ୍ରୀଡ଼ାଙ୍ଗନରେ ଆୟୋଜିତ ବିଭିନ୍ନ ଖେଳକୁଦ ପ୍ରତିଯୋଗୀତାରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ଶିକ୍ଷକ ସମିର କୁମାର ଖୁଂଟିଆ, ବିଜୟ କୁମାର ମହାପାତ୍ର, ବିରେନ୍ ବେହେରା, ମଳୟ କହଁର, ବାବୁଲି ଦଳେଇ, ସଂତୋଷ କୁମାର ବେହେରା, ଧନେଶ୍ୱର ବେହେରା ଓ ବିଶ୍ୱନାଥ ମୁଦୁଲି ପ୍ରମୁଖଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ ଖେଳକୁଦ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ସାତଗାଁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ହରିହର ଗୋଛି ଓ ମୁଖ୍ୟ ବକ୍ତାଭାବେ ଶିଂପ୍ରିୟା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଯୋଧ୍ୟାନାଥ ନାୟକ ଓ ସମ୍ମାନୀତ ଅତିଥି ରୁପେ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ମହାପାତ୍ର, ବନମାଳୀପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନକୁଳ ଖୁଂଟିଆ, ପ୍ରଧାନଶିକ୍ଷକ ଯୋଗିନାଥ ମହାରଣା ଓ ବୈକୁଣ୍ଠ ନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରଧାନଶିକ୍ଷକ ରଶ୍ମିରନ ସେଠୀ କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ। ଅତିଥିମାନେ କ୍ରୀଡ଼ା ଉତ୍ସବ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗୀତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ମାନପତ୍ର ସହ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ ।

**GOVERNMENT OF INDIA**
**MINISTRY OF DEFENCE**
**EX-SERVICEMEN CONTRIBUTORY HEALTH SCHEME**
**ECHS CELL, STATION HQ, SAMBALPUR**
PHONE: **0663-2412050**, E-Mail: **echs.sambalpur@gmail.com**

**EMPLOYMENT NOTICE**

1. ECHS invites applications to engage following Med, Para Medical & Non Medical Staff on contractual basis for **ECHS Polyclinic, Rourkela** for civilian 11 months only and for ESM 12 months renewable for additional period of one year OR till attaining the maximum age subject to performance of candidates / other conditions according to the criteria as mentioned against each:

| Appointment | Minimum Qualification | Number of Vacancies | Fixed remuneration |
|---|---|---|---|
| Officer-in-Charge | Graduate (Min 05 years work experience in Health Care Institute OR Managerial Positions) | 01 | ₹ 75,000/- |
| Medical Officer | MBBS & minimum 05 years experience after internship preferable addl. qualification in Medicine / Surgery | 02 | ₹ 75,000/- |
| Dental Officer | BDS & Minimum 05 years work experience | 01 | ₹ 75,000/- |
| Lab Assistant | DMLT / Class 1 Laboratory Tech Course (Armed Forces) and Min. 5 years work experience in Laboratory | 01 | ₹ 28,100/- |
| Laboratory Technician | B.Sc (Med Lab Tech) OR 10/12th with science from recognized board & diploma in Med Lab Tech from a recognized Institute & minimum 03 years work experience in Medical Lab. | 01 | ₹ 28,100/- |
| Pharmacist | B. Pharmacy from recognized institute OR 12th from recognized board & Approved diploma in Pharmacy recognized by the Pharmacy Council of India and registered as Pharmacist under the Pharmacy Act 1948 & Minimum 03 years work experience. | 01 | ₹ 28,100/- |
| Nursing Assistant | GNM Diploma / Class 1 Nursing Assistans Course (Armed Forces) & Min 05 years work experience | 01 | ₹ 28,100/- |
| Dental A/ T/ H | Diploma Holder in Dental Hygienist / Class-1 DH/DORA Course (Armed Forces) & min 05 years work experience in Dental Laboratory. | 01 | ₹ 28,100/- |
| DEO/Clk | Graduate / Class one clerical trade (Armed Forces) & Min 05 yrs work experience. | 01 | ₹ 22,500/- |
| Driver | Class 8 pass & Driving Licence / Class one MT Driver (Armed Forces) & Min 05 years work exp. | 01 | ₹ 19,700/- |
| Chowkidar | Class 8 / GD Trade (Armed Forces) | 01 | ₹ 16,800/- |
| Female Attendant | Literate & minimum 05 years experience in Civil / Army Health Institutions. | 01 | ₹ 16,800/- |
| Peon | Education - Class 8 GD trade (Armed Forces) & minimum 5 years work experience | 01 | ₹ 16,800/- |
| Safaiwala | Literate & minimum 05 years work experience. | 01 | ₹ 16,800/- |

@ Vacancies are subjected to change as per Central Org ECHS directions

2. **For terms and conditions :** Kindly see our website **www.echs.gov.in.** For additional details, please contact No. 0663-2412050 / Email : echs.sambalpur@gmail.com. Also approach concerned ECHS Polyclinic for details. Preference will be given to Ex-Servicemen.
3. **Last date of receipt of applications :** Applications as per requisite format along with self attested photocopies of testimonials in support of educational qualifications and work experiences, PAN Card, Aadhar Card, [Discharge book & PPO (in case of ESM)] will be submitted to ECHS Cell, Station Headquarters, VSS Stadium, Motijharan Road, Sambalpur, Pin-768001 by 24 Feb 2025 in quadruplicate. Applications received after 24 Feb 2025 will not be accepted. Email copies are not acceptable.
4. **Interview date, time and venue :** The date, time and venue of interview shall be intimated, post shortlisting of eligible candidates over phone. Candidates must bring all the original certificates / mark sheets / work experience and Discharge Book, PPO, Service Records and 02 x PP Size colour photographs at the time of interview. No TA / DA is admissible. Only candidates meeting the qualitative requirements may apply.

Note: **Applications without requisite documents is liable to be rejected. Merely sending of applications would not automatically result in its acceptance.**

**Administrative Commandant, Station HQ Sambalpur**

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ବିଜେପି କାର୍ଯ୍ୟାଳୟରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

# ସ୍ୱାଧୀନତା ସଂଗ୍ରାମର ଆଲୋକବର୍ତ୍ତିତା ଥିଲେ ସୁରେନ୍ଦ୍ର ସାଏ ଓ ସୁଭାଷ ବୋଷ: ମନମୋହନ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ଦୁଇ ମହାମନିଷୀ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଜନ୍ମଜୟନ୍ତୀ। ଏହି ଦୁଇ ମହାପୁରଷ ଦେଶମାତୃକାର ସେବାପାଇଁ ଯେଉଁ ବୀରତ୍ୱ ଓ ବଳିଦାନର ପରାକାଷ୍ଠା ଦେଖାଇଥିଲେ ତାହାକୁ ମନେରଖିବା ପାଇଁ ଆମେ ସେମାନଙ୍କ ଜୟନ୍ତୀ ପାଳନ କରୁଛୁ। ସ୍ୱାଧୀନତା ସଂଗ୍ରାମର ଆଲୋକବର୍ତିତା ଥିଲେ ବୀର ସୁରେନ୍ଦ୍ର ସାଏ ଏବଂ ନେତାଜୀ ସୁବାଷ ବୋଷ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ପ୍ରାୟ ୨୦୦ ବର୍ଷ ପୂର୍ବେ ବ୍ରିଟିଶ ସାମ୍ରାଜ୍ୟକୁ ପ୍ରତିହିତ କରିବା ପାଇଁ ଅଦ୍ଭୁତ ରଣକୌଶଳ ଜରିଆରେ ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ଯେଉଁ ଲଢେଇ ଆରମ୍ଭ ହୋଇଥିଲା, ଏ ଜାତି ସେହି ମହାନ ପରାକ୍ରମୀ ସେନାନୀଙ୍କ ନିକଟରେ ଚିର କୃତଜ୍ଞ । ଘଂଚ ଜଙ୍ଗଲରେ ରହି ନିଜର ରଣନୀତି ବଳରେ ଇଂଗ୍ରେଜ ସରକାରକୁ ଅଣନିଃଶ୍ୱାସୀ କରିପକାଇ ଥିବା ପରାକ୍ରମୀ ଯୋଦ୍ଧା ହେଉଛନ୍ତି ବୀର ସୁରେନ୍ଦ୍ର ସାଏ। ଦେଶ ପାଇଁ ତାଙ୍କ ତ୍ୟାଗ, ତପସ୍ୟା, ସାଧନା ଓ ପ୍ରତିବଦ୍ଧତାର କୌଣସି କଳନା କରାଯାଇପାରିବ ନାହିଁ। ସେହିପରି ଦେଶମାତୃକାର ସେବା କରିବା ଓ ବ୍ରିଟିଶ ଶାସନ ବିରୁଦ୍ଧରେ ଲଢେଇ କରିବା ପାଇଁ ବିଳାସପୂର୍ଣ୍ଣ ଜୀବନଯାପନକୁ ପରିତ୍ୟାଗ କରି ଆଗେଇ ଆସିଥିବା ଉଚ୍ଚଶିକ୍ଷିତ, ମେଧାବୀ, ବିଚକ୍ଷଣ ବୁଦ୍ଧି, ଜ୍ଞାନର ଅଧିକାରୀ ନେତାଜୀ ସୁବାଷ ଚନ୍ଦ୍ର ବୋଷ କେବଳ ଭାରତରେ ନୁହେଁ ଆର୍ନ୍ତଜାତୀୟ ସ୍ତରରେ ମଧ୍ୟ ନିଜ ପରାକ୍ରମ ବଳରେ ଦେଶର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ଭାରତବର୍ଷର ୨ ଜଣ ଶ୍ରେଷ୍ଠ ବରପୁତ୍ର ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଗୋଟିଏ ଦିନରେ ଓଡ଼ିଶା ମାଟିରେ ଜନ୍ମନେବା ଗୋଟିଏ ମହାନ୍ ସଂଯୋଗ । ଦେଶମାତୃକା ପାଇଁ ଲଢେଇ କରି ଜୀବନର ଦୀର୍ଘ ୩୭ ବର୍ଷ କାଳ ଜେଲ୍‌ଦଣ୍ଡ ସୁରେନ୍ଦ୍ର ସାଏଙ୍କୁ ଭୋଗିବାକୁ ପଡ଼ିଥିଲା ଏବଂ କାରାଗାରରେ ହିଁ ତାଙ୍କ ମୃତ୍ୟୁ ହୋଇଥିଲା ।

ଏଭଳି ଜଣେ ସ୍ୱାଧୀନତା ସଂଗ୍ରାମଙ୍କ ନାମ ବିଶ୍ୱ ଇତିହାସର ଶିଖରରେ ରହିବା ଉଚିତ୍ । ସେହିପରି କଟକରେ ଜନ୍ମିତ ବରପୁତ୍ର ସୁବାଷ ବୋଷ ଦେଶକୁ ପ୍ରଥମ ସ୍ୱାଧୀନତାର ସ୍ୱାଦ ଚଖାଇଥିଲେ। ତେଣୁ ବୀର ସୁରେନ୍ଦ୍ର ସାଏଙ୍କୁ ସ୍ୱାଧୀନତା ଆନ୍ଦୋଳନରବିଶୁ ମହାରଣା ଓ ସୁବାଷ ବୋଷଙ୍କୁ ଧର୍ମପଦ କହିଲେ ଅତୁକ୍ତି ହେବ ନାହିଁ ବୋଲି ମନ୍ତ୍ରୀ ତଥା ସୁରେଶ ପୁଜାରୀ କହିଛନ୍ତି । ରାଜଧାନୀ ଦିଲ୍ଲୀରେ ସୁବାସ ବୋଷଙ୍କ ଏକ ବୃହତ ପ୍ରତିମୂର୍ତି ସ୍ଥାପିତ ହେବା ସହ ସୁବାଷ ବୋଷଙ୍କ ଜୟନ୍ତୀକୁ ଦେଶବ୍ୟାପୀ ପରାକ୍ରମୀ ଦିବସ ଭାବେ ପାଳନ କରାଯାଉଛି। ଆଜି ଦେଶରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କଠାରୁ ଆରମ୍ଭ କରି ବିର୍ସାମୁଣ୍ଡା ପର୍ଯ୍ୟନ୍ତ ସମସ୍ତ ମହାପୁରୁଷଙ୍କୁ ଉଚିତ୍ ସମ୍ମାନ ଦିଆଯାଉଛି ବୋଲି ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର କହିଛନ୍ତି । ବରିଷ୍ଠ ନେତା ତଥା ସାଂସଦ ପ୍ରତାପ ଷଡଙ୍ଗୀ ଓ ରୁଦ୍ର ନାରାୟଣ ପାଣି ଯୋଗଦେଇଥିଲେ । ରାଜ୍ୟ ସାଧାରଣ ସମ୍ପାଦକ ସୀମାଚଂଳ ଖଟେଇ ଏହି ସଭା ସଂଚାଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦକ (ସଂଗଠନ) ମାନସ ମହାନ୍ତି, ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତା ଓ କର୍ମକର୍ତା ଉପସ୍ଥିତ ରହି ଉଭୟ ମହାପୁରୁଷଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



# ବିଧାନସଭା ପରିସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, (ସବ୍ୟୁ): ଭାରତର ସ୍ୱାଧୀନତା ସଂଗ୍ରାମରେ ଯେଉଁ ମହାନ୍ ବିପ୍ଳବୀମାନେ ନେତୃତ୍ୱ ନେଇ ସଂଗ୍ରାମ ରଥର ସାରଥି ସାଜିଥିଲେ, ସେମାନଙ୍କ ମଧ୍ୟରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଥିଲେ ଅଗ୍ରଗଣ୍ୟ । ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଥିଲେ ବିଦ୍ରୋହର କର୍ଣ୍ଣଧାର ଭାରତବର୍ଷର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଜଣେ ଶ୍ରେଷ୍ଠ ବୀର ବିପ୍ଳବୀ ଯୁଗପୁରୁଷ । ମହାନ୍ ବୀର ପୁରୁଷ ଓ ଭାରତର ସର୍ବଶ୍ରେଷ୍ଠ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ୧୮୦୯ ମସିହା ଜାନୁଆରୀ ମାସ ୨୩ ତାରିଖ ଦିନ ସମ୍ବଲପୁର ସହରର ଉତ୍ତରକୁ ପ୍ରାୟ ୨୧ ମାଇଲ ଦୂରରେ ଅବସ୍ଥିତ ବରଗାଁ ବା ଖିଣ୍ଡା ଗ୍ରାମରେ ଚୌହାନ୍ ରାଜପରିବାରରେ ଜନ୍ମଗ୍ରହଣ କରିଥିଲେ । ପଶ୍ଚିମ ଓଡ଼ିଶାରେ ୧୮୨୭ ମସିହାରେ ବୀର ସୁରେନ୍ଦ୍ର ସାଏ ସ୍ୱାଧୀନତା ସଂଗ୍ରାମର ଅଗ୍ନିଶିଖାକୁ ପ୍ରଜ୍ୱଳିତ କରି ଇଂରେଜମାନଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ । ତାଙ୍କର ପ୍ରଧାନ ଲକ୍ଷ୍ୟ ଥିଲା ସମ୍ବଲପୁର ମାଟିରୁ ବ୍ରିଟିଶ ଶାସନ ଲୋପ କରିବା । ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଅଧିକ ସୁସଙ୍ଗଠିତ, ସୁସଂହତ ତଥା ବୀରତ୍ୱପୂର୍ଣ୍ଣ ଥିଲା । ସୁରେନ୍ଦ୍ର ସାଏଙ୍କ କୌଶଳପୂର୍ଣ୍ଣ ଗରିଲା ଯୁଦ୍ଧ, ରଣସଜ୍ଜା, ଦୃଢ଼ ମନୋବଳ, ଅସୀମ ଧୈର୍ଯ୍ୟ ଓ ସାହସ ନିକଟରେ ଇଂରେଜମାନେ ହାର ମାନିଥିଲେ । ଓଡ଼ିଶାର ଏହି ବରପୁତ୍ର, ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ବିପ୍ଳବର ଜୟଗାଥା ଓଡ଼ିଶା ଇତିହାସରେ ଚିରଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ପୃଷ୍ଠା ମଣ୍ଡିତ କରୁଥିବ । ସୁଭାଷ ବୋଷଙ୍କ ୧୨୮ତମ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାଏଙ୍କ ୨୧୬ତମ ଜୟନ୍ତୀ ବିଧାନସଭା ପରିସରରେ ଅନୁଷ୍ଠିତ ହୋଇଯାଇଥିବାବେଳେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ବାବୁ ସିଂ, ପ୍ରକାଶ ଚନ୍ଦ୍ର ସେଠୀ, ଆଶ୍ରିତ ପଟ୍ଟନାୟକ, ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ, ବିଧାନସଭା ସଚିବ ଦାଶରଥୀ ଶତପଥି ପ୍ରମୁଖ ଉପସ୍ଥିତ ରହି ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।



# ଓଡିଶା ବିକାଶ ମହାମଞ୍ଚର ସମାଜସେବୀ ସମ୍ମିଳନୀ

ଭୁବନେଶ୍ୱର (ସବ୍ୟୁ): ଓଡିଶାର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି , ପରିଶେ ଓ ରୋଜଗାରୀ ବିରୁଦ୍ଧରେ ସଂଗ୍ରାମରତ ଏକ ସମାଜସେୀ ଅନୁଷ୍ଠାନ ଓଡିଶା ବିକାଶ ମହାମଞ୍ଚର ଦ୍ୱିତୀୟ ପ୍ରତିଷ୍ଠା ଦିସ ଅସରରେ ଏହାର ସଭପତି ପ୍ରଣବ ଛୋଟରାୟଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ସମାଜସେବୀ ସମ୍ମିଳନୀ , ଜିଲ୍ଲା ସଭାପତି ସମାବେଶ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗୀତା ଇତ୍ୟାଦିର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମର ପ୍ରଥମ ଅଧିଶେନରେ ଆୟୋଜିତ ଜିଲ୍ଲା ସଭାପତି ସମାଶେକୁ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି , ଭାରେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ, ବିଶିଷ୍ଟ ସମାଜସେୀ ଦୁଶାସନ ସ୍ୱାଇଁ ସମ୍ମାନୀତ ଅତିଥି, ଭାରେ ଯୋଗଦାନ କରି ଅନୁଷ୍ଠାନ ଦ୍ୱାରା ଆୟୋଜିତ ରାମ ମନ୍ଦିର ଛକରୁ , ବୁଦ୍ଧ ମନ୍ଦିର ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ । ରାଜ୍ୟସ୍ତରୀୟ ସମାଜସେବୀ ସମ୍ମିଳନୀକୁ ପୂର୍ବତନ ମନ୍ତ୍ରୀ ଓ ସାଂସଦ ଡକ୍ଟର ପ୍ରସନ୍ନ ପାଟ୍ଟଶାଣୀ ଉଦଘାଟନ କରିବା ସହ ଓଡିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ଜିଲ୍ଲା ସଭାପତି ମାନଙ୍କୁ ଓ ବିଭିନ୍ନ ଜିଲାର ବିଶିଷ୍ଟ ସମାଜସେବୀ ମାନଙ୍କୁ ଫଳକ, ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହିକାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାରେ ପଦ୍ମା ହସପିଟାଲର ପ୍ରତିଷ୍ଠାତା ଡାକ୍ତର ବିଶ୍ୱନାଥ ପଟନାୟକ, ସମାଜସେୀ ରମଜାନ ଖାନ, ଆନ୍ତଜାତୀୟ ମାନବିକ ଅଧିକାରର ଅଧକ୍ଷା ଡକ୍ଟର ସୁବାସିନୀ ବଳ, ଆନୁଷ୍ଠାନର ଉପଦେଷ୍ଟା ଆଡଭୋକେଟ ପ୍ରଦୀପ ଦାଶ ପ୍ରମୁଖ ଯୋଗଦାନ କରି ପ୍ରତିଯୋଗିତାର ଶ୍ରେଷ୍ଠ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ସଂପାଦକ ସତ୍ୟଜିତ ମହତା ବାର୍ଷିକି ବରଣୀ ପାଠ କରିଥିଲେ, ସଭା ପରିଚାଳନା କରିଥିଲେ କର୍ଣ୍ଣେଲ ଦେରୋଜ ମଲ୍ଲିକ ।



### ଇଲେକ୍ଟ୍ରୋ ହୋମିଓପାଥିର ଗବେଷଣା

# ଅନୁସନ୍ଧାନ ପାଇଁ ସହଯୋଗର ହାତ ବଢ଼ାଇଲା ଓୟୁଏଟି

ଭୁବନେଶ୍ୱର, (ସବ୍ୟୁ) : ଇଲେକ୍ଟ୍ରୋ ହୋମିଓ ଔଷଧର ପ୍ରାଣୀ ଚିକିତ୍ସାରେ ପ୍ରୟୋଗ କ୍ଷେତ୍ରରେ ଗବେଷଣା ଓ ଅନୁସନ୍ଧାନ ଲାଗି ରାଜ୍ୟ ଇଲେକ୍ଟ୍ରୋ ହୋମିଓ ଚିକିତ୍ସକ ସଂଘ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ପ୍ରାଣୀ ଚିକିତ୍ସା ମହାବିଦ୍ୟାଳୟ ଦ୍ୱାରା ଅନୁବନ୍ଧିତ ହୋଇ ଦୁଇଦିନିଆ କର୍ମଶାଳାର ଆୟୋଜିତ ହୋଇଯାଇଛି । ପ୍ରଥମ ଦିବସରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ଡା ପ୍ରଭାତ କୁମାର ରାଉଳ ମୁଖ୍ୟଅତିଥି ଭାବରେ ଯୋଗଦେଇ କର୍ମଶାଳାର ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବରେ ପ୍ରାଣୀ ଚିକିତ୍ସା ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡା ଶୁଷେନ କୁମାର ପଣ୍ଡା ଯୋଗଦେଇ ପଶୁ ଚିକିତ୍ସା କ୍ଷେତ୍ରରେ ଇଲେକ୍ଟ୍ରୋ ହୋମିଓପାଥି ଚିକିତ୍ସା ବିଜ୍ଞାନର ବିନିଯୋଗ ଲାଗି ଗବେଷଣା ଓ ଅନୁସନ୍ଧାନ ପ୍ରକ୍ରିୟାକୁ ଆରମ୍ଭ କରିବାକୁ ମତ ରଖିଥିଲେ । କର୍ମଶାଳାଟି ପ୍ରାଣୀଚିକିତ୍ସା ବିଦ୍ୟାଳୟର ଅନୁସନ୍ଧାନରେ ଆୟୋଜିତ ହୋଇଥିଲା । ରାଜ୍ୟ ଇଲେକ୍ଟ୍ରୋ ହୋମିଓପାଥି ଚିକିତ୍ସକ ସଂଘର ସଭାପତି ଡା ସରୋଜ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କର୍ମଶାଳାରେ କୃଷି ବିଷୟିକ ବିଶ୍ୱବିଦ୍ୟାଳୟର ବହୁ ବରିଷ୍ଟ ଚିକିତ୍ସକ ଓ ଗବେଷକଙ୍କ ସହ ରାଜ୍ୟ ତଥା ଦେଶର ବହୁ ରାଜ୍ୟରୁ ପାଞ୍ଚଶହରୁ ଉର୍ଦ୍ଧ୍ୱ ଇଲେକ୍ଟ୍ରୋ ହୋମିଓପାଥିକ ଚିକିତ୍ସକ ଯୋଗଦେଇଥିଲେ ।

ଦ୍ୱିତୀୟ ଦିବସରେ ଉପମୁଖ୍ୟ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବରେ ଯୋଗ ଦେଇ ସ୍ୱାସ୍ଥ୍ୟ ରକ୍ଷାରେ ଇଲେକ୍ଟ୍ରୋ ହୋମିଓପାଥି ଔଷଧର ପାରଦର୍ଶିତାର ଭୂୟସୀ ପ୍ରଶଂସା କରିବା ସହ ଏହି ଚିକିତ୍ସା ବିଜ୍ଞାନର ବ୍ୟାପକ ପ୍ରୟୋଗ ଲାଗି ସରକାର ଧ୍ୟାନ ଦେବେ ବୋଲି କହିଥିଲେ । ବିଧାୟକ ବାବୁ ସିଂ ଓ ବିଧାୟକ ଲକ୍ଷ୍ମଣ ବାଗ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମାଜସେବୀ ତଥା ରାଜନେତା ସଜ୍ଜନ ଶର୍ମା, ବିଜେପି ଉପସଭାପତି ଗୋଲଖ ମହାପତ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସ୍ୱାସ୍ଥ୍ୟ ରକ୍ଷାରେ ଏହି ଚିକିତ୍ସକମାନଙ୍କର ଭୂମିକାର ଭୂୟସୀ ପ୍ରଶଂସା କରିଥିଲେ ।



## ଏଲ୍ ଆଣ୍ଡ୍ ଟି ଫାଇନାନ୍ସ ଲିମିଟେଡ୍ ର ୯ ମାସରେ ୨,୦୦୭ କୋଟି ଟଙ୍କାର ସମନ୍ୱିତ ଲାଭ

ଭୁବନେଶ୍ୱର (ସବ୍ୟୁ): ଭାରତର ଅନ୍ୟତମ ଅଗ୍ରଣୀ ଅଣ-ବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ୍ କମ୍ପାନି (ଏନବିଏଫସି) ଏଲ୍ ଆଣ୍ଡ୍ ଟି ଫାଇନାନ୍ସ ଲିମିଟେଡ୍ (ଏଲଟିଏଫ୍) ୨୦୨୪ ଡିସେମ୍ବର ୩୧ରେ ଶେଷ ହୋଇଥିବା ୯ ମାସରେ ୨,୦୦୭ କୋଟି ଟଙ୍କାର ସମନ୍ୱିତ ପିଏଟି ରେକର୍ଡ କରିଛି, ଯାହାକି ୨୦୨୩ ଡିସେମ୍ବର ୩୧ରେ ଶେଷ ହୋଇଥିବା ୯ ମାସ ତୁଳନାରେ ୧୪% ଅଧିକ। ଡିସେମ୍ବର ୩୧, ୨୦୨୪ରେ ଶେଷ ହୋଇଥିବା ତୃତୀୟ ତ୍ରୟମାସରେ ସମନ୍ୱିତ ପିଏଟି ୬୨୬କୋଟି ଟଙ୍କା ରହିଥିଲା। ଡିସେମ୍ବର ୩, ୨୦୨୪ରେ ଶେଷ ହୋଇଥିବା ତୃତୀୟ ତ୍ରୟମାସ ରେକଂପାନି ୧୫,୨୧୦ କୋଟି ଟଙ୍କାର ତ୍ରୈମାସିକ ଖୁଚୁରା ବିତରଣ ରେକର୍ଡ କରିଛି । ଏହି ତ୍ରୟମାସରେ ଖୁଚୁରା ପୁସ୍ତକର ଆକାର ୯୨,୨୨୪ କୋଟି ଟଙ୍କାରେ ପହଂଚିଛି, ପୂର୍ବ ବର୍ଷ ତୁଳନାରେ ବାର୍ଷିକ ୨୩% ବୃଦ୍ଧି ଘଟିଛି। ଏହା ବ୍ୟତୀତ ଗ୍ରାହକଙ୍କ ପାଇଁ ଏକ ଶକ୍ତିଶାଳୀ ଡିଜିଟାଲ ଚ୍ୟାନେଲ ଭାବେ ଉଭା ହୋଇଥିବାକଂପାନିର ଗ୍ରାହକ ମୁଖୀ ପ୍ଲାନେଟ୍ ଆପ୍ ଡିସେମ୍ବର ୩୧, ୨୦୨୪ ସୁଦ୍ଧା ୧.୫ କୋଟିରୁ ଅଧିକ ଡାଉନଲୋଡ୍ ଅତିକ୍ରମ କରିଛି, ଯେଉଁଥିରେ ଗ୍ରାମାଂଚଳରୁ୧୩.୮ ଲକ୍ଷରୁ ଅଧିକ ଡାଉନଲୋଡ୍ ହୋଇଛି।

# ଓଡ଼ିଶା ପ୍ରେସ ଆଣ୍ଡ ମିଡିଆ ପକ୍ଷରୁ ନେତାଜୀ ଜୟନ୍ତୀ ଓ ପରାକ୍ରମ ଦିବସ




କଟକ, (ସ୍ୱପ୍ର): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓଡ଼ିଶା ପ୍ରେସ ଆଣ୍ଡ ମିଡିଆ ଟ୍ରଷ୍ଟ ପକ୍ଷରୁ ନେତାଜୀ ଜୟନ୍ତୀ ଓ ପରାକ୍ରମ ଦିବସ କଟକ କଲେଜ ଛକ ଠାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସ୍ଥାନୀୟ କର୍ପୋରେଟର ଶୁଭାଶିଷ କୁମାର ପଟ୍ଟନାୟକ ଓ କର୍ପୋରେଟର ସନ୍ତୋଷ କୁମାର ଭୋଳ ଯୋଗଦେଇ ସ୍ଥାନୀୟ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନର ପ୍ରାଧ୍ୟାପକ ଓ ବିଭାଗୀୟ ମୁଖ୍ୟ ଡକ୍ଟର ନେତାଜୀ ଅଭିନନ୍ଦନ ମୁଖ୍ୟବକ୍ତାଭାବେ ଯୋଗଦେଇ ଆଜିର ସମୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରାସଙ୍ଗିକତା ଓ ପରାକ୍ରମ ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ କିଶୋର କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତ, ଅଧ୍ୟାପକ ଡକ୍ଟର ଓଁକାର ରାଉତ, ରାକେଶ କୁମାର ଶତପଥୀ, ବିମଳ ପ୍ରସାଦ ଜେନା, ଶରତ କୁମାର ପାତ୍ର, ସିଦ୍ଧାନ୍ତ ସାହୁ, ଓମ ପ୍ରକାଶ ମହାପାତ୍ର, ଯୋଗେଶ ଶର୍ମା, ପ୍ରୀତ ବୁବୁନା, ମନ୍ଥୁଞ୍ଜୟ ଦାଶ, ପ୍ରେମ ବହାଦୁର ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ପରେ ସମସ୍ତ ଅତିଥି ଓ ଅନୁଷ୍ଠାନର ସଦସ୍ୟବୃନ୍ଦ ଓଡ଼ିଆ ବଜାର ସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ସ୍ଥାନ ଓ ସଂଗ୍ରହାଳୟକୁ ଯାତ୍ରା କରି ବୁଲି ଦେଖିଥିଲେ । ଅନୁଷ୍ଠାନର ସମ୍ପାଦକ ପ୍ରିୟ ରଂଜନ ମହାପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।

## ଓଡିଶାରେ ପହଞ୍ଚ ବିସ୍ତାର କରିଛି ଜେକେ ସୁପର ସିମେଣ୍ଟ

ଭୁବନେଶ୍ୱର (ସବ୍ୟୁ): ଭାରତର ଅନ୍ୟତମ ପ୍ରମୁଖ ସିମେଂଟ ବ୍ରାଣ୍ଡ ଜେକେ ସିମେଣ୍ଟ ଲିମିଟେଡ ଓଡିଶାରେ ଏହାର ଅତ୍ୟାଧୁନିକ ଉତ୍ପାଦ ଶୃଙ୍ଖଳାର ଶୁଭାରମ୍ଭ କରିଛି । ଯାହାକି ଦେଶର ପୂର୍ବାଂଚଳରେ କମ୍ପାନୀର ସ୍ଥିତିକୁ ମଜବୁତ କରିବା ଦିଗରେ ଏକ ବଡ ପଦକ୍ଷେପକୁ ଚିହ୍ନିତ କରୁଛି । ଏହି ଶୁଭାରମ୍ଭ ଓଡିଶାରେ ନିର୍ମାଣ ଶିଳ୍ପର ବିକଶିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ନିର୍ମିତ ଉଚ୍ଚମାନର ନିର୍ମାଣ ସାମଗ୍ରୀ ପ୍ରଦାନ କରିବା ପ୍ରତି ଜେକେ ସିମେଂଟର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛିଛ ଏହି ନୂତନ ଉତ୍ପାଦ ଶୃଙ୍ଖଳାରେ ଜେକେ ସୁପର ଷ୍ଟ୍ରଙ୍ଗ ଓ ଜେକେ ସୁପର୍ ସାମିଲ ରହିଛି ଯାହାକୁ ବିଭିନ୍ନ ପ୍ରକାରର ନିର୍ମାଣ କାର୍ଯ୍ୟରେ ଉନ୍ନତ ସ୍ଥାୟିତ୍ୱ ଓ କାର୍ଯ୍ୟଦକ୍ଷତା ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି ।

ନୂଆ କରି ଶୁଭାରମ୍ଭ ହୋଇଥିବା ଏହି ଉତ୍ପାଦ ଶୃଙ୍ଖଳା ଉନ୍ନତ ଶକ୍ତି ଓ ଦୀର୍ଘାୟୁତା ନିଶ୍ଚିତ କରିବା ପାଇଁ ଷ୍ଟେଟ-ଅଫ୍-ଦି-ଆର୍ଟ ଟେକ୍ନୋଲୋଜିର ବ୍ୟବହାର କରୁଛି । ଯାହାକି ଉଭୟ ଆବାସିକ ଓ ବାଣିଜ୍ୟିକ ନିର୍ମାଣ ଆବଶ୍ୟକତାକୁ ପୂରଣ କରୁଛି । ପୂର୍ବାଂଚଳରେ ନିଜର ସ୍ଥିତିକୁ ସୁଦୃଢ କରିବା ନେଇ ଏହାର ରଣନୀତିର ଅଂଶ ଭାବେ ଜେକେ ସିମେଂଟ ଓଡିଶରେ ଏହାର ବିତରଣ ନେଟ୍‌ୱର୍କକୁ ବିସ୍ତାର କରିଛି । ଏହା ସହରାଂଚଳ, ଅର୍ଦ୍ଧସହରାଂଚଳ ଓ ଗ୍ରାମାଂଚଳରେ ଏହାର ଉତ୍ପାଦଗୁଡିକର ସହଜ ଉପଲବ୍ଧତାକୁ ସୁନିଶ୍ଚିତ କରିବ । କଟକରେ ଏହି ନୂତନ ଉତ୍ପାଦ ଶୃଙ୍ଖଳାର ଶୁଭାରମ୍ଭ ଅବସରରେ ଗ୍ରୁପ ଅଧ୍ୟକ୍ଷ, ଅମିତ କୋଠାରି କହିଛନ୍ତିଯେ, ଓଡିଶା ଆମ ପାଇଁ ଏକ ପ୍ରମୁଖ ବଜାର ଅଟେ ଏବଂ ଏଠାରେ ଆମର ଉତ୍ପାଦଗୁଡିକର ଅତ୍ୟାଧୁନିକ ଶୃଙ୍ଖଳାର ଶୁଭାରମ୍ଭ କରି ଆମେ ଉତ୍ସାହିତ ଅଛୁ । ଏହି ଶୁଭାରମ୍ଭ ରାଜ୍ୟରେ ମଜବୁତ ଓ ସ୍ଥାୟୀ ଭିତିଭୂମି ବିକାଶ ପ୍ରତି ଯୋଗଦାନ ଦେବା ପାଇଁ ଆମର ପ୍ରତିବଦ୍ଧତାକୁ ସୁଦୃଢ କରିଛି । ଆମର ନୂଆ ଉତ୍ପାଦ ସହ ଆମେ ଉତ୍କର୍ଷତାର ଆମର ବିରାସତକୁ ବଜାୟ ରଖି, ଓଡିଶାର ଲୋକମାନଙ୍କ ଆକାଂକ୍ଷାକୁ ପୂରଣ କରିବୁ ବୋଲି ନିଶ୍ଚିତ ଅଛୁ ।

# ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ନେତାଜୀ ଜୟନ୍ତୀ



କଟକ, (ସ୍ୱପ୍ର): ଦେଶର ମୁକ୍ତି ସଂଗ୍ରାମର ଅଜେୟ ଯୋଦ୍ଧା, ମହାନ ଦେଶପ୍ରେମୀ ନେତାଜୀ ସୁଭାଷ ବୋଷଙ୍କ ୧୨୮ତମ ପବିତ୍ର ଜୟନ୍ତୀ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ପାଳିତ ହୋଇଥିଲା । ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟ ପରିସରରେ ସ୍ଥାପିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ବିଭିନ୍ନ ବିଭାଗର ପଦାଧିକାରୀ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ.ପ୍ରମୋଦ ଚନ୍ଦ୍ର ରଥ ବ୍ରିଟିଶ ଶାସନ କବଳରୁ ମାତୃଭୂମର ମୁକ୍ତି ପାଇଁ ନେତାଜୀ ସୁଭାଷଙ୍କ ଜୀବନବ୍ୟାପୀ ସଂଗ୍ରାମ ତାଙ୍କୁ ଚିର ଅମର କରି ରଖିବ ବୋଲି ମତବ୍ୟକ୍ତ କରି ଛାତ୍ରଛାତ୍ରୀ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜ୍ୟ ତଥା ଦେଶର ଗୌରବ ବୃଦ୍ଧି କରିବାକୁ ଦିଗ୍‌ଦର୍ଶନ ଦେଇଥିଲେ । ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଡିନ୍ କ୍ୱ. ନୟନ ରଂଜନ ସାମଲ, ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ପ୍ରାଧ୍ୟାପକ ଦିଲ୍ଲୀପ କୁମାର ମଲ୍ଲିକ, ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର, ଅଧ୍ୟାପକ ଭବାନୀ ତ୍ରିପାଠୀ, ଅଧ୍ୟାପିକା ସାଗରିକା ନାୟକ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ସୁଧାଂଶୁ ଭୂଷଣ କର ପ୍ରମୁଖ ନେତାଜୀଙ୍କ ଜୀବନୀ ଉପରେ ଆଲୋକପାତ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# ଦେଶ ଓ ଜାତି ପାଇଁ ବିଦ୍ୟାର୍ଥୀମାନେ ଉତ୍ସର୍ଗୀକୃତ ହୁଅନ୍ତୁ



ଭୁବନେଶ୍ୱର (ସବ୍ୟୁ): ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟରେ ଓଡିଶାର ବରପୁତ୍ର ସ୍ୱାଧିନତା ସଂଗ୍ରାମୀ ତଥା ଓଡିଶା ଜନ ମାନସର ମହାନ ପୁରୁଷ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ପବିତ୍ର ତିଥି ଅବସରରେ ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟ ପରିସରରେ ଏକ ମନୋଜ୍ଞ ଉତ୍ସବ ପାଳିତ ହୋଇଛି । ଏହି ମହାନ୍ ପୁରୁଷ ସୁବାଷ ଚନ୍ଦ୍ର ବୋଷ ଆଜି ଆମ ପାଖରେ ନାହାଁନ୍ତି ସତ କିନ୍ତୁ ଛାଡିଯାଇଥିବା ତ୍ୟାଗପୂତ ଜୀବନ ଏବଂ ଦେଶମାତୃକା ପାଇଁ ତାଙ୍କ ବଳିଦାନ ସମଗ୍ର ମାନବ ସମାଜ ସେମାନଙ୍କୁ ମନେ ରଖିଥିବ । ତେଣୁ ବିଦ୍ୟାର୍ଥୀମାନେ ଏହି ଅବସରରେ ସେମାନଙ୍କ ଭଳି ତ୍ୟାଗପୂତ ଜୀବନ ବସୁଧୈବ କୁଟୁମ୍ବକମ୍ ପର୍ଯ୍ୟାୟ ନିର୍ଯ୍ୟାସରେ ମନୋନିବେଶ କରିବା ଦରକାର। ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟର ନିର୍ଦ୍ଦେଶିକା ଶ୍ରୀମତି ଅର୍ଚ୍ଚିତା ପାଣିଗ୍ରାହୀ, ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁ ବିଦ୍ୟାର୍ଥୀମାନଙ୍କୁ ଉତ୍ସର୍ଗୀକୃତ ଜୀବନଯାପନ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ସେହିପରି ପଦାର୍ଥ ବିଜ୍ଞାନ ଅଧ୍ୟାପକ ବେଦବ୍ରହ୍ମା ଦାସ ଏବଂ ପ୍ରାଣୀ ବିଜ୍ଞାନ ଅଧ୍ୟାପକ ବିଶ୍ୱଜିତ୍ ବେହେରା ବିଦ୍ୟାର୍ଥୀମାନଙ୍କୁ ସ୍ୱାଧିନତା ସଂଗ୍ରାମର ମୂଲ୍ୟବୋଧକୁ ବୁଝିବା ପାଇଁ ଆହ୍ୱାନ ଦେଇଥିଲେ । ଓଡିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପକ ଡ. ଚିତ୍ତରଞ୍ଜନ ସାହାଣୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶତାଧିକ ବିଦ୍ୟାର୍ଥୀ ଏହି ଅବସରରେ ନେତାଜୀ ଏବଂ ବୀର ସୁରେନ୍ଦ୍ର ସାଏଙ୍କର ଜୟଗାନ କରିଥିଲେ।

# ବ୍ରହ୍ମପୁର ନଗର ରାଜଭାଷା କାର୍ଯ୍ୟାନ୍ୱୟନ କମିଟିର ଚତୁର୍ଥ ଅର୍ଦ୍ଧବାର୍ଷିକ ବୈଠକ ସମ୍ପନ୍ନ

ବ୍ରହ୍ମପୁର, (ସବ୍ୟୁ): ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ବ୍ରହ୍ମପୁରର ସଂଯୋଜନାରେ ବ୍ରହ୍ମପୁରସ୍ଥିତ ନଗର ରାଜଭାଷା କାର୍ଯ୍ୟାନ୍ୱୟନ କମିଟିର ଚତୁର୍ଥ ଅର୍ଦ୍ଧବାର୍ଷିକ ବୈଠକ ସୋମବାର ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ବ୍ରହ୍ମପୁରର ପ୍ରଶାସନିକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ନଗର ରାଜଭାଷା ସମିତିର ଅଧ୍ୟକ୍ଷ ତଥା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଉପମହାପ୍ରବନ୍ଧକ ସନ୍ଦୀପ କୁମାର ଚୌବେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୃହ ମନ୍ତ୍ରାଳୟ, ରାଜଭାଷା ବିଭାଗ କଲିକତାର ଉପ-ନିର୍ଦ୍ଦେଶକ ଡାଃ ବିଚିତ୍ରସେନ ଗୁପ୍ତ, ମୁଖ୍ୟ ଅତିଥି ଡାଃ ଅଶୋକ କୁମାର ଗାଙ୍ଗୁଲି, ନିର୍ଦ୍ଦେଶକ, ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ, ଆଇଆର୍‌ଏଲ୍‌ର ମହାପ୍ରବନ୍ଧକ ସିଭିଆର୍ ମୂର୍ତ୍ତୀ, କର୍ମଚାରୀ ଭବିଷ୍ୟନିଧି ସଂଗଠନର ଆଞ୍ଚଳିକ ଭବିଷ୍ୟନିଧି କମିଶନର ପ୍ରକାଶ ନାରାୟଣ ସିଂହ, ଇଣ୍ଡିଆନ୍ ଓଭରସିଜ ବ୍ୟାଙ୍କର ବରିଷ୍ଠ ଆଞ୍ଚଳିକ ପ୍ରବନ୍ଧକ ଖୁର୍ସୀଦ ରଦ୍ଦାନୀ, ସୁଜାତା କାନୁନ୍‌ଗୋ, ସହାୟକ ମହା ପ୍ରବନ୍ଧକ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ଶିବପ୍ରିୟା ଦାସ, ପ୍ରାଚାର୍ଯ୍ୟ, ପିଏମ୍ କେନ୍ଦ୍ରୀୟ ବିଦ୍ୟାଳୟ, ବ୍ରହ୍ମପୁର, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଉପ ମଣ୍ଡଳ ପ୍ରମୁଖ ପ୍ରଦୀପ କୁମାର ଦାସ, କାନାରା ବ୍ୟାଙ୍କର ଅଞ୍ଚଳ ପ୍ରବନ୍ଧକ ପବନ କୁମାର ଝା, ବୀମା କମ୍ପାନୀର ୨୪ଟି କାର୍ଯ୍ୟାଳୟର ମୁଖ୍ୟ, ତଥା ରାଜଭାଷା ଅଧିକାରୀମାନେ ଉପସ୍ଥିତ ଥିଲେ ।

ଶ୍ରୀ ଚୌବେ ସମସ୍ତ ସଦସ୍ୟ କାର୍ଯ୍ୟାଳୟକୁ ସେମାନଙ୍କ ସକ୍ରିୟ ଅବଦାନ ପାଇଁ ଧନ୍ୟବାଦ ଜଣାଇବା ସହ ହିନ୍ଦୀ ଭାଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହା ଏକ ମିଳିତ ମଞ୍ଚ ଏବଂ ପ୍ରଚାର, ପ୍ରସାର ଓ ପ୍ରୋତ୍ସାହନ ମିଳିଲେ ବ୍ରହ୍ମପୁର କମିଟିକୁ ଜାତୀୟ ସ୍ତରରେ ପହଞ୍ଚାଇ ପାରିବା ବୋଲି କହିଥିଲେ । ଏହା ଏକ ପରିବାର, ଯେଉଁଠି ସମସ୍ତ ସଦସ୍ୟଙ୍କ ସାମୂହିକ ଉଦ୍ୟମରେ ହିଁ ଏହା ସମ୍ଭବ ହୋଇପାରିବ । ଇପିଏଫ୍ କମିଶନର ଶ୍ରୀ ସିଂହ ମତବ୍ୟକ୍ତ କରିଥିଲେ ଯେ ସମତି ପ୍ଲାଟଫର୍ମରେ ଆନ୍ତଃ କାର୍ଯ୍ୟାଳୟ ହିନ୍ଦୀ ପ୍ରତିଯୋଗିତା ଆୟୋଜନ କରାଯାଉ । ଇଣ୍ଡିଆନ୍ ଓଭରସିଜ ବ୍ୟାଙ୍କର ଖୁର୍ସିଦ୍ ରଦ୍ଦାନୀ ହିନ୍ଦୀର ପ୍ରଚାର, ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ । ଆଇଆର୍‌ଏଲ୍‌ର ଜେନେରାଲ ମ୍ୟାନେଜର ଶ୍ରୀ ମୂର୍ତ୍ତୀ ରାଜଭାଷାର ପ୍ରଚାର ପ୍ରସାରରେ ପୂର୍ଣ୍ଣ ସହଯୋଗ କରିବା ପାଇଁ ସମିତି ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ। ସମିତିର ଗୃହ ପତ୍ରିକା ଋଷିକୁଲ୍ୟା ଦର୍ପଣର ଦ୍ୱିତୀୟ ଅଙ୍କର ଉନ୍ମୋଚନ ମୁଖ୍ୟ ଅତିଥି, ଅଧ୍ୟକ୍ଷ ଓ ବିଶିଷ୍ଟ ଅତିଥିଙ୍କ ଦ୍ୱାରା କରାଯାଇଥିଲା। ଗତ ଅର୍ଦ୍ଧବାର୍ଷିକୀରେ ସମିତି ଆନୁକୁଲ୍ୟରେ ୧୦ ଗୋଟି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ସେଗୁଡିକ ହେଲା: ପ୍ରବନ୍ଧ ଲିଖନ, ସାଧାରଣ ଜ୍ଞାନ, ସମାଚାର ପଠନ, ହିନ୍ଦୀ ବ୍ୟାକରଣ, ହିନ୍ଦୀ ସାହିତ୍ୟର ଇତିହାସ, ରାଜଭାଷା ନୀତି ନିୟମ ଏବଂ ସାମାନ୍ୟ ହିନ୍ଦୀ ପ୍ରତିଯୋଗିତାର ୫୬ ଜଣ କୃତୀ ପ୍ରତିଯୋଗିଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସମିତି ସଦସ୍ୟ ସଚିବ ଡଃ ବନ ବିହାରୀ ସାହୁ, ମୁଖ୍ୟ ପରିଚାଳକ (ରାଜଭାଷା), ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପରିଚାଳନା କରିଥିଲେ। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ବରିଷ୍ଠ ପ୍ରବନ୍ଧକ (ରାଜଭାଷା) ଆନନ୍ଦ ବିହାରୀ ସାଓ ଧନ୍ୟବାଦ ଅର୍ପଣ କରିଥିଲେ ।



# ଟ୍ରମ୍ପଙ୍କ ଧମକ ପରେ ନରମିଲା ରୁଷ: ଆଲୋଚନା ପାଇଁ ପ୍ରସ୍ତୁତ

**ମସ୍କୋ:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଆସିବା ପରେ ଯୁଦ୍ଧ ଶେଷ କରିବାକୁ ରୁଷକୁ କହିଛନ୍ତି । ଏହାପରେ ରୁଷର ବୟାନ ଆସିଛି । ରୁଷ୍ ମଧ ଏବେ ଯୁଦ୍ଧ ଶେଷ କରିବାକୁ ପ୍ରସ୍ତୁତ ବୋଲି କହିଥିବା ବେଳେ ଏଭଳି ଆଲୋଚନା ପାରସ୍ପରିକ ସମ୍ମାନ ଉପରେ ଆଧାରିତ ହେବା ଉଚିତ ବୋଲି କହିଛି । ଅର୍ଥାତ୍ ଆଲୋଚନାରେ ଏକତରଫା ନିଷ୍ପତ୍ତି ନ ନେବାକୁ ରୁଷ ଦାବି କରିଛି ।

ଗୁରୁବାର ଦିନ ରୁଷିଆ ଟ୍ରମ୍ପଙ୍କୁ ଜବାବ ଦେଇ କହିଛି ଯେ ଟ୍ରମ୍ପଙ୍କ ସହ ପାରସ୍ପରିକ ସମ୍ମାନଜନକ କଥାବାର୍ତ୍ତା ପାଇଁ ସେ ପ୍ରସ୍ତୁତ ଅଛନ୍ତି । ପୁଟିନଙ୍କ ମନ୍ତବ୍ୟ ସମ୍ପର୍କରେ ସାମ୍ବାଦିକମାନେ ପଚାରିବାରୁ



କ୍ରେମଲିନ ମୁଖପାତ୍ର ଦିମିତ୍ରୀ ପେସ୍କୋଭ୍ କହିଛନ୍ତି, ଆମେ ଏଥିରେ କିଛି ନୂଆ ଦେଖୁନାହୁଁ । ତାଙ୍କ ବୟାନ ଉପରେ ରୁଷ୍ ତୀକ୍ଷ୍ଣ ନଜର ରଖିଛି । ବୁଧବାର ଟ୍ରମ୍ପ ଧମକ ଦେଇଥିଲେ ଯେ ଯଦି ପୁଟିନ୍ ଯୁଦ୍ଧ ଶେଷ କରିବାକୁ ରାଜି ନହୁଅନ୍ତି ତେବେ ମସ୍କୋ ଉପରେ ଆହୁରି ଅଧିକ ପ୍ରତିବନ୍ଧକ ଲଗାଇବେ । ଯଦି ଆମେ କୌଣସି ଚୁକ୍ତିରେ ପହଞ୍ଚିପାରିବୁ ନାହିଁ, ତେବେ ଋଷିଆ ଆମେରିକା କିମ୍ବା ଅନ୍ୟ ଦେଶକୁ ବିକ୍ରି କରୁଥିବା ସମସ୍ତ ଜିନିଷ ଉପରେ ଉଚ୍ଚ ଟିକସ ଏବଂ ପ୍ରତିବନ୍ଧକ ଲଗାଇବା ବ୍ୟତୀତ ଆମ ପାଖରେ ଅନ୍ୟ କୌଣସି ବିକଳ୍ପ ରହିବ ନାହିଁ ବୋଲି ସେ କହିଥିଲେ ।

# ନକ୍ସଲଙ୍କ ଯୋଜନା ପଣ୍ଡ କଲେ ସୁରକ୍ଷାବାହିନୀ

**ବିଜାପୁର:** ଛତିଶଗଡ଼ର ନକ୍ସଲ ପ୍ରଭାବିତ ବିଜାପୁର ଜିଲ୍ଲାରେ ନକ୍ସଲଙ୍କ ବଡ ଯୋଜନାକୁ ପଣ୍ଡ କରିଛନ୍ତି ସୁରକ୍ଷାବାହିନୀ । ଯବାନଙ୍କ ପାଇଁ ଖଞ୍ଜାଯାଇଥିବା ପ୍ରାୟ ୫୦ କିଲୋଗ୍ରାମର ଆଇଡି ଜବତ ହୋଇଛି । ଏନେଇ ଗୁରୁବାର ପୋଲିସ ଅଧିକାରୀ ଏହି ସୂଚନା ଦେଇଛନ୍ତି ।

ପୋଲିସ ଅଧିକାରୀ କହିଛନ୍ତି ଯେ, ଆଜି କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆରପିଏଫ)ର ବୋମା ନିଷ୍କ୍ରିୟକାରୀ ଦଳ ବାସାଗୁଡ଼ା-ଆବାପଲ୍ଲୀ ରାସ୍ତାରେ ପାଟ୍ରୋଲିଂ ପାଇଁ ଯାଇଥିଲେ । ଏହି ସମୟରେ ବିଜାପୁର ଜିଲ୍ଲାର ବାସାଗୁଡ଼ା-ଆବାପଲ୍ଲୀ ରାସ୍ତାରେ ସେତୁ ତଳେ ଖଞ୍ଜା ଯାଇଥିବା ଆଇଡିକୁ ଦେଖିଥିଲେ।। ପରେ ଏହାକୁ ଜବତ କରି ଏହାକୁ ନଷ୍ଟ କରାଯାଇଥିଲା । ଏହି ଆଇଡି ପ୍ରାୟ ୫୦ କିଲୋଗ୍ରାମରେ ହେବ ।



ଅଧିକାରୀ କହିଛନ୍ତି ଯେ, ବଡ଼ ଗାଡିକୁ କ୍ଷତି ପହଞ୍ଚାଇବା ପାଇଁ ମାଓବାଦୀମାନେ ସେତୁ ତଳେ 'ରିମୋଟ-କଣ୍ଟ୍ରୋଲ' ଆଇଡି ଲଗାଇଥିଲେ । କିନ୍ତୁ ସୁରକ୍ଷା ବାହିନୀର ସତର୍କତା ଯୋଗୁଁ ମାଓବାଦୀଙ୍କ ଯୋଜନା ପଣ୍ଡ ହୋଇଗଲା । ଲ୍ୟାଣ୍ଡମାଇନ୍ ନଷ୍ଟ କରିବା ସମୟରେ ରାସ୍ତାରେ ଏକ ଗଭୀର ଗର୍ତ୍ତ ସୃଷ୍ଟି ହୋଇଥିଲା ଯାହାକୁ ପୂରଣ କରାଯାଇଛି ଏବଂ ପୁନଃ ଯାତାୟାତ କରାଯାଉଛି ।

# ଟ୍ରେନ୍ ଦୁର୍ଘଟଣା : ଗୁଜବକାରି ଚା' ବାଲା



**ମୁମ୍ବାଇ:** ମହାରାଷ୍ଟ୍ରର ଜଲଗାଁଓରେ ଗୋଟିଏ ଟ୍ରେନ୍‌ରୁ ଡେଇଁପଡ଼ି ବଞ୍ଚିବାକୁ ଚେଷ୍ଟା କଲାବେଳେ ୧୩ ଜଣଙ୍କର ଜୀବନ ଅନ୍ୟ ଏକ ଟ୍ରେନ ମାଡ଼ିଯିବାରୁ ଚାଲିଯାଇଛି । ତେବେ ନିଆଁ ଲାଗିଲା ବୋଲି ଏକ ଗୁଜବ ପ୍ରଚାର ହୋଇଥିଲା । ଜଣେ ଚା' ବିକାଳି ଏଭଳି ଗୁଜବ ପ୍ରଚାର କରିଥିଲେ ବୋଲି ସୂଚନା ମିଳିଛି । ଫଳରେ ପୁଷ୍ପକ ଏକ୍ସପ୍ରେସରେ ଯାଉଥିବା ଲୋକମାନେ ଚେନ୍ ଟାଣି ଡେଇଁପଡ଼ିଥିଲେ । ସେହି ଟ୍ରାକ୍‌ରେ ବେଙ୍ଗାଲୋରୁ ଦିଲ୍ଲୀ ଯାଉଥିବା କର୍ଣ୍ଣାଟକ ଏକ୍ସପ୍ରେସ ଆସୁଥିଲା । ଏହାର ଧକ୍କାରେ ୧୩ ଜଣ ଜୀବନ ହାରିଥିଲେ । ଅନେକ ଏବେବି ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ।

ତେବେ ଏକ୍ସପ୍ରେସ୍‌ରେ ନିଆଁ ଲାଗିବା ଗୁଜବ କିଏ ପ୍ରଚାର କରିଥିଲା ? ଜଣେ ଯାତ୍ରୀଙ୍କ କହିବା ଅନୁଯାୟୀ ବେଶ୍ ହସଖୁସିରେ ଯାତ୍ରା କରୁଥିଲୁ ।ଏହି ସମୟରେ କୋଚ୍‌ରେ ବୁଲିବୁଲି ଚା ବିକ୍ରି କରୁଥିବା ବ୍ୟକ୍ତି ନିଆଁ ଲାଗିଯାଇଥିବା କହି ଚିତ୍କାର କରିଥିଲେ । ଏହାପରେ ସେ ଜରୁରୀକାଳୀନ ଚେନ୍‌କୁ ଭିଡ଼ି ଦେଇଥିଲେ । ଟ୍ରେନ୍ ଅଟକିଯିବାରୁ ଯାତ୍ରୀମାନେ ଭୟରେ ତଳକୁ ଡେଇଁପଡ଼ିଥିଲେ । ଟ୍ରେନର ଗତି ଧିମା ହେବାମାତ୍ରେ ଲୋକମାନେ ଜୀବନ ବିକଳରେ ତଳକୁ ଡେଇଁବାରେ ଲାଗିଥିଲେ । କିଛି ଲୋକ ସିଧାସଳଖ ସେହି ଟ୍ରାକ୍‌କୁ ଡେଇଁଥିଲେ, ଯେଉଁଥିରେ ବେଙ୍ଗାଲୁରୁ ଏକ୍ସପ୍ରେସ ଆସୁଥିଲା । ଆଉକିଛି ଲୋକ ବିପରୀତ ଦିଗକୁ ଡେଇଁଥିଲେ । ସେମାନେ ଡେଇଁଥିବା ପାର୍ଶ୍ୱରେ କୌଣସି ଟ୍ରାକ୍ ନଥିଲା । ନଚେତ ସ୍ଥିତି ଆହୁରି ଭୟଙ୍କର ହୋଇଥାନ୍ତା । ତେବେ ଇତିମଧ୍ୟରେ ଜଲଗାଓଁ ଟ୍ରେନ୍ ଦୁର୍ଘଟଣାର ତଦନ୍ତ ଲାଗି ରେଳବାଇ ବୋର୍ଡ଼ ଏକ ୫ ଜଣିଆ ଟିମ୍ ଗଠନ କରିଛନ୍ତି । ଏହି ଟିମ୍‌ରେ ପ୍ରିନ୍ସପାଲ ଚିଫ୍ ସେଫ୍ଟି ଅଫିସର, ପ୍ରିନ୍ସପାଲ ଚିଫ୍ ସିକ୍ୟୁରିଟି କମିଶନର, ପ୍ରିନ୍ସପାଲ ଚିଫ୍ ଇଲେକ୍‌ଟ୍ରିକାଲ ଇଞ୍ଜିନିୟର, ପ୍ରିନ୍ସପାଲ ଚିଫ୍ ମେକାନିକାଲ ଇଞ୍ଜିନିଅର ଓ ପ୍ରିନ୍ସପାଲ ଚିଫ୍ କମର୍ସିଆଲ ମ୍ୟାନେଜର ଅଛନ୍ତି । ସେମାନେ ସମସ୍ତେ କେନ୍ଦ୍ରୀୟ ରେଳ ଜୋନର ପିସିସିଓଙ୍କୁ ମୁଖ୍ୟ ଆବାହକ ଭାବେ ନିଯୁକ୍ତି ଦିଆଯାଇଛି । ସେମାନେ ଦୁର୍ଘଟଣାର କାରଣ ସମ୍ପର୍କରେ ଅନୁଧ୍ୟାନ କରି ଯଥାଶୀଘ୍ର ରିପୋର୍ଟ ଦେବେ ।

# ପରାକ୍ରମ ଦିବସରେ ଛାତ୍ରଛାତ୍ରୀଙ୍କ ସହ ମୋଦି

**ନୂଆଦିଲ୍ଲୀ:** ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସଦର ସେଣ୍ଟ୍ରାଲ ହଲରେ ଯୁବ ବନ୍ଧୁମାନଙ୍କ ସହ ଆଲୋଚନା କରିଛନ୍ତି । ୨୦୪୭ ସୁଦ୍ଧା ଦେଶର ଲକ୍ଷ୍ୟ କଣ ବୋଲି ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ପଚାରିଥିଲେ, ଯାହାର ଉତ୍ତରରେ ଜଣେ ଛାତ୍ର ପୂର୍ଣ୍ଣ ଆତ୍ମବିଶ୍ୱାସର ସହ କହିଥିଲେ ଯେ ଭାରତକୁ ଏକ ବିକଶିତ ରାଷ୍ଟ୍ର (ବିକଶିତ ଭାରତ)ରେ ପରିଣତ କରିବାକୁ ପଡ଼ିବ । ଯେତେବେଳେ ପ୍ରଧାନମନ୍ତ୍ରୀଙ୍କୁ ପଚରାଯାଇଥିଲା ଯେ କେବଳ ୨୦୪୭ ପର୍ଯ୍ୟନ୍ତ କାହିଁକି, ଅନ୍ୟ ଜଣେ ଛାତ୍ର ଉତ୍ତର ଦେଇଥିଲେ ଯେ ଯେତେବେଳେ ଭାରତ ଏହାର ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବ, ଆମର ବର୍ତ୍ତମାନର ପିଢ଼ି ଦେଶର ସେବା କରିବାକୁ ପ୍ରସ୍ତୁତ ରହିବେ ।

ଏହି ଦିବସର ମହତ୍ତ୍ୱ ସମ୍ପର୍କରେ ଶ୍ରୀ ମୋଦୀ ଛାତ୍ରଛାତ୍ରୀମାନଙ୍କୁ ପଚାରିବାରୁ ସେମାନେ କହିଥିଲେ ଯେ ଆଜି ଓଡ଼ିଶାର କଟକରେ ଜନ୍ମଗ୍ରହଣ କରିଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମତିଥି । ନେତାଜୀ ବୋଷଙ୍କ ଜୟନ୍ତୀ ଉପଲକ୍ଷେ କଟକରେ ଏକ ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ଏହାପରେ ସେ ଅନ୍ୟ ଜଣେ ଛାତ୍ରଙ୍କୁ ପଚାରିଥିଲେ ଯେ ନେତାଜୀଙ୍କ ସ୍ଲୋଗାନ ମଧ୍ୟରୁ କେଉଁଟି ତାଙ୍କୁ



ସବୁଠାରୁ ଅଧିକ ପ୍ରେରଣା ଦେଉଛି, ଯାହାର ଉତ୍ତରରେ ସେ କହିଥିଲେ,ମୋତେ ରକ୍ତ ଦିଅ ଏବଂ ମୁଁ ତୁମକୁ ସ୍ୱାଧୀନତା ଦେବି । ନେତାଜୀ ବୋଷ ନିଜ ଦେଶକୁ ସର୍ବଦା ଆଗରେ ରଖି ପ୍ରକୃତ ନେତୃତ୍ୱ ପ୍ରଦର୍ଶନ କରୁଥିଲେ ଏବଂ ଏହି ସମର୍ପଣ ଆମକୁ ବହୁତ ପ୍ରେରଣା ଦେଇଛି । ଏହାପରେ ପ୍ରଧାନମନ୍ତ୍ରୀ ପଚାରିଥିଲେ ଯେ ସେ ଏଥିରୁ କଣ ପ୍ରେରଣା ପାଇଛନ୍ତି, ଯାହାର ଉତ୍ତରରେ ଛାତ୍ରୀ ଜଣକ କହିଥିଲେ ଯେ ସେ ନିରନ୍ତର ବିକାଶ ଲକ୍ଷ୍ୟ (ଏସଡିଜି)ର ଏକ ଅଂଶ ସ୍ୱରୂପ ଦେଶରେ କାର୍ବନ ନିର୍ଗମନ ହ୍ରାସ କରିବାକୁ ପ୍ରେରିତ ହୋଇଛନ୍ତି । ଏହାପରେ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ପଚାରିଥିଲେ ଯେ କାର୍ବନ ନିର୍ଗମନ ହ୍ରାସ କରିବା ପାଇଁ ଭାରତରେ କଣ ପଦକ୍ଷେପ ନିଆଯାଇଛି, ଯାହାର ଉତ୍ତରରେ ସେ କହିଥିଲେ ଯେ ଇଲେକ୍ଟ୍ରୋନିକ୍ସ ଯାନ ଏବଂ ବସ୍ ଆରମ୍ଭ ହୋଇଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ୧,୨୦୦ରୁ ଅଧିକ ଇଲେକ୍ଟ୍ରିକ୍ ବସ୍ ଦିଲ୍ଲୀରେ ଚାଲୁଛି ଏବଂ ଭବିଷ୍ୟତରେ ଆହୁରି ଅଧିକ ଯୋଡ଼ାଯିବ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ।

ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ବିଷୟରେ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ । ଏହି ଯୋଜନାଦ୍ୱାରା ଘରର ଛାତ ଉପରେ ସୋଲାର ପ୍ୟାନେଲ ଲଗାଯାଉଛି, ଯାହା ସୌର ଶକ୍ତିରୁ ବିଜୁଳି ଉତ୍ପାଦନ କରିବ । ଏହାଦ୍ୱାରା ବିଦ୍ୟୁତ ବିଲ୍ ପୈଠ କରିବାର ଆବଶ୍ୟକତା ଦୂର ହେବ । ସେ କହିଛନ୍ତି ଯେ ଉତ୍ପାଦିତ ବିଦ୍ୟୁତ୍‌କୁ ଇଲେକ୍ଟ୍ରିକ୍ ଯାନ ଚାର୍ଜ କରିବା ପାଇଁ ବ୍ୟବହାର କରାଯାଇପାରିବ, ଯାହାଦ୍ୱାରା ଜୀବାଶ୍ମ ଇନ୍ଧନ ଉପରେ ଖର୍ଚ୍ଚ ହ୍ରାସ ପାଇବ ଏବଂ ପ୍ରଦୂଷଣକୁ ରୋକାଯାଇପାରିବ । ଘରୋଇ ବ୍ୟବହାର ପରେ ଘରେ ଉତ୍ପାଦିତ ହେଉଥିବା ଅତିରିକ୍ତ ବିଜୁଳିକୁ ସରକାରଙ୍କୁ ବିକ୍ରି କରାଯାଇପାରିବ । ପ୍ରତିବଦଳରେ ସେମାନେ ପାଣ୍ଠି ପ୍ରଦାନ କରିବେ ବୋଲି ଶ୍ରୀ ମୋଦୀ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ । ଅର୍ଥାତ୍ ଆପଣ ଘରେ ବସି ବିଜୁଳି ଉତ୍ପାଦନ କରି ବିକ୍ରି କରିପାରିବେ ।

## ପାକିସ୍ତାନ-ବାଂଲାଦେଶ ମିଳିତ ଗୁପ୍ତଚରୀ ଯୋଜନା

# ଭାରତ ପାଇଁ ବିପଦ

**ଢାକା:** ପାକିସ୍ତାନ ଏବଂ ବାଂଲାଦେଶ ମଧ୍ୟରେ ବଢୁଥିବା ସାମରୀକ ସମ୍ପର୍କ ମଧ୍ୟରେ ପାକିସ୍ତାନ ସେନାର ଗୁପ୍ତଚର ବିଭାଗ ଆଇଏସଆଇର ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ଅସୀମ ମଲିକ ବାଂଲାଦେଶ ଗସ୍ତ କରିଛନ୍ତି । ଦଶନ୍ଧି ମଧ୍ୟରେ ପାକିସ୍ତାନୀ ଗୁପ୍ତଚର ଏଜେନ୍ସି ମୁଖ୍ୟଙ୍କ ଢାକାକୁ ଏହା ପ୍ରଥମ ଗସ୍ତ ।

ଯାହା ଭାରତର ପୂର୍ବ ଏବଂ ଉତ୍ତର ପୂର୍ବ ସୀମାରେ ନୂତନ ସୁରକ୍ଷା ଚ୍ୟାଲେଞ୍ଜକୁ ନେଇ ଚିନ୍ତା ବଢ଼ାଇଛି । ଆଇଏସଆଇ ମୁଖ୍ୟଙ୍କ ଗସ୍ତ ଏପରି ଏକ ସମୟରେ ଆସିଛି ଯେତେବେଳେ ଗତ ସପ୍ତାହରେ ବାଂଲାଦେଶରୁ ଏକ ଉଚ୍ଚସ୍ତରୀୟ ପ୍ରତିରକ୍ଷା ପ୍ରତିନିଧି ଦଳ ପାକିସ୍ତାନ ଗସ୍ତରୁ ଫେରିଥିଲେ ।

ମଙ୍ଗଳବାର ଦିନ ଯେତେବେଳେ ଆଇଏସଆଇ ମୁଖ୍ୟ ଦୁବାଇ ଦେଇ ଢାକାରେ ପହଞ୍ଚିଥିଲେ,ସେତେବେଳେ ତାଙ୍କୁ ବାଂଲାଦେଶ ସେନାର କ୍ୱାର୍ଟର ମାଷ୍ଟର ଜେନେରାଲ (କ୍ୟୁଏମଜି ଲେଫ୍ଟନାଣ୍ଟ ଜେନେରାଲ ମହମ୍ମଦ ଫେଜୁର ରହମାନ ସ୍ୱାଗତ କରିଥିଲେ । ଦି ଇକୋନୋମିକ୍ ଟାଇମ୍ସ ଦ୍ୱାରା ମିଳିଥିବା ବିଶ୍ୱସ୍ତ ସୂଚନା ଅନୁଯାୟୀ, ରହମାନଙ୍କର ପାକିସ୍ତାନ ସହିତ ଘନିଷ୍ଠ ସମ୍ପର୍କ ରହିଛି ।

ଆଇଏସଆଇ ମୁଖ୍ୟଙ୍କ ଢାକା ଗସ୍ତର ଉଦ୍ଦେଶ୍ୟ ହେଉଛି ଦୁଇ ଦେଶର ଗୁପ୍ତଚର ଏଜେନ୍ସି ମଧ୍ୟରେ ଗୁପ୍ତଚର ବଣ୍ଟନ ନେଟୱାର୍କ ସୃଷ୍ଟି କରିବା । ଯାହାଦ୍ୱାରା ସୀମାରେ ହିଂସାତ୍ମକ କାର୍ଯ୍ୟକଳାପ ଦ୍ୱାରା ଭାରତରେ ଅଶାନ୍ତି ସୃଷ୍ଟି ହୋଇପାରିବ । ଏହାପୂର୍ବରୁ ବାଂଲାଦେଶର ଜଣେ ବରିଷ୍ଠ ଜେନେରାଲ ଇସଲାମାବାଦରେ ପାକିସ୍ତାନୀ ସେନା ମୁଖ୍ୟ ଜେନେରାଲ ସୟଦ ଅସୀମ ମୁନିରଙ୍କୁ ଭେଟିଥିଲେ ।

ଦୀର୍ଘ ବର୍ଷ ଧରି ଇସଲାମାବାଦ ଗସ୍ତରେ ଆସିଥିବା ବାଂଲାଦେଶ ସଶସ୍ତ୍ର ବାହିନୀର ପ୍ରିନ୍ସିପାଲ୍ ଷ୍ଟାଫ୍ ଅଫିସର ଲେଫ୍ଟନାଣ୍ଟ ଜେନେରାଲ୍ କାମୁଲ ହାସନ ପ୍ରଥମ ବଙ୍ଗଳାଦେଶ ଜେନେରାଲ ଥିଲେ । ହାସନ ମଧ୍ୟ ବାଂଲାଦେଶ ସେନାର ଦ୍ୱିତୀୟ ର୍ୟାଙ୍କିଙ୍ଗ ଅଧିକାରୀ । ତାଙ୍କର ଏହି ଗସ୍ତ ସ୍ପଷ୍ଟ ଭାବେ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସମ୍ପର୍କରେ ଅଗ୍ରଗତି ସୂଚାଉଛି ବୋଲି କୁହାଯାଉଛି ।

ଗତ ବର୍ଷ ଅଗଷ୍ଟରେ ଶେଖ ହସିନା ସରକାରଙ୍କ ପତନ ପରେ ଦଶନ୍ଧୀ ପରେ ପାକିସ୍ତାନ ଏବଂ ବାଂଲାଦେଶର ସେନ୍ୟବାହିନୀ ମଧ୍ୟରେ ଏଭଳି ବୈଠକ ଆରମ୍ଭ ହୋଇଥିଲା । ହାସନ ପାକିସ୍ତାନ ଗସ୍ତ ସମୟରେ ଜେନେରାଲ ମୁନିର ଏବଂ ଜଏଣ୍ଟ ଚିଫ୍ ଅଫ୍ ଷ୍ଟାଫ୍ କମିଟିର ଅଧ୍ୟକ୍ଷ ଜେନେରାଲ ସାହିର ଶମମଶାଦ ମିର୍ଜାଙ୍କ ସହ ପୃଥକ ବୈଠକ କରିଥିଲେ ।

# ଉବେର , ଓଲାକୁ ନୋଟିସ୍

**ନୂଆଦିଲ୍ଲୀ:** ଅନଲାଇନରେ ଟ୍ୟାକ୍ସି ସେବା ଯୋଗାଉଥିବା ଦୁଇ ପ୍ରମୁଖ କମ୍ପାନୀକୁ ନୋଟିସ ପଠାଇଲେ କେନ୍ଦ୍ର ସରକାର କେନ୍ଦ୍ର ସରକାର ଏକ ନୋଟିସ ପଠାଇ ଓଲା ଏବଂ ଉବେରକୁ ଜବାବ ମାଗିଛନ୍ତି । କେନ୍ଦ୍ର ସରକାର ପଚାରିଛନ୍ତି ଯେ ବିଭିନ ଫୋନ୍ ବ୍ୟବହାରକାରୀଙ୍କ ପାଇଁ ଭିନ ଭିନ ଭଡ଼ା କାହିଁକି ଦେଖାଯାଉଛି? କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଏକ୍ସରେ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି ।

ସମ୍ବାଦ ସରବରାହ ସଂସ୍ଥା ପିଟିଆଇର ଏକ ରିପୋର୍ଟ ଅନୁଯାୟୀ, ଉପଭୋକ୍ତା ବ୍ୟାପାର ମନ୍ତ୍ରୀ ପ୍ରହଲାଦ ଯୋଶୀ ଗୁରୁବାର କହିଛନ୍ତି ଯେ ଉପଭୋକ୍ତା ସୁରକ୍ଷା ପ୍ରାଧିକରଣ (ସିସିପିଏ) କ୍ୟାବ୍ ସେବା ପ୍ରଦାନକାରୀ ଓଲା ଏବଂ ଉବେରକୁ ଉପଭୋକ୍ତାଙ୍କ ମୋବାଇଲ୍ ସିଷ୍ଟମ୍ ଆଣ୍ଡ୍ରଏଡ୍ କିମ୍ବା ଆଇଓଏସ ପରିଚାଳନା ଆଧାରରେ ସମାନ ସେବା ପ୍ରଦାନ କରିବାକୁ କହିଛି । ସ୍ଥାନ ଗୋଟିଏ ଥିଲେ ବି ଭିନ୍ନ ମୂଲ୍ୟ ଧାର୍ଯ୍ୟ କରାଯାଇଥିବା ଅଭିଯୋଗରେ କମ୍ପାନୀକୁ ନୋଟିସ୍ ଜାରି କରାଯାଇଛି । ଯୋଶୀ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଲେଖିଛନ୍ତି, ସିସିପିଏ ମାଧ୍ୟମରେ ପ୍ରମୁଖ କ୍ୟାବ୍ ଡ୍ରାଇଭର ଓଲା ଏବଂ ଉବେରକୁ ଏକ ନୋଟିସ ଜାରି କରାଯାଇଛି, ଯେଉଁଥିରେ ସେମାନଙ୍କୁ ଭିନ୍ନ ଭିନ୍ନ ମୋବାଇଲ୍ ଫୋନ୍ (ଆଇଫୋନ୍ ଏବଂ ଆଣ୍ଡ୍ରଏଡ୍) ମାଧ୍ୟମରେ ଗୋଟିଏ ସ୍ଥାନ ବୁକିଂ ପାଇଁ ଭିନ୍ନ ଭିନ୍ନ ଭଡା କାହିଁକି ନିଆଯାଉଛି ସେନେଇ ସ୍ପଷ୍ଟୀକରଣ ମଗାଯାଇଛି ।

ଗତ ମାସରେ, କେନ୍ଦ୍ର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଥିଲେ ଯେ ଗ୍ରାହକ ଶୋଷଣ ପ୍ରତି ଶୂନ୍ୟ ସହନଶୀଳତା ରହିବ ଏବଂ ସିସିପିଏକୁ ଏହି ଅଭିଯୋଗଗୁଡ଼ିକର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ କହିଥିଲେ । ସେ ଏପରି କାର୍ଯ୍ୟକଳାପକୁ ଗ୍ରାହକଙ୍କ ଅଧିକାରର ଉଲ୍ଲଂଘନ ବୋଲି ବର୍ଣ୍ଣନା କରିଥିଲେ । ଡିସେମ୍ବର ୨୦୨୪ରେ ଏହି ଘଟଣାଟି ସାମ୍ନାକୁ ଆସିଥିଲା ଯେତେବେଳେ ଜଣେ ୟୁଜର ଉବେର ଆପରେ ଦୁଇଟି ଫୋନର ଏକ ଫଟୋ ସେୟାର କରିଥିଲେ ଯାହା ଏକ ନିର୍ଦ୍ଦିଷ୍ଟ ସ୍ଥାନ ପାଇଁ ଭିନ୍ନ ଭିନ୍ନ ଭଡା ଦର୍ଶାଉଥିଲା ।

# ମେକ୍ସିକୋ ସୀମାରେ ଅତିରିକ୍ତ ସୈନ୍ୟ ମୁତୟନ

**ୱାଶିଂଟନ୍:** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମେକ୍ସିକୋ ସୀମାରେ ମୁତୟନ ହେବା ପାଇଁ ୧୫୦୦ଅତିରିକ୍ତ ସୈନ୍ୟଙ୍କୁ ପଠାଇବାକୁ ନିଷ୍ପତ୍ତି ନେଇଛନ୍ତି । ତାଙ୍କ ମୁଖପାତ୍ର ଏହି ସୂଚନା ଦେଇଛନ୍ତି । ସୀମାରେ ବେଆଇନ ଅନୁପ୍ରବେଶକୁ ରୋକିବା ପାଇଁ ଟ୍ରମ୍ପ ଏହି ନିଷ୍ପତ୍ତି ନେଇଛନ୍ତି । ସୀମା ସୁରକ୍ଷାକୁ ଟ୍ରମ୍ପ ପ୍ରାଥମିକତା ଦେଇଛନ୍ତି ।

ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବାର ପ୍ରଥମ ଦିନରେ ମେକ୍ସିକୋ ଏବଂ ଆମେରିକା ସୀମାରେ ସେ ଏକ ଜାତୀୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ । ଅତିରିକ୍ତସେନ୍ୟଙ୍କ ଆଗମନ ସହିତ ମେକ୍ସିକୋ ସୀମାରେ ନିୟୋଜିତ ସକ୍ରିୟ ଡ୍ୟୁଟି ସୈନ୍ୟ ସଂଖ୍ୟା ୪,୦୦୦ କୁ ବୃଦ୍ଧି ପାଇବ ବୋଲି କୁହାଯାଉଛି ।



ପ୍ରେସ ସଚିବ କାରୋଲିନ୍ ଲେଭିଟ୍ ହ୍ୱାଇଟ ହାଉସକୁ କହିଛନ୍ତି ଯେ, ଆମେରିକାର ଦକ୍ଷିଣ ସୀମା ପାଇଁ ୧,୫୦୦ ଅତିରିକ୍ତ ସୈନ୍ୟ ପଠାଯିବା ପାଇଁ ରାଷ୍ଟ୍ରପତି ଟ୍ରମ୍ପ ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ଦସ୍ତଖତ କରିଛନ୍ତି ।

ଆମେରିକାର ଜଣେ ବରିଷ୍ଠ ଅଧିକାରୀ ପେଣ୍ଟାଗନର ଗଣମାଧ୍ୟମକୁ କହିଛନ୍ତି ଯେ, ଅତିରିକ୍ତ ସେନ୍ୟଙ୍କ ମଧ୍ୟରେ ୧୦୦୦ ସୈନା ଯବାନ ଏବଂ ୫୦୦ ମେରାଇନ୍ ଯବାନ ଅଛନ୍ତି । ଏହି ମେରାଇନ୍ ଯବାନମାନଙ୍କୁ କାଲିଫର୍ନିଆରେ ଜଙ୍ଗଲ ନିଆଁ ଲିଭାଇବାକୁ ଡକାଯାଇଥିଲା । ଏବେ ସେମାନଙ୍କୁ ସୀମାକୁ ପଠାଯାଇଛି ।

ବରିଷ୍ଠ ସେନା ଅଧିକାରୀ କହିଛନ୍ତି ଯେ, ଏହି ବାହିନୀ ଶାରୀରିକ ପ୍ରତିବନ୍ଧକ ତଥା ଅନ୍ୟାନ୍ୟ ସୀମା ମିଶନ ସ୍ଥାପନ ଉପରେ କାର୍ଯ୍ୟ କରିବ । ସେମାନଙ୍କ ପାଇଁ ପ୍ରଥମ ଅପରେସନ୍ ଆଗାମୀ ୨୪ ରୁ ୪୮ଘଣ୍ଟା ମଧ୍ୟରେ ଆରମ୍ଭ ହେବ । ସେମାନେ ଆଗକୁ ବଢୁଛନ୍ତି । ଅଧିକାରୀ କହିଛନ୍ତି ଯେ,ସେଠାରେ କିଛି ଅତିରିକ୍ତ ଏରିଲ୍ ଇଣ୍ଟେଲିଜେନ୍ସ, ସିସିଟିଭି ଏବଂ ସପୋର୍ଟ ବ୍ୟବସ୍ଥା ମଧ୍ୟ ରହିପାରେ ଯାହା ପରିସ୍ଥିତିକୁ ନେଇ ସଚେତନତା ସୃଷ୍ଟି କରିବାକୁ ସୀମାରେ ମୁତୟନ କରାଯିବ ।

କାର୍ଯ୍ୟକାରୀ ପ୍ରତିରକ୍ଷା ମନ୍ତ୍ରୀ ରବର୍ଟ ସେଲ୍ସ କହିଛନ୍ତି ଯେ, ଦେଶରୁ ପ୍ରବାସୀମାନଙ୍କୁ ବାହାର କରିବା ପାଇଁ ଆମେରିକାର ସେନାବାହିନୀ ମଧ୍ୟ ବିମାନର ସହାୟତା ନେବେ । ସେ କହିଛନ୍ତି ଯେ ସାନ ଡିଏଗୋ, କାଲିଫର୍ନିଆ ଏବଂ ଏଲ ପାସୋ, ଟେକ୍ସାସ ଅଞ୍ଚଳରୁ ପାଞ୍ଚ ହଜାରରୁ ଅଧିକ ବେଆଇନ ବିଦେଶୀଙ୍କ ଦେଶାନ୍ତର ବିମାନରେ କରାଇବା ପାଇଁ ଗୃହ ସୁରକ୍ଷା ବିଭାଗକୁ ସହାୟତା କରିବାକୁ ସାମରୀକ ବିମାନ ଯୋଗାଇ ଦିଆଯିବ । ସେନା ଅଧିକାରୀ କହିଛନ୍ତି ଯେ, ପ୍ରାୟ ୧୦୦ ଆମେରିକୀୟ ସୈନିକ ବେଆଇନ ପ୍ରବାସୀଙ୍କ ନିର୍ବାସନ କାର୍ଯ୍ୟରେ ନିୟୋଜିତ ହେବେ ।

# ପୁରୁଷଙ୍କ ଚ୍ୟାଲେଞ୍ଜଗୁଡ଼ିକୁ ଅଣଦେଖା କରିବା ଉଚି ନୁହେଁ: ହାଇକୋର୍ଟ

**ବେଙ୍ଗାଲୁରୁ:** ଏକ ଛାଡପତ୍ର ମାମଲାର ଶୁଣାଣି କରିବା ସମୟରେ, କର୍ଣ୍ଣାଟକ ହାଇକୋର୍ଟର ଜଣେ ମହିଳା ବିଚାରପତି ଲିଙ୍ଗ ସମାନତା ଏବଂ ପୁରୁଷମାନଙ୍କ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଥିଲେ । ମହିଳା ବିଚାରପତି କହିଛନ୍ତି ଯେ ସମାଜରେ ପୁରୁଷମାନେ ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜଗୁଡ଼ିକୁ ଅଣଦେଖା କରାଯିବା ଉଚିତ ନୁହେଁ ଏବଂ ସମାନତା ପ୍ରକୃତ ଅର୍ଥରେ ହେବା ଉଚିତ, ଲିଙ୍ଗ ଆଧାରରେ ନୁହେଁ । ଏହି ମନ୍ତବ୍ୟ ଦେଇ, କୋର୍ଟ ପତ୍ନୀଙ୍କ ଆବେଦନକୁ ଖାରଜ କରିଦେଲେ ଏବଂ ତାଙ୍କୁ କଡ଼ା ଭର୍ତ୍ସନା କଲେ । ଯେଉଁ ଜିଲ୍ଲା କୋର୍ଟରେ ମାମଲାଟି ବର୍ତ୍ତମାନ ଚାଲିଛି ତାହା ସେମାନଙ୍କ ଘରଠାରୁ ୧୩୦ କିଲୋମିଟର ଦୂରରେ ଅବସ୍ଥିତ, ତେଣୁ ପତ୍ନୀ ମାମଲାଟିକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ କୋର୍ଟରେ ଆବେଦନ କରିଥିଲେ । ଏହା ଉପରେ ବିଚାରପତି ସ୍ପଷ୍ଟ କରିଥିଲେ ଯେ ପିଲାମାନେ ବାପାଙ୍କ ସହିତ ରହୁଛନ୍ତି, ସ୍ୱାମୀ ସେମାନଙ୍କର ଖାଦ୍ୟପେୟ ଏବଂ ଯତ୍ନ ନେବା ପାଇଁ ଦାୟୀ, ତେଣୁ ମାମଲା ସ୍ଥାନାନ୍ତର କଲେ ସ୍ୱାମୀ ଅଧିକ ଅସୁବିଧାର ସମ୍ମୁଖୀନ ହେବେ ।

ଜଷ୍ଟିସ୍ ଚିଲାକୁର ସୁମଲତା ମାମଲାର ଶୁଣାଣି କରୁଥିଲେ । ସେ କହିଥିଲେ ଯେ ସାମ୍ବିଧାନିକ ଭାବରେ ମହିଳାମାନେ ପୁରୁଷଙ୍କ ପରି ସମାନ ଅଧିକାର ପାଇଛନ୍ତି । ଅଧିକାଂଶ କ୍ଷେତ୍ରରେ, ମହିଳାମାନଙ୍କୁ ପୀଡିତା ବୋଲି ବିବେଚନା କରାଯାଏ, କିନ୍ତୁ ଏହାର ଅର୍ଥ ଏହା ନୁହେଁ ଯେ ପୁରୁଷମାନେ ନିଷ୍ଠୁରତାର ଶିକାର ହୁଅନ୍ତି ନାହିଁ, ତେଣୁ ଏକ ଲିଙ୍ଗ-ନିରପେକ୍ଷ ସମାଜର ଆବଶ୍ୟକତା ରହିଛି ।

ତାଙ୍କ ଆବେଦନରେ ପତ୍ନୀ କହିଛନ୍ତି ଯେ



ଚିକମଗଲୁର ଜିଲ୍ଲାର ନରସିଂହରାଜପୁରାରେ ଛାଡପତ୍ର ମାମଲା ଚାଲିଛି, ଯାହା ତାଙ୍କ ବାସଭବନରୁ ୧୩୦ କିଲୋମିଟର ଦୂରରେ ଅବସ୍ଥିତ, ତେଣୁ ତାଙ୍କୁ ପ୍ରତ୍ୟେକ ଥର ଶୁଣାଣି ପାଇଁ କୋର୍ଟରେ ପହଞ୍ଚିବାରେ ଅସୁବିଧା ହେଉଛି । ଆବେଦନକାରୀ ସିଭିଲ୍ ପ୍ରୋସିଜିଓର କୋଡ୍ (ସିପିସି)ର ଧାରା ୨୪ ଅନୁଯାୟୀ ଏକ ଆବେଦନ ଦାଖଲ କରିଛନ୍ତି ଏବଂ ମାମଲାକୁ ଶିବମୋଗା ଜିଲ୍ଲାର ହୋସାନାଗାରା କୋର୍ଟକୁ ସ୍ଥାନାନ୍ତର କରିବାକୁ ଆବେଦନ କରିଛନ୍ତି । ସ୍ତ୍ରୀଙ୍କ ଆବେଦନକୁ ବିରୋଧ କରି ସ୍ୱାମୀ କୋର୍ଟକୁ କହିଥିଲେ ଯେ ସେମାନଙ୍କର ଦୁଇଟି ସନ୍ତାନ ଅଛନ୍ତି ଏବଂ ଉଭୟ ସ୍ୱାମୀଙ୍କ ସହିତ ରୁହନ୍ତି । ସେ ଅଭିଯୋଗ କରିଛନ୍ତି ଯେ ତାଙ୍କ ସ୍ତ୍ରୀଙ୍କର ଅନ୍ୟ ଜଣଙ୍କ ସହିତ ଅବୈଧ ସମ୍ପର୍କ ଅଛି, ଯାହା ଯୋଗୁଁ ଆବେଦନକାରୀ ଘରୁ ବାହାରି ଯାଇଛନ୍ତି । ସେ କହିଥିଲେ ଯେ ପିଲାମାନଙ୍କର ଦାୟିତ୍ୱ ତାଙ୍କ ଉପରେ ଏବଂ ସେ ସେମାନଙ୍କ ପାଇଁ ଖାଦ୍ୟ ରାନ୍ଧନ୍ତି, ଖାଇବାକୁ ଦିଅନ୍ତି ଏବଂ ସ୍କୁଲକୁ ପଠାନ୍ତି । ଏହା ପରେ ସେ କୋର୍ଟକୁ ମଧ୍ୟ ଯାଆନ୍ତି । ସେ କହିଥିଲେ ଯେ ଯଦି ମାମଲା ସ୍ଥାନାନ୍ତରିତ ହୁଏ ତେବେ ତାଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ, ତେଣୁ ଆବେଦନ ଉପରେ ବିଚାର କରାଯିବା ଉଚିତ ନୁହେଁ ।

ଜଷ୍ଟିସ୍ ସୁମଲତା ମାମଲା ସ୍ଥାନାନ୍ତର ପାଇଁ ପତ୍ନୀଙ୍କ ଆବେଦନକୁ ଖାରଜ କରି କହିଛନ୍ତି ଯେ ସ୍ୱାମୀଙ୍କ ଚ୍ୟାଲେଞ୍ଜକୁ ଅଣଦେଖା କରାଯାଇପାରିବ ନାହିଁ । କୋର୍ଟ କହିଛନ୍ତି ଯେ କେବଳ ଜଣେ ମହିଳାଙ୍କ ଦ୍ୱାରା ସ୍ଥାନାନ୍ତର ଆବେଦନ ଦାଖଲ କରାଯାଇଥିବାରୁ ମାମଲା ସ୍ଥାନାନ୍ତର କରାଯାଇପାରିବ ନାହିଁ । ବିଚାରପତି କହିଥିଲେ ଯେ ସ୍ୱାମୀଙ୍କୁ ଏତେ କାମ କରିବାକୁ ପଡୁଛି, ତେଣୁ ଯଦି ମାମଲା ସ୍ଥାନାନ୍ତରିତ ହୁଏ ତେବେ ଏହା ସ୍ତ୍ରୀ ଅପେକ୍ଷା ସ୍ୱାମୀ ପାଇଁ ଅଧିକ ଅସୁବିଧାର କାରଣ ହେବ ।

ବିଚାରପତି ଆହୁରି କହିଛନ୍ତି, 'ସାମ୍ବିଧାନିକ ଭାବରେ, ମହିଳାମାନଙ୍କର ପୁରୁଷଙ୍କ ପରି ସମାନ ଅଧିକାର ଅଛି ।' ଅଧିକାଂଶ ପରିସ୍ଥିତିରେ ମହିଳାମାନେ ମୁଖ୍ୟ ଶିକାର ହୁଅନ୍ତି କିନ୍ତୁ ଏହାର ଅର୍ଥ ନୁହେଁ ଯେ ସ୍ୱାମୀମାନଙ୍କୁ ସେମାନଙ୍କ ସ୍ତ୍ରୀମାନଙ୍କଠାରୁ ନିଷ୍ଠୁରତାର ସମ୍ମୁଖୀନ ହେବାକୁ ପଡେ ନାହିଁ, ତେଣୁ ଏକ ଲିଙ୍ଗ ନିରପେକ୍ଷ ସମାଜର ଆବଶ୍ୟକତା ରହିଛି । ଏହାର ଉଦ୍ଦେଶ୍ୟ ହେଉଛି ଲିଙ୍ଗ ଭିତ୍ତିରେ କର୍ତ୍ତବ୍ୟର ପୃଥକୀକରଣକୁ ରୋକିବା । ଏପରି ଏକ ସମାଜ ଘରେ ଏବଂ କର୍ମକ୍ଷେତ୍ରରେ ମହିଳା ଏବଂ ପୁରୁଷଙ୍କ ପ୍ରତି ସମାନ ବ୍ୟବହାର ଉପରେ ଧ୍ୟାନ ଦେବ । ସମାନତା ଲିଙ୍ଗ ଭିତ୍ତିରେ ନୁହେଁ ବରଂ ପ୍ରକୃତ ଅର୍ଥରେ ହେବା ଉଚିତ । ମହିଳାଙ୍କ ସୁରକ୍ଷା ପାଇଁ ଆମର ପ୍ରୟାସ ଯେତେ ପ୍ରଶଂସନୀୟ ହେଉନା କାହିଁକି, ସମାଜରେ ପୁରୁଷମାନେ ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜଗୁଡ଼ିକୁ ଆମେ ଅଣଦେଖା କରିବା ଉଚିତ୍ ନୁହେଁ ।

# ଜିଲ୍ଲାସ୍ତରୀୟ ଜୁନିଅର ଫୁଟବଲ: ଆଗରପଡ଼ା ଚାମ୍ପିଅନ

ଦୋବଲ,୨୩।୧ (ସବ୍ୟୁ): ଗୁରୁବାର ଧାମନଗର ବ୍ଲକ ଦୋବଲ ସ୍ଥିତ କାଳୀ ପଡିଆରେ ଚାଲିଥିବା ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ କପ ଜୁନିୟର ଫୁଟବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଆଜିର ମ୍ୟାଚରେ ରୋଭର୍ଷ କ୍ଲବ ଭଦ୍ରକ ଓ ସୁବର୍ନେଶ୍ୱର କବ ଆଗରପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପେନାଲ୍ଟି ଶୋର୍ଟ ଆଉଟ ଆଧାରରେ ଆଗରପଡା ଟିମ ୩-୦ ରେ ବିଜୟ ହୋଇଛି। ଉଭୟ ଟିମ ମଧ୍ୟରେ ରୋମାଂଚକ ଖେଳ ହୋଇଥିଲା। ଖେଳର ହାଫରେ କେହି କହାକୁ ଗୋଲ ଦେଇପାରିନଥିଲେ। ଶେଷ ସମୟରେ ଉଭୟ ଟିମ ୧-୧ ଗୋଲ ଦେଇ ପ୍ରାଧାନ୍ୟ ବିସ୍ତାର କରି ଖେଳକୁ ଡ୍ର ରଖିଥିଲେ। ପରେ ଉଭୟଙ୍କ ମଧ୍ୟରେ ପେନାଲ୍ଟି ସୋର୍ଟ ଆଉଟ ହୋଇଥିଲା। ରୋଭର୍ଷ କ୍ଲବ ୩ଟି ପେନାଲ୍ଟି ଶୋର୍ଟ ଆଉଟ କରିଥିଲା। ହେଲେ ଏଥିରେ କୌଣସି ଗୋଲ୍ କରିପାରିନଥିଲା। ବିପକ୍ଷ ଆଗରପଡ଼ା ଟିମ ପକ୍ଷରୁ ୩ଟି ସୋର୍ଟ ଆଉଟରେ ୩ଟି ଗୋଲ କରି ଚାମ୍ପିଅନ ହୋଇଥିଲା। ଏଥିରେ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇ ଚମ୍ପିୟାନ ଓ ରନର୍ଶ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ଅତିରିକ୍ତ ଉପ ଜିଲ୍ଲାପାଳ ସ୍ୟାମଳେନ୍ଦୁ ରାୟ,ତହସିଲଦାର ଦୀପକ ଦାସ,ବିଡ଼ିଓ ବନବିହାରୀ ଦିନ୍ଦା,ପ୍ରେସକ୍ଲବ ସମ୍ପାଦକ ରଜତ ପଣ୍ଡା,ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ,ଏନଏସି ଅଧିକାରୀ ସନ୍ତୋଷ ନାୟକ,ସାଂସଦଙ୍କ ପ୍ରତିନିଧି ମନୋଜ ରଞ୍ଜନ ମଲ୍ଲିକ,ମନ୍ତ୍ରୀଙ୍କ ଏନେସି ପ୍ରତିନିଧି କୈଳାସ ମହାପାତ୍ର,ସାଂସଦଙ୍କ ପ୍ରତିନିଧି ସରୋଜ ମହାପାତ୍ର,ଖେଳ ପ୍ରଶିକ୍ଷକ ସୁନିଲ ମିତ୍ର,ଅରବିନ୍ଦ ପତି,ରାମଚନ୍ଦ୍ର ମିଶ୍ର ଓ ପ୍ରମୋଦ ସୁତାରଙ୍କ ସମେତ ଜିଲ୍ଲା କ୍ରିକେଟ ଆସୋସିଏସନ୍ ସଭାପତି ଉପେନ୍ଦ୍ର ବାରିକ୍,ଜିଲ୍ଲା ଆଥଲେଟିକ ଆସୋସିଏସନର କୋଷାଧ୍ୟକ୍ଷ ବ୍ୟୋମକେଶ ସେନାପତି,ଚତୃଭୂଜ ନାୟକ ଅନ୍ୟମାନେ ଯୋଗଦେଇଥିଲେ। ଦୀର୍ଘ ସାତଦିନ ବ୍ୟାପୀ ଚାଲିଥିବା ମ୍ୟାଚରେ ଆଇନଜୀବୀ ରଞ୍ଜିତ ମହାନ୍ତି ଓ ନାରାୟଣ ସାହାଣି ପରିଚାଳନାରେ କାର୍ଯ୍ୟ ତୁଲାଇଥିଲେ ।

# ସୁପର ସିକ୍ସରେ ଭାରତ




କୋଲାଲମ୍ପୁର,୨୩।୧ (ଏଜେନ୍ସି): ୧୯ ବର୍ଷରୁ କମ୍ ମହିଳା ବିଶ୍ୱକପ୍‌ର ସୁପର ସିକ୍ସରେ ଭାରତ ପ୍ରବେଶ କରିଛି । ଗୁରୁବାର ଭାରତ ୬୦ ରନ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଭାରତ ୯ ୱିକେଟ୍ ହରାଇ ୧୧୮ ରନ୍ କରିଥିଲା । ଗୋଗାନ୍ଧି ତ୍ରିସା ଦଳ ପକ୍ଷରୁ ସର୍ବାଧିକ ୪୯ ରନ୍ କରିଥିଲେ । ଶ୍ରୀଲଙ୍କା ୧୧୯ ରନ୍‌ର ଲକ୍ଷ୍ୟକୁ ପିଛା କରି ୨୦ ଓଭରରେ ୫୮ ରନ୍ କରିବାକୁ ସକ୍ଷମ ହୋଇଥିଲା । ରଶ୍ମିତା ସର୍ବାଧିକ ୧୫ ରନ୍ କରିଥିବା ବେଳେ ଅନ୍ୟମାନେ ୨ ଅଙ୍କ ଛୁଇଁ ପାରିନଥିଲେ । ଭାରତ ପକ୍ଷରୁ ସବନମ ଭିଜେ ଜ୍ୟୋସିସ୍ତ ଓ ପରୁଣିମା ସିସୋଡିଆ ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ । ଗ୍ରୁପ୍ ଏର ଶୀର୍ଷ ସ୍ଥାନ ରହି ଭାରତ ସହଜରେ ସୁପର ସିକ୍ସକୁ ଉନ୍ନୀତ ହୋଇଛି ।

## ରଣଜୀ ଟ୍ରଫି

# ରୋହିତ, ଗିଲ୍, ଯଶସ୍ୱୀ ବିଫଳ





ମୁମ୍ବାଇ,୨୩।୧ (ଏଜେନ୍ସି): ୧୦ ବର୍ଷ ପରେ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ରଣଜୀ ଟ୍ରଫି ଖେଳିଛନ୍ତି । ମୁମ୍ବାଇ ପକ୍ଷରୁ ରଣଜୀ ଖେଳୁଥିବା ରୋହିତ ଜମ୍ମୁ-କାଶ୍ମୀର ବିପକ୍ଷରେ ମାତ୍ର ୩ ରନ୍ କରି ଆଉଟ୍ ହୋଇଛନ୍ତି । ସେ ୧୯ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ । କେବଳ ରୋହିତ ନୁହଁନ୍ତି, ଭାରତୀୟ ଦଳର ଅନ୍ୟତମ ତାରକା ଖେଳାଳି ଯଶସ୍ୱୀ ଜୟଶ୍ୱାଲ, ଶ୍ରେୟାସ ଆୟର, ଆଜିଙ୍କ୍ୟ ରାହାଣେ ମଧ୍ୟ ବିଫଳ ହୋଇଛନ୍ତି । ଯଶସ୍ୱୀ ୮ ବଲ୍‌ରେ ୪ ରନ୍, ରାହାଣେ ୧୭ ବଲ୍‌ରେ ୧୨ ରନ୍ ଏବଂ ଆୟର ୧୧ ରନ୍ କରିଥିଲେ । ଶିବମ ଦୁବେ, ଜୟଶ୍ୱାଲ ଓ ଆୟର ଫପ୍ଲ ହେବା ପରେ ଭାରତୀୟ ଦଳର ଚିନ୍ତା ବଢ଼ିଛି । ଚାମ୍ପିଅନ୍ସ ଟ୍ରଫିରେ ଏହି ଖେଳାଳିମାନେ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି । ରଣଜୀ ଟ୍ରଫି ଖେଳି ନିଶ୍ଚିତ ଭାବେ ଫର୍ମ ଫେରିପାଇବାରେ ସହାୟକ ହେବ ବୋଲି ପୂର୍ବତନ କ୍ରିକେଟ୍‌ର ସୁନୀଲ ଗାଭାସ୍କର କହିଛନ୍ତି । ଜମ୍ମୁ-କାଶ୍ମୀରର ଦ୍ରୁତ ବୋଲର ଉମର ନାଜିର ମୀର ଚର୍ଚ୍ଚାକୁ ଆସିଛନ୍ତି । ସେ ମୁମ୍ବାଇ ବିପକ୍ଷ ମ୍ୟାଚରେ ଦମ୍‌ଦାର ବୋଲିଂ କରି ରୋହିତ ଶର୍ମା, ଆଜିଙ୍କ୍ୟ ରାହାଣେ ଓ ଶିବମ ଦୁବେଙ୍କ ଭଳି ଷ୍ଟାର ବ୍ୟାଟରଙ୍କୁ ଚକମା ଦେଇ ପାଭିଲିୟନ୍ ପଠାଇଛନ୍ତି । ଉମର ମୁମ୍ବାଇର ଅନ୍ୟତମ ତାରକା ହାର୍ଦ୍ଦିକ ତାମୋରେଙ୍କ ୱିକେଟ୍ ବି ନେଇଛନ୍ତି । ୩୧ ବର୍ଷୀୟ ଉମର ନିଜର ବୋଲିଂ ମାଧ୍ୟମରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି । ନିଜର ପେସ ଓ ବାଉନ୍ସ ମାଧ୍ୟମରେ ନିୟମିତ ଭାବେ ମୁମ୍ବାଇର ବ୍ୟାଟରଙ୍କୁ ଘାଇଲା କରିଚାଲିଥିଲେ । ସେ ୧୧ ଓଭର ବୋଲିଂ କରି ୪୧ ରନ୍ ଦେବା ସହ ୪ ୱିକେଟ୍ ଦଖଲ କରିଛନ୍ତି । ଏଥି ଯୋଗୁଁ ତାରକା ଖଚିତ ମୁମ୍ବାଇ ପ୍ରଥମ ଇନିଂସରେ ୧୨୦ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ୬.୪ ଫୁଟ୍ ଉଚତାର ମୀରଙ୍କ ଦ୍ରୁତ ବୋଲିଂ ଦେଖି ସମସ୍ତେ ପ୍ରଭାବିତ ହୋଇଛନ୍ତି ।

## ମେଘାଳୟ ୧୯୮, ଓଡ଼ିଶା ୭୦/୦

ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍ ଏର ଏକ ମ୍ୟାଚରେ ମେଘାଳୟକୁ ଭେଟିଛି ଓଡ଼ିଶା । ମେଘାଳୟ ପ୍ରଥମ ଇନିଂସରେ ୧୯୮ ରନ୍ କରି ଅଲ୍‌ଆଉଟ୍ ହୋଇଥିବା ବେଳେ ପ୍ରଥମ ଦିବସ ଷ୍ଟମ୍ପଅପସାରଣ ବେଳକୁ ଓଡ଼ିଶା ୧୮ ଓଭରରେ ବିନା କୌଣସି ୱିକେଟ୍ ହରାଇ ୭୦ ରନ୍ କରିଛି । ସ୍ୱସ୍ତିକ ସାମଲ ୪୪ ଓ ସାନ୍ତ୍ୱନୁ ମିଶ୍ର ୨୩ ରନ୍ କରିଛନ୍ତି । ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ମେଘାଳୟ ପକ୍ଷରୁ ବାମନଭା ୧୪, ନିଶାନ୍ତ ଚକ୍ରବର୍ତ୍ତୀ ୨୭, ଅଜୟ ଦୁହାନ ୧୫, ସୁନୀଲ କୁମାର ୪୦, ଯଶକିରଣ ସିଂ ୪୩ ଓ ୱାନଲାମ୍ଫବୁକ୍ ୧୫ ରନ୍ କରିଥିଲେ । ଓଡ଼ିଶାର ତାପସ ଦାସ ସର୍ବାଧିକ ୬ ୱିକେଟ ଅକ୍ତିଆର କରି ମେଘାଳୟର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ । ତାପସ ୨୦ ଓଭରରେ ୩ ମେଡ଼େନ୍ ସହ ୬୭ ରନ୍ ଦେଇ ଗୁରୁତ୍ୱପୂର୍ଣ୍ଣ ୬ ୱିକେଟ୍ ଅକ୍ତିଆର କରିଥିଲେ । ସୁନୀଲ ରାଉଲ ୩ଟି ଓ ସୁନୀତ ଶର୍ମାଙ୍କୁ ଗୋଟିଏ ୱିକେଟ୍ ସଫଳତା ମିଳିଥିଲା । ଓଡ଼ିଶା ଦଳ ମେଘାଳୟ ଇନିଂସ ଠାରୁ ୧୨୮ ରନ୍ ପଛରେ ରହିଛି ।

## ସର୍ବ ଭାରତୀୟ ଏଜି କପ୍ କ୍ରିକେଟ୍

# ସେମିଫାଇନାଲରେ କୋଲକାତା



କୋରେଇ ୨୩।୧୨ (ସବ୍ୟୁ): କୋରେଇ ବ୍ଲକ ଅନ୍ତର୍ଗତ ବନ୍ଦାଳ ପଞ୍ଚାୟତ ସ୍ଥିତ ଦୁଲାଖାପାଟଣା ମା ମଙ୍ଗଳା ଷ୍ଟାଡ଼ିୟମ ଠାରେ ମା ମଙ୍ଗଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ସର୍ବ ଭାରତୀୟ ଏଜିକପ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ରାଉଣ୍ଡର ଦ୍ୱିତୀୟ କ୍ୱାର୍ଟରଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏଏଣ୍ଡଏସ କୋଲକାତା ସହ ଏନ୍‌ଏନ୍‌ଏସ୍ ଉତ୍ତରପ୍ରଦେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଟସ୍ ଜିତି ଏନ୍‌ଏନ୍‌ଏସ୍ ଉତ୍ତରପ୍ରଦେଶ ବୋଲିଂ କରିବାକୁ ନିଷ୍ପତି ନେଇ ଏଏଣ୍ଡଏସ କୋଲକତାକୁ ବ୍ୟାଟିଂ କରିବାକୁ ଆମନ୍ତଣ କରିଥିଲା । ଏଏଣ୍ଡଏସ କୋଲକତା ନିର୍ଦ୍ଧାରିତ ୨୫ ଓଭର ଖେଳି ସମସ୍ତ ୱିକେଟ ହରାଇ ୨୦୨ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ଏଏଣ୍ଡଏସ କୋଲକତା ୨୦୩ ରନ୍‌ର ବିଜୟ ଲକ୍ଷ୍ୟନେଇ ୨୫ ଓଭର ଖେଳି ୮ ୱିକେଟ ହରାଇ ୧୪୩ ରନ୍ କରି ପରାଜୟ ସ୍ୱିକାର କରିଥିଲା । ଆଜିର ମ୍ୟାଚ୍‌ରେ ବିଜୟ ଦଳର କୌଶିକ ସିଂ ୨୩ ଟି ବଲ ଖେଳି ୩୦ ରନ୍ ସଂଗ୍ରହ କରିଥିବା ବେଳେ ୫ ଓଭର ବୋଲିଂ କରି ୧ ଟି ମ୍ୟାଡେନ୍ ଓଭର ସହ ୨୩ ରନ୍ ବିନିମୟରେ ୩ ୱିକେଟ ନେଇ ଉଭୟ ବ୍ୟାଟିଂ ଓ ବୋଲିଂରେ ସୁନ୍ଦର ଖେଳ ପ୍ରଦର୍ଶନ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପାଇଁ ବିବେଚିତ କରାଯାଇ ଆଜିର ଅତିଥି ମା ମଙ୍ଗଳା କିକ୍ରେଟ ବ୍ଲକର ସତ୍ୟରଂଜନ ମିଶ୍ରଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଆଜିର ମ୍ୟାଚ୍‌କୁ ଆଶୁତୋଷ ପାଣୀ ଓ ପ୍ରାଣନାଥ ଜେନା ପରିଚାଳନା କରିଥିଲେ। କିରନ ମନୋହର ମହାନ୍ତି ସ୍କୋରର ରହିଥିବା ବେଳେ ବୁବୁ ସିଂହ୍ନା ଓ ସେକ୍ ଇମ୍ରାନ ଓ ସତ୍ୟରଂଜନ ମିଶ୍ର ଧାରାବିବରଣୀ ପ୍ରଦାନ କରିଥିଲେ । ଆସନ୍ତା କାଲି ଦ୍ୱିତୀୟ ରାଂଉଣ୍ଡର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ୟୁନିୟନ ସ୍ପୋର୍ଟିଙ୍ଗ ଝାଡ଼ଖଣ୍ଡ ସହ ଏଣ୍ଡଏସ କୋଲକତା ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ମା ମଙ୍ଗଳା କ୍ରିକେଟ କ୍ଲବର ସଭାପତି ଅଲେଖ ପ୍ରସାଦ କୁଣ୍ଡୁ, ପ୍ରତାପ ଚନ୍ଦ୍ର ମହାରଣା, ନରେଶ ବାଇ, ସତ୍ୟଜିତି ବେହେରା, ନିତ୍ୟାନନ୍ଦ ଜେନା, ଅଭିନାଶ ଦାସ, ଜଗବଂଧୁ ଜେନା, ମାନସ ରଂଜନ ଜେନା,ଶ୍ୟାମ ସୁନ୍ଦର ପାଗଳ, ନୃସିଂହ ଜେନା, କୁଳମଣୀ ସାହୁ, ଅଜୟ ମହାକୁଡ, କାର୍ତିକ ଜେନା, କାର୍ତିକ ସାହୁଙ୍କ ସମେତ ମା' ମଙ୍ଗଳା କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ଟୁର୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

## ବାଲେଶ୍ୱର ଜିଲ୍ଲା ସିନିୟର କ୍ରିକେଟ୍

# ଆଦର୍ଶ କ୍ଲବ ଚାମ୍ପିଅନ

ବାଲେଶ୍ୱର,୨୩।୧ (ସବ୍ୟୁ): ବାଲେଶ୍ୱର ଜିଲ୍ଲା କ୍ରୀଡ଼ାସଂଘ ଓ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ ପରମିଟ ପଡ଼ିଆରେ ଚାଲିଥିବା ଜିଲ୍ଲା ଆନ୍ତକ୍ଲବ ସିନିୟର କ୍ରିକେଟ ପ୍ରତିଯୋଗୀତା ଉଦ୍‌ଯାପିତ ହୋଇଯାଇଛି । ପ୍ରତିଯୋଗୀତାର ଫାଇନାଲ ମ୍ୟାଚ ଆଦର୍ଶ କ୍ଲବ ଓ ସମ୍ରାଟ କ୍ଲବ ମଧ୍ୟରେ ହୋଇଥିଲା । ପ୍ରଥମେ ଆଦର୍ଶ କ୍ଲବ ବ୍ୟାଟିଂ କରି ସମସ୍ତ ୱିକେଟ ହରାଇ ୧୫୩ରନ୍ ସଂଗ୍ରହ କରିଥିଲେ । ଦଳପକ୍ଷରୁ ଅରୁଣ ରାଉତ ୩୭ ରନ୍ ଏବଂ ସର୍ବେଶ୍ୱର ମହାନ୍ତି ୩୦ ରନ୍ ସଂଗ୍ରହ କରିଥିଲେ । ସମ୍ରାଟ କ୍ଲବର କମଲେଶ ପାତ୍ର ସର୍ବାଧିକ ତିନୋଟି ୱିକେଟ ଦଖଲ କରିଥିଲେ । ଏହାର ଜବାବରେ ସମ୍ରାଟ କ୍ଲବ ୩୨.୩ ଓଭରରେ ୧୧୯ରନ୍ ସଂଗ୍ରହ କରି ସମସ୍ତ ୱିକେଟ ହରାଇ ମ୍ୟାଚ ହାରି ଯାଇଥିଲେ । ଦଳପକ୍ଷରୁ ସୁଭ୍ରାଂଶୁ ସେଠୀ ୨୭ ରନ୍ ଏବଂ ପ୍ରକାଶ ରାଉତ ୨୨ ରନ୍ ସଂଗ୍ରହ କରିଥିଲେ । ଆଦର୍ଶ କ୍ଲବର ବିଶାଳ ଦାସ ସର୍ବାଧିକ ୪ଟି ୱିକେଟ ଦଖଲ କରିଥିଲେ । ବୁଧବାର ଦିନ ଅନୁଷ୍ଠିତ ଏହି ମ୍ୟାଚକୁ ଏମ୍ପାୟାର ଅମିତ ଅମିତାଭ ମହାକୁଡ଼ ଓ ଶାନ୍ତନୁ ଦାସ ପରିଚାଳନା କରିଥିଲେ । ସୌମେନ୍ଦ୍ର ସାହୁ ଓ ରାହୁଲ ସିଂ ସ୍କୋରର ଥିଲେ । ଏହି ଉଦ୍‌ଯାପନୀ ସଭାରେ କ୍ରୀଡ଼ାସଂଘର କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ରଙ୍କ ସମେତ ପଦ୍ମଲୋଚନ ଲେଙ୍କା ସୁକାନ୍ତ ନାଏକ ବକ୍ତବ୍ୟ ରଖିଥିବା ବେଳେ ଅତିଥିମାନଙ୍କ ଦ୍ୱାରା ବିଜେତା ଏବଂ ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା ।




# ଗୁରୁ ବ୍ରଦର୍ସ ଏଣ୍ଟରଟେନମେଣ୍ଟ କପ: ଡାଳିକାଏନ୍ଦା ଚାମ୍ପିଅନ




ରାଜକନିକା,୨୩।୧ (ସବ୍ୟୁ): ରାଜକନିକା ବ୍ଲକ ଡାଳିକାଏନ୍ଦା ଠାରେ ଚାଲିଥିବା ଡ଼. ହୟଗ୍ରୀବ ଗୁରୁଙ୍କ ପ୍ରାୟୋଜିତ ପଞ୍ଚମ ବାର୍ଷିକ ଗୁରୁ ବ୍ରଦର୍ସ ଏଣ୍ଟରଟେନମେଣ୍ଟ କପ ଉଦଯାପିତ ହୋଇଯାଇଛି । ଏହି ଖେଳରେ ବିପ୍ଳବୀ ଆନନ୍ଦ ଚନ୍ଦ୍ର କ୍ରିକେଟ କ୍ଲବ ଡାଳିକାଏନ୍ଦା ଶିବ ସୁନ୍ଦର କ୍ରିକେଟ କ୍ଲବ ବଡାଗରକୁ ୮ ୱିକେଟ ରେ ପରାସ୍ତ କରି ଚାମ୍ପିଅନ ହୋଇଛି । ବଡାଗର ପ୍ରଥମେ ବ୍ୟାଟିଂ କରି ୧୮.୦୨ ଓଭରରେ ସମସ୍ତ ୱିକେଟ ହରାଇ ୧୦୦ ରନ କରିଥିବାବେଳେ ଡାଳିକାଏନ୍ଦା ୧୨ ଓଭର ରେ ୨ ୱିକେଟ ହରାଇ ୧୦୧ ରନ କରି ବିଜୟ ଲାଭ କଲା । ସାମାଜିକ କର୍ମୀ କୈଳାସ ଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଗ୍ନିଶମ ବିଭାଗ ଅଧିକାରୀ ସୁଶାନ୍ତ ଦାସ, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ବିଦ୍ୟାଧର ବେହେରା ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ବସୁଦେବ ସ୍ୱାଇଁ, ଗୁରୁ ବ୍ରଦର୍ସ ପକ୍ଷରୁ ଅନିଲ ଗୁରୁ, ଗ୍ରାମ ସଭାପତି ରବୀନ୍ଦ୍ର ସ୍ୱାଇଁ, ପ୍ରାକ୍ତନ ସରପଞ୍ଚ ପ୍ରଶାନ୍ତ ସାହୁ, ମୋହନ ବେହେରା ପ୍ରମୁଖ ଯୋଗଦେଇ ଗୁରୁ ବ୍ରଦର୍ସ ପ୍ରଦତ୍ତ ବିଜେତା ଦଳକୁ ୧୫ ହଜାର ଟଙ୍କା ସହିତ ଟ୍ରଫି ଓ ଉପବିଜେତା ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିବା ସହିତ ବିଜେତା ଦଳର ବିକ୍ରମ ସ୍ୱାଇଁ ଓ ମାନସ ନାୟକ ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାଚ ଅଫ ଦି ସିରିଜ ପୁରସ୍କାର କରିଥିଲେ ।

## ମୁଖ୍ୟମନ୍ତ୍ରୀ କପ୍

# ଶାରଳା, ସୁବର୍ଣ୍ଣେଶ୍ୱରୀ, ଟାଉନ୍ କ୍ଲବ୍ ଚାମ୍ପିଅନ୍

ଭୁବନେଶ୍ୱର,୨୩।୧ (ସବ୍ୟୁ): ୧୫ ବର୍ଷରୁ କମ୍ ଅନ୍ତଃ କ୍ଲବ୍ ଜିଲ୍ଲାସ୍ତରୀୟ ଫୁଟବଲ ଚାମ୍ପିଅନ୍‌ସିପ୍ ମୁଖ୍ୟମନ୍ତ୍ରୀ କପ୍‌ରେ ଏକାଧିକ ଜିଲ୍ଲାର ଫଳାଫଳ ଆସିଛି । ଢ଼େଙ୍କାନାଳରେ ଶାରଳା କ୍ଲବ୍ ଚାମ୍ପିଅନ୍ ଓ ଜୟଦୁର୍ଗା କ୍ଲବ୍ ରନର୍ସ ଅପ୍, ଅନୁଗୁଳରେ ନାଲ୍‌କୋ କପ୍ ଚାମ୍ପିଅନ୍ ଓ ଏଫ୍‌ସିଆଇ ରନର୍ସ ଅପ୍, ଭଦ୍ରକରେ ସୁବର୍ଣ୍ଣେଶ୍ୱରୀ କ୍ଲବ୍ ଚାମ୍ପିଅନ୍, ରୋଭର୍ସ କପ୍ ରନର୍ସ ଅପ୍ । ଝାରସୁଗୁଡାରେ, ଝାରସୁଗୁଡାରେ ପିଆର୍‌ଚକି କ୍ଲବ୍ ଚାମ୍ପିଅନ୍ ଓ ଉତ୍କଳ ଆଥଲେଟିକ୍ କପ୍ ରନର୍ସ ଅପ୍, କେନ୍ଦ୍ରାପଡ଼ାରେ ରାଜକନିକା ଚାମ୍ପିଅନ୍ ଓ ଟାଉନ୍ କ୍ଲବ୍ ରନର୍ସ ଅପ୍ । ଖୋର୍ଦ୍ଧାରେ ଚଟଣୀ ଏଫ୍‌ସି ଚାମ୍ପିଅନ୍ ଓ କୁଶପାଲ ରନର୍ସ ଅପ୍, ସୁନ୍ଦରଗଡ଼ରେ ଟାଉନ୍ କ୍ଲବ ଚାମ୍ପିଅନ୍ ଓ କୁଣ୍ଡୁକେଲା ରନର୍ସ ଅପ୍ । ରାଉରକେଲାରେ ଆଦିବାସୀ କ୍ଲବ୍ ଚାମ୍ପିଅନ୍ ଓ ଗଙ୍ଗାପୁର ରନର୍ସ ଅପ୍ ହୋଇଛି ।




## ନାଲ୍‌କୋ ଚାମ୍ପିଅନ୍

ତାଳଚେରର ଗ୍ରୀନ୍‌ଗ୍ରାସ୍ ଷ୍ଟାଡିୟମ୍‌ରେ ସିଏମ୍ ଟ୍ରଫି ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଫାଇନାଲରେ ନାଲକୋ ଦଳ ୫-୨ ଟାଇବ୍ରେକର ଜରିଆରେ ଏଫ୍‌ସିଆଇ ଦଳକୁ ପରାସ୍ତ କରିଥିଲା । ପ୍ରତିଭା ଅନେକ ଲକ୍ଷ ଏକ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରାମ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ, ଫୁଟବଲ ଆସୋସିଏସନ୍ ଅଫ୍ ଓଡ଼ିଶା, ଜିଲ୍ଲା ପ୍ରଶାସନ ଅନୁଗୁଳ ଓ ଜିଲ୍ଲା କ୍ରୀଡା ସଂସଦ ଅନୁଗୁଳଙ୍କ ଆୟୋଜନରେ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଅକ୍ଷୟ କୁମାର ସିଠ (କ୍ରୀଡା ଅଧିକାରୀ), ଗୌର ଗୋବିନ୍ଦ ସାମନ୍ତ, ନେତ୍ରା ନନ୍ଦ ମହାକୁଡ, ପେସ୍କାର ଗଡନାୟକ, କିଶୋର କୁମାର କର, ବିଭୂତି ଭୂଷଣ ସାହୁ, ଅଶୋକ ମହାନ୍ତି, ରୁଚିର କୁମାର ଦାସ, ରମେଶ ଚନ୍ଦ୍ର ସାହୁ, ସୁମିତ କୁମାର ଗଡନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନା

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି। **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି